ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୮
ତିଥି : ଅମାବାସ୍ୟା
୨୫ ଜୁନ୍ ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 258
25 June 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



# ଚଟଣି



## ଶୁଭ ଜନ୍ମଦିନ
# ସୁଚେତା କୃପାଲନି



ସୁଚେତା କୃପାଲାନି ଜଣେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତ୍ରୀ ଥିଲେ । ୧୯୬୩ ମସିହା ଅକ୍ଟୋବର ମାସରେ ସେ ଭାରତର ସର୍ବପ୍ରଥମ ମହିଳା ଓ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ ଭାର ଗ୍ରହଣ କରି ୧୯୬୭ ମସିହା ଯାଏଁ ଶାସନ ଭାର ସମ୍ଭାଳି ଥିଲେ । ସୁଚେତାଙ୍କ ଜନ୍ମ ୨୫ ଜୁନ ୧୯୦୮ରେ- ତତ୍କାଳୀନ ପଞ୍ଜାବର ଅମ୍ବାଲା଼ (ବର୍ତ୍ତମାନ ହରିୟାଣା)ରେ ହୋଇଥିଲା । ତାଙ୍କର ପିତାମାତା ବଙ୍ଗାଳୀ ବ୍ରାହ୍ମ ସମାଜର ଥିଲେ । ସେ ଇନ୍ଦ୍ରପ୍ରସ୍ଥ କଲେଜ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ପାଠ ପଢିସାରି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ସାମ୍ବିଧାନିକ ଇତିହାସରେ ଅଧ୍ୟାପିକା ଭାବେ କାର୍ଯ୍ୟ କରିଥିଲେ । ୧୯୩୬ ମସିହାରେ ସେ କଂଗ୍ରେସ ନେତା ଆଚାର୍ଯ୍ୟ କୃପାଲନିଙ୍କୁ ବିବାହ କରିଥିଲେ । ସୁଚେତା ମଧ ମହାତ୍ମା ଗାନ୍ଧୀଙ୍କଦ୍ୱାରା ପ୍ରେରିତ ହୋଇ ଭାରତ ଛାଡ଼ ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ । ଭାରତ ସ୍ୱାଧୀନ ହେବା ପୂର୍ବରୁ ସମ୍ବିଧାନ ପ୍ରଣୟନ ପାଇଁ ଗଠିତ ବିଧାୟକ ସଭାକୁ ସେ ନିର୍ବାଚିତ ହେଇଥିଲେ । ୧୯୪୦ ମସିହାରେ ସ୍ଥାପିତ ହେଇଥିବା ସର୍ବ ଭାରତୀୟ ମହିଳା କଂଗ୍ରେସ ସୁଚେତା କୃପାଲନି ସ୍ଥାପନ କରିଥିଲେ, ଏଭଳି ତାଙ୍କର ଅନେକ କୃତି ରହିଛି ଯାହା ଆଜି ବି ତାଙ୍କୁ ଅମର କରି ରଖିଛି । କର୍ମନିଷ୍ଠ ସୁଚେତାଙ୍କର ମାତ୍ର ୬୬ ବର୍ଷରେ ୧୯୭୪ ମସିହା ଡିସେମ୍ବର ୧ ତାରିଖରେ ପରଲୋକ ହୋଇଥିଲା ।

## ଇତିହାସ

୧୯୩୨- ଭାରତୀୟ କ୍ରିକେଟ୍ ଟିମ୍ ବ୍ରିଟେନ୍‌ରେ ଏହାର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଲା ।

୧୯୪୭- ଏନ୍ ଫ୍ରାଙ୍କ୍‌ର ଡାଏରୀ ଅଫ୍ ଏ ୟଙ୍ଗ୍ ଗାର୍ଲ ଆଜିର ଦିନରେ ପ୍ରକାଶିତ ହୋଇଥିଲା । ଏହା ବେଶ୍ ଲୋକପ୍ରିୟ ହୋଇଥିବା ବେଳେ ୬୭ଟି ଭାଷାରେ ଏହାକୁ ଅନୁବାଦ କରାଗଲା ।

୧୯୫୦- ଉତ୍ତର ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ ହେଲା, ଯାହା ଆଗକୁ ଅନ୍ତର୍ଜାତୀୟ ଶୀତଳ ଯୁଦ୍ଧର ରୂପ ନେଇଥିଲା ।

୧୯୫୧- ଆମେରିକା ଟେଲିଭିଜନ୍ ଏବଂ ରେଡିଓ ନେଟ୍‌ୱର୍କ ସିବିଏସ୍ ନ୍ୟୁୟର୍କର ଚାରୋଟି ସହରରେ ପ୍ରଥମ ରଙ୍ଗୀନ ଟିଭି ପ୍ରୋଗ୍ରାମ୍‌ର ପ୍ରସାରଣ କଲା ।

୧୯୭୪- ବଲିଉଡ୍ ଅଭିନେତ୍ରୀ କରିଷ୍ମା କପୁରଙ୍କ ଜନ୍ମ ।

୧୯୭୫- ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ଆଶଙ୍କା କରି ତତ୍କାଳୀନ ଭାରତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏକତରଫା ଆପାତକାଳୀନ ସ୍ଥିତି ଘୋଷଣା କଲେ, ଯାହା ଦୁଇବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିଲା ।

୧୯୮୩- ୱେଷ୍ଟଇଣ୍ଡିଜ୍‌କୁ ୪୩ ରନ୍‌ରେ ହରାଇ ଭାରତ ପ୍ରଥମଥର ପାଇଁ ବିଶ୍ୱକପ୍ ଟାଇଟେଲ୍ ଜିତିଲା ।

୧୯୯୩- କିମ୍ କ୍ୟାମ୍ପବେଲ୍ କାନାଡାର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ ।

୨୦୦୯- ମ୍ୟୁଜିକ୍ ଏବଂ ଡ୍ୟାନ୍ସର ନୂତନ ପରିଭାଷା ଲେଖିଥିବା ମାଇକେଲ୍ ଜ୍ୟାକ୍ସନ୍‌ଙ୍କ ନିଧନ ହୋଇଥିଲା ।

# ବ୍ୟାୟାମ ସମୟରେ ଚଞ୍ଚଳ ମନ ଭଲ

ସବୁବେଳେ ବଡ ଲୋକମାନେ ବ୍ୟାୟାମ କରିବା ସମୟରେ ବେଶ୍ ସିରିଏସ୍ ରହି ଏହାକୁ କରିଥାଆନ୍ତି । ସେମାନେ ଚୁପଚାପ ଶାନ୍ତଭାବେ ୱାର୍କଆଉଟ୍ କରିଥାଆନ୍ତି, ହେଲେ ଏହି ସମୟରେ ମନକୁ ଛୋଟ ପିଲାଙ୍କ ଭଳି ଚଞ୍ଚଳ ରଖିବାର ଆବଶ୍ୟକତା ରହିଛି । ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ୱାର୍କଆଉଟ୍ କରିବା ସମୟରେ ମନ ଚଞ୍ଚଳ ବା ଆକ୍ଟିଭ ରହିଲେ ଏହାର ଭଲ ପ୍ରଭାବ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ପଡିଥାଏ । ପିଲାମାନେ ଯେତେବେଳେ ୱାର୍କଆଉଟ୍ କରନ୍ତି ସେ ସମୟରେ କେବେ ହେଲେ ବି ସେମାନେ କୌଣସି କଥା ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ସେହିଭଳି ଆମକୁ ୱାର୍କଆଉଟ୍ କରିବା ସମୟରେ କୌଣସି କଥା ପ୍ରତି ଧ୍ୟାନ ନଦେଇ ଖୁସି ମନରେ ଏହାକୁ କରିବାର ଅଛି, ଯାହା ଫଳରେ ଏହାର ଭଲ ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡିବ । ତେଣୁ ଯେତେବେଳେ ବି ୱାର୍କଆଉଟ୍ କରୁଛନ୍ତି ସେତେବେଳେ ଗମ୍ଭୀର ରୁହନ୍ତୁ ନାହିଁ । ଖୁସି ମନରେ ଏହାକୁ କରନ୍ତୁ ଦେଖିବେ ଅନେକ ଫାଇଦା ପାଇବେ ।





# ଅଜବ ସେବା ପାଇଁ ହୋଟେଲ୍‌କୁ ଟ୍ରୋଲିଂ

ଅନେକ ସମୟରେ ଚାଇନିଜ୍ ହୋଟେଲମାନେ ନିଜର ଅଜବ କାରନାମା ପାଇଁ ଟ୍ରୋଲିଂର ଶିକାର ହୋଇଥାଆନ୍ତି । ସେହିଭଳି ଏକ ହୋଟେଲ ବର୍ତ୍ତମାନ ଚର୍ଚ୍ଚାର ଶିରୋନାମା ପାଲଟିଛି । ଏହି ହୋଟେଲରେ ପାଣ୍ଡା ମାନଙ୍କ ସହାୟତାରେ ସକାଳୁ ଗ୍ରାହକଙ୍କୁ ଉଠା ଯାଉଛି । ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଟ୍ରୋଲିଂର ଶିକାର ହେଉଛି । ଏହି ସ୍ୱତନ୍ତ୍ରସେବା ପାଇଁ ହୋଟେଲ୍‌ମାନେ ଅଧିକ ଅର୍ଥ ମଧ ଡିମାଣ୍ଡ୍ କରୁଛନ୍ତି । ତେବେ ସୋସିଆଲ ମିଡିଆ ୟୁଜର୍ସମାନେ ଏହାକୁ ପସନ୍ଦ କରି ନାହାନ୍ତି । କେବଳ ସୋସିଆଲ ମିଡିଆ ନୁହେଁ ଏହି ଘଟଣାରେ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେଇଛନ୍ତି । ସେମାନେ ହୋଟେଲକୁ ତଦନ୍ତ ପରିସରକୁ ଆଣିଥିବା ଜଣାପଡିଛି । ବନ୍ୟ ଜନ୍ତୁଙ୍କୁ ଏଭଳି ହୋଟେଲ ଗ୍ରାହକ ସଂସ୍ପର୍ଶରେ ଆଣିବା ସୁରକ୍ଷିତ ନୁହେଁ ଏଥିରେ ଉଭୟଙ୍କର କ୍ଷତି ହେବାର ସମ୍ଭାବନା ରହିଛି, ତେଣୁ ଏଭଳି ବ୍ୟବସ୍ଥାକୁ ତୁରନ୍ତ ବନ୍ଦ କରିବା ପାଇଁ ସୋସିଆଲ ମିଡିଆରେ ଲୋକମାନେ ଡିମାଣ୍ଡ କରିଛନ୍ତି ।

## ସୋସିଆଲ କୋଟ୍ସ



"ଧୁମ୍ ୩ରେ ଅଭିଷେକଙ୍କର ଅନ୍‌ଲାଇନ୍ ସ୍ତ୍ରୀଙ୍କୁ ବାଦ ଦିଆଯାଇଛି । ଯଦି ସେହି ଚରିତ୍ର ଥାଆନ୍ତା ତେବେ ଫିଲ୍ମ ଆହୁରି ବ୍ଲକ୍ ବଷ୍ଟର ହୋଇଥାଆନ୍ତା ।

ଆମିର ଖାନ୍, ଅଭିନେତା



"ହିନ୍ଦୀ ସିନେମା ନିଜର ଅସ୍ତିତ୍ୱ ହରାଇଛି । ପରମ୍ପରା ଓ ସଂସ୍କୃତିକୁ ପଛରେ ପକାଇ କେବଳ ଅର୍ଥ ପଛରେ ସମସ୍ତେ ଦୌଡିଛନ୍ତି ।

ପବନ କଲ୍ୟାଣ, ଅଭିନେତା



"ଅନେକ ଦିନ ଧରି ଟିଭି ସିରିଏଲ୍‌ରେ ରହିବାକୁ ଭଲ ଲାଗି ନଥିଲା । ବର୍ତ୍ତମାନ ଯେଉଁଠି ଅଛି ସେଠି ଖୁସି ଅଛି ।

ରୋନିତ ରୟ, ଅଭିନେତା

# ବେଲୁନ୍‌ରେ ଷ୍ଟଣ୍ଟ



ରସିଆର ଜିମନାଷ୍ଟ ସର୍ଗେ ବୋୟସ୍ତୋଭ ନିକଟରେ ଏକ ଷ୍ଟଣ୍ଟ କରି ଖୁବ ଚର୍ଚ୍ଚାରେ ରହିଛନ୍ତି । ନିକଟରେ ତାଙ୍କୁ ହଟ୍ ଏୟାର ବେଲୁନ୍‌ରେ ଷ୍ଟଣ୍ଟ କରୁଥିବାର ଭିଡିଓରେ ଦେଖିବାକୁ ମିଳିଥିଲା । ଏହି ଭିଡିଓଟି ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । ଏହି ୩୦ ବର୍ଷୀୟ ଖେଳାଳୀଙ୍କୁ ଗୋଟିଏ ହଟ୍ ଏୟାର ବେଲୁନ୍‌ରୁ ଓହଳିଥିବା ଏକ ବାର୍‌ରେ ଷ୍ଟଣ୍ଟ କରୁଥିବାର ଦେଖିବାକୁ ମିଳିଛି । ସେହିଭଳି ସେ ପାଖରେ କୌଣସି ପାରାଚ୍ୟୁଟ୍ ରଖିନଥିବା ସୂଚନା ମିଳିଛି । ତେବେ ଇଣ୍ଟରନେଟ କିଛି ଏହାକୁ ପ୍ରଶଂସା କରୁଥିବାବେଳେ କିଛି ସମାଲୋଚନା କରୁଛନ୍ତି । ଷ୍ଟଣ୍ଟ ଓ ଭାଇରାଲ ହେବାପାଇଁ ନିଜ ଜୀବନକୁ ଏଭଳି ବିପଦରେ ପକାଉଥିବାରୁ କିଛି ଲୋକ ତାଙ୍କୁ ସମାଲୋଚନା କରୁଛନ୍ତି । କିଛି ଲୋକଙ୍କ ମତରେ ଏଭଳି କରିବା ଖୁବ ବିପଦପୂର୍ଣ୍ଣ । ଭିଡିଓଟି କିନ୍ତୁ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଥିବାର ଦେଖିବାକୁ ମିଳିଛି ।



# ବଦଳୁଛି ବାଦଲ

ଏକଦା ଆମର ପୃଥିବୀକୁ ଅନେକ ବାଦଲ ଢାଙ୍କି ରଖିଥିଲା, ଯାହା ଫଳରେ ପୃଥିବୀର ତାପମାତ୍ରା ଖୁବ କମ ରହୁଥିଲା । ଏହା ପରିବେଶକୁ ଥଣ୍ଡା ମଧ ରଖୁଥିଲା । ହେଲେ ଦିନକୁ ଦିନ ପୃଥିବୀର ତାପମାତ୍ରା ବଢୁଛି, ଯାହାର କାରଣ ବିଶ୍ୱତାପମାନ ଓ ଗ୍ରୀନହାଉସ୍ ଗ୍ୟାସ । ତେବେ ଏହାର ପ୍ରଭାବ ଆକାଶରେ ଥିବା ବାଦଲଙ୍କ ଉପରେ ମଧ ପଡୁଥିବା ଜଣାପଡିଛି । କିଛି ବର୍ଷଧରି ଏହି ଘଟଣାରେ ଗବେଷଣା କରାଯିବାପରେ ଅନେକ ତଥ୍ୟ ଜଣା ପଡିଛି । ସାଧାରଣତଃ ବାଦଲ ସୂର୍ଯ୍ୟକିରଣକୁ ପ୍ରତିଫଳନ କରିଥାଏ, ଯାହା ଆମ ପରିବେଶ ପାଇଁ ଖୁବ ଉପକାରୀ । ହେଲେ ବିଶ୍ୱତାପମାନର ପ୍ରଭାବରେ ଯେଉଁ ବାଦଲ ସୂର୍ଯ୍ୟ କିରଣକୁ ପ୍ରତିଫଳନ କରିଥାଆନ୍ତି ସେମାନଙ୍କ ସଂଖ୍ୟା କମିବାରେ ଲାଗିଛି ଏବଂ ସେହି ସ୍ଥାନରେ ଭଙ୍ଗା ବା ଯେଉଁମାନେ କମ ପ୍ରତିଫଳନ କରନ୍ତି ସେହିଭଳି ବାଦଲ ବଢିବାରେ ଲାଗିଛନ୍ତି । ଯାହାଫଳରେ ସୂର୍ଯ୍ୟ କିରଣ ଅଧିକ ପରିମାଣରେ ପୃଥିବୀରେ ପଡିବାରେ ଲାଗିଛି ତେଣୁ ତାପମାତ୍ରା ଅଧିକ ପରିମାଣରେ ବଢୁଛି । ତେବେ ବାଦଲର ପାର୍ଟର୍ନ ବଦଳିବା ପଛରେ ମୁଖ୍ୟତଃ ବିଭିନ୍ନ ପ୍ରଦୂଷଣ ରହିଛି ଯାହା ମନୁଷ୍ୟକୃତ । ତେଣୁ ବର୍ତ୍ତମାନ ଆମକୁ ଏହି ଦିଗରେ ଖୁବ ଗୁରୁତର ପଦକ୍ଷେପ ନେବାର ରହିଛି ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ପରିଶ୍ରମୀ ଆଲିଆ



ଅଭିନେତ୍ରୀ ଆଲିଆ ଭଟ୍ଟ ସବୁବେଳେ ନିଜର ପରିଶ୍ରମ ପାଇଁ ଖୁବ ଚର୍ଚ୍ଚାରେ ରହିଥାଆନ୍ତି । ଯେଉଁ ବି ପ୍ରୋଜେକ୍ଟ ତାଙ୍କୁ ମିଳିଥାଏ ସେ ସବୁକୁ ସେ ଖୁବ ପରିଶ୍ରମ କରି ସମ୍ପୂର୍ଣ୍ଣ କରିଥାଆନ୍ତି । ଫିଲ୍ମର କୌଣସି ସିନ୍ ହେଉ କିମ୍ବା ନୃତ୍ୟ ଭିଡିଓ ସବୁ ପାଇଁ ସେ ଖୁବ ପରିଶ୍ରମ କରୁଥିବାର ଦେଖିବାକୁ ମିଳିଥାଏ । ସେହିଭଳି ଏକ ଫଟୋ ବର୍ତ୍ତମାନ ଭାଇରାଲ ହେଉଛି, ଯେଉଁଥିରେ ଆଲିଆ ଡ୍ୟାନ୍ସ ରିହର୍ସଲ କରି ବାହାରୁ ଥିବା ଦେଖିବାକୁ ମିଳିଛି । ଫଟୋଟିରେ ଆଲିଆଙ୍କ ଫ୍ୟାନ୍‌ଙ୍କର ଖୁବ କମେଣ୍ଟ ମିଳୁଥିବାର ଦେଖିବାକୁ ମିଳୁଛି । ସମସ୍ତେ ଆଲିଆଙ୍କର ଖୁବ ପ୍ରଶଂସା କରୁଛନ୍ତି । ଆଲିଆଙ୍କୁ ତାଙ୍କ ପ୍ରଶଂସକମାନେ ପରିଶ୍ରମୀର ଆଖ୍ୟା ଦେଇଥିବା ଦେଖିବାକୁ ମିଳିଛି । ସ୍ପାଏ ଭେଞ୍ଚର ଆଲ୍‌ଫା ପାଇଁ ସେ ଖୁବ ପରିଶ୍ରମ କରୁଥିବା ଜଣାପଡିଛି । ଦର୍ଶକ ସମ୍ପୃକ୍ତ ଫିଲ୍ମ ଦେଖିବାକୁ ଖୁବ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି ।

# ପକ୍ଷୀମାନେ ବ୍ୟବହାର କରନ୍ତି ଜିପିଏସ୍



ବର୍ତ୍ତମାନ ଆମେ ଯଦି କୌଣସି ସ୍ଥାନକୁ ଯିବା ସମୟରେ ରାସ୍ତା ଭୁଲିଯାଉଛୁ ତେବେ ଜିପିଏସ୍‌ର ସହାୟତା ନେଉଛୁ । ତେବେ ନିକଟରେ ଏକ ସର୍ଭେ ଅନୁସାରେ ପକ୍ଷୀମାନେ ମଧ ଜିପିଏସ୍‌ର ବ୍ୟବହାର କରିଥାଆନ୍ତି । ସେମାନଙ୍କର ମସ୍ତିଷ୍କ ଜିପିଏସ୍ ଭଳି କାର୍ଯ୍ୟ କରିଥାଏ । ଏହା ଏକ ସ୍ୱିଚ୍ ଭଳି ହୋଇଥାଏ, ଯାହାକୁ ପକ୍ଷୀମାନେ ନିଜ ହିସାବରେ ଆକ୍ଟିଭେଟ୍ କରିଥାଆନ୍ତି । ପକ୍ଷୀମାନଙ୍କର ଏହି ପ୍ରକ୍ରିୟାର ସମ୍ବନ୍ଧ ପୃଥିବୀର କେନ୍ଦ୍ର ସହିତ ରହିଛି । ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଆମକୁ ବିଭିନ୍ନ ସମୟରେ ସୂର୍ଯ୍ୟରେ ଦେଖିବାକୁ ମିଳୁଥିବା ବାତ୍ୟାର ପ୍ରଭାବରୁ ବଞ୍ଚାଇଥାଏ । ସେହିକ୍ରମରେ ପକ୍ଷୀଙ୍କର ମସ୍ତିଷ୍କରେ କ୍ଲଷ୍ଟର ଏନ୍ ନାମକ ଗୋଟିଏ ଅଂଶ ରହିଛି ଯାହା ମ୍ୟାଗ୍‌ନେଟିକ୍ ଫିଲ୍ଡକୁ ଚିହ୍ନିବା ସହିତ ଏହାକୁ ପ୍ରୋସେସ୍ କରିପାରେ । ତେଣୁ ଏହା ପକ୍ଷୀଙ୍କର ମ୍ୟାଗନେଟିକ୍ କମ୍ପାସକୁ ଆକ୍ଟିଭ କରିଥାଏ, ତେଣୁ ସେମାନେ ଯେତେବେଳେ ବିଦେଶକୁ ଗସ୍ତ କରନ୍ତି ସେତେବେଳେ ଏହାକୁ ଆକ୍ଟିଭେଟ୍ କରିଥାଆନ୍ତି । ଯାହାକୁ ସେମାନେ ଦିଗ ଖୋଜିବାକୁ ବ୍ୟବହାର କରିଥାଆନ୍ତି । କେତେକ ଘରଚଟିଆ ପକ୍ଷୀଙ୍କ ଉପରେ ଏ ସମ୍ପର୍କରେ ଗବେଷଣା କରାଯାଇଥିଲା। ସେଥିରେ ଦେଖିବାକୁ ମିଳିଥିଲା ସେମାନେ ଉଡିବା ସମୟରେ ନିଜର କ୍ଲଷ୍ଟର ଏନ୍‌କୁ ଆକ୍ଟିଭେଟ୍ କରୁଥିବାବେଳେ ବିଶ୍ରାମ ନେବା ସମୟରେ ଏହାକୁ ଡିଆକ୍ଟିଭେଟ କରିଦେଇଥିଲେ । ରିପୋର୍ଟ ଅନୁସାରେ ପୃଥିବୀରେ ଥିବା ମ୍ୟାଗନେଟିକ୍ ଫିଲ୍ଡ ମଣିଷଙ୍କୁ ଦେଖାଯାଇ ନଥାଏ, ହେଲେ ଏହା ପକ୍ଷୀଙ୍କୁ ଦୃଶ୍ୟ ହୋଇଥାଏ । ଏହାକୁ ସେମାନେ ଯେତେବେଳେ ନିଜ ଅଞ୍ଚଳ ଛାଡି ବିଦେଶ ଗସ୍ତ କରନ୍ତି ସେହି ସମୟରେ ଏହି ଜିପିଏସ୍‌ର ବ୍ୟବହାର କରନ୍ତି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୮
ତିଥି : ଅମାବାସ୍ୟା
୨୫ ଜୁନ୍ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 258
25 June 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

## ୧୨ ଦିନ ପରେ ଯୁଦ୍ଧ ବିରତି

# ଟ୍ରମ୍ପଙ୍କ ପ୍ରସ୍ତାବରେ ଇସ୍ରାଏଲ-ଇରାନ ରାଜି



ନୂଆଦିଲ୍ଲୀ, ୨୪।୬ : ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧ ବିରତି ପ୍ରସ୍ତାବରେ ଉଭୟ ଇରାନ ଓ ଇସ୍ରାଏଲ ରାଜି ହୋଇଛନ୍ତି। ଇରାନ ରାଷ୍ଟ୍ରପତି କହିଛନ୍ତି ଯେ ଯଦି ଇସ୍ରାଏଲ ଏହାକୁ ଗ୍ରହଣ କରେ ତେବେ ଆମେ ଯୁଦ୍ଧ ବିରତିକୁ ସମ୍ମାନ ଦେବୁ। ୧୨ ଦିନ ଧରି ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ଶାନ୍ତ ହେବ ବୋଲି ଆଶା କରାଯାଉଛି। ହେଲେ ଟ୍ରମ୍ପଙ୍କ ଘୋଷଣା ପରେ ଇସ୍ରାଏଲ ପୁଣି ଆକ୍ରମଣ କରିଥିବା ଓ ଇରାନ ପାଲଟା ଜବାବ ଦେଇଥିବା ନେଇ ଟ୍ରମ୍ପ କ୍ଷୁବ୍ଧ ହୋଇଥିଲେ। ଟ୍ରମ୍ପଙ୍କ ଯୁଦ୍ଧ ବିରତି ପ୍ରସ୍ତାବର ମାତ୍ର କେଇ ମିନିଟ୍ ପରେ ଇସ୍ରାଏଲ ପକ୍ଷରୁ ଇରାନରେ ବୋମା ମାଡ କରାଯାଇଥିଲା। ଏହାପରେ ଇରାନ ମଧ୍ୟ ଜବାବ ଦେଇଥିଲା।

ସୂଚନା ଅନୁଯାୟୀ ଇସ୍ରାଏଲ ଆକ୍ରମଣରେ ୯ ଇରାନୀୟ ନାଗରିକଙ୍କର ମୃତ୍ୟୁ ହୋଇଛି। ଏଥିରେ ଜଣେ (୯ ପୃଷ୍ଠାରେ)

## ମୁଖ୍ୟମନ୍ତ୍ରୀଙ୍କୁ ବାସଭବନରେ ଭେଟିଲେ ରାଜ୍ୟପାଳ




ଭୁବନେଶ୍ୱର, ୨୪।୬ (ସବ୍ୟୁ) : ରାଜ୍ୟପାଳ ଡକଫର ହରି ବାବୁ କମ୍ଭମପାଟି ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟ ସରକାରଙ୍କ ପ୍ରଥମ

**ଭିଜନ ୨୦୩୬ ଓ ୨୦୪୭ ରାଜ୍ୟପାଳଙ୍କୁ ଦେଲେ**

ବର୍ଷର ସଫଳତା ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟପାଳଙ୍କୁ ( ୯ ପୃଷ୍ଠାରେ)

## ଗୋଷ୍ଠୀ ସଂଘର୍ଷରୁ ଗୁଳି, ଯୁବକ ମୃତ

**ଓଡିଶା ଗ୍ରାମ୍ୟ ବ୍ୟାଙ୍କରୁ ଲୁଟି ନେଲେ ୮ ଲକ୍ଷ**

ବାରିପଦା/କୁଳିଅଣା, ୨୪।୬ (ସବ୍ୟୁ) : ଭୁଷୁଡି ପଡିଲାଣି ମୟୂରଭଞ୍ଜରେ ଆଇନ୍ ଶୃଙ୍ଖଳା କେତେବେଳେ ଗୁଳି ଫୁଟୁଛି ତ କେତେବେଳେ ବୁଲୁଛି ମାରଣାସ୍ତ୍ର କହିବାକୁ ଗଲେ ସ୍ଥାଣୁ ପାଲଟିଲାଣି ପୋଲିସ ପ୍ରଶାସନ। ମଙ୍ଗଳବାର ଗୋଟିଏ ପଟେ ବ୍ୟାଙ୍କ ଡକାୟତି ଓ ଅନ୍ୟପଟେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ଜଣେ ଯୁବକଙ୍କର ମୃତ୍ୟୁ ହେବା ଓ ତିନିଜଣ ଗୁରୁତର ହୋଇ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ ଘଟଣା ସାଧାରଣ ଜନତାଙ୍କୁ ଭୟଭୀତ ( ୯ ପୃଷ୍ଠାରେ)

## ଆଠଗଡରେ ବିଜେଡି-ବିଜେପି ଖଣ୍ଡଯୁଦ୍ଧ



ଆଠଗଡ, ୨୪।୬ (ସବ୍ୟୁ) : ମଙ୍ଗଳବାର ଆଠଗଡ଼ ପଞ୍ଚାୟତ ସମିତି ବୈଠକ ହେବାକୁ ଥିବା ବେଳେ ପଞ୍ଚାୟତ ସମିତିର କାର୍ଯ୍ୟାଳୟ ଆଗରେ ବିଜେପି ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ତିନି ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଜଣାପଡ଼ିଛି । ଉଭୟ ପକ୍ଷରୁ ଅଣ୍ଡାମାଡ ଏବଂ ଢେଲାପଥର ମାଡ଼ (୯ ପୃଷ୍ଠାରେ)

## ରାହୁଲଙ୍କୁ ଆଲୋଚନା ଲାଗି ଇସିଙ୍କ ଡାକରା

ନୂଆଦିଲ୍ଲୀ, ୨୪।୬ : ମହାରାଷ୍ଟ୍ର ନିର୍ବାଚନକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ନିର୍ବାଚନ କମିଶନଙ୍କ ମଧ୍ୟରେ ବିବାଦ ଚାଲିଛି। ଏହି ପରିପ୍ରେକ୍ଷୀରେ ଇସିଙ୍କ ପକ୍ଷରୁ ରାହୁଲ ଗାନ୍ଧିଙ୍କୁ ଆଲୋଚନା ଲାଗି ନିମନ୍ତ୍ରଣ କରାଯାଇଛି। ଏହା ଇସିଆଇଙ୍କ ପକ୍ଷରୁ ରାହୁଲଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ ନିର୍ବାଚନ କମିଶନଙ୍କ ୩ ସଦସ୍ୟ ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ ନିର୍ବାଚନ କେବଳ ନିର୍ବାଚନ ଆଇନ୍ ଅନୁଯାୟୀ ପରିଚାଳନା ହେଉଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଦିନେ ଦୁଇ ଦିନ ମଧ୍ୟରେ ଆମେ ଏହାର ଉପଯୁକ୍ତ ଜବାବ ଦେବୁ।

ରାହୁଲ ଗାନ୍ଧିଙ୍କର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଆଲେଖ୍ୟକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ରାହୁଲ ଭୋଟର ତାଲିକା ଓ ଭୋଟ ହାର ନେଇ ପ୍ରଶ୍ନ ଉଠାଇବା ସହ ଭୋଟ୍ ସମୟର ସିସିଟିଭି ଫୁଟେଜ ପାଇଁ ଦାବି କରିଥିଲେ। ତେବେ ( ୯ ପୃଷ୍ଠାରେ)

**ଧାନକିଣାରେ ଅଚଳାବସ୍ଥା**

## ରାଜରାସ୍ତାରେ ଚାଷୀ



ବରଗଡ଼, ୨୪।୬ (ସବ୍ୟୁ) : ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢ଼ମାସ ପୂରିବାକୁ ବସିଲାଣି, ଅଥଚ ଆରମ୍ଭରୁ ଆଜି ଯାଏଁ ଧାନ କିଣାବିକାରେ ଅଚଳାବସ୍ଥା ଲାଗିରହିଛି । ଜିଲାର ବିଭିନ୍ନ ମଣ୍ଡିରେ ବହୁ ପରିମାଣରେ ଧାନ ବିକ୍ରି ଅପେକ୍ଷାରେ ପଡ଼ି ରହିଛି । ଅନୁରୂପଭାବେ ବିକ୍ରି ପାଇଁ ଅନେକ ଚାଷୀ ସେମାନଙ୍କ ଅମଳ ଧାନ ଘରେ ଓ ଖଳାରେ ରଖିଛନ୍ତି । ମଣ୍ଡିରେ ଧାନ ଉଠାଯାଉ ନ ଥିବାବେଳେ ଚାଷୀ ମଣ୍ଡିକୁ ଆଣୁଥିବା ବିକ୍ରିଯୋଗ୍ୟ ଧାନକୁ ମଧ୍ୟ ଏଣ୍ଟ୍ରି କରାଯାଉ ନ ଥିବା ଅଭିଯୋଗ ହୋଇଛି । କଟନୀ ଛଟଣୀରେ ରାଜି ନ ହେଲେ ମଣ୍ଡିରୁ ଚାଷୀଙ୍କ ଧାନ ଉଠୁ ନାହିଁ । ଅନ୍ୟ ପକ୍ଷରେ (୯ ପୃଷ୍ଠାରେ)

Government of India

"ସମ୍ବିଧାନ ହତ୍ୟା ଦିବସ ଦେଶବାସୀଙ୍କୁ ସ୍ମରଣ କରାଇ ଦେଉଛି କି, ଯେତେବେଳେ ଭାରତର ସମ୍ବିଧାନ କ୍ଷତବିକ୍ଷତ ହୋଇ ପଡିଥିଲା ସେତେବେଳେ ଦେଶ କିଭଳି ସ୍ଥିତିର ସମ୍ମୁଖୀନ ହୋଇଥିଲା । ମାତ୍ରାଧିକ ଜରୁରୀକାଳୀନ ସ୍ଥିତି ଯୋଗୁ ଯେଉଁମାନେ ଜୀବନ ହାରିଛନ୍ତି ସେହିମାନଙ୍କ ପ୍ରତି ଶ୍ରଦ୍ଧାସୁମନ ଜଣାଇବା ଏହି ଦିବସର ମହତ୍ୱ । ଭାରତ ଇତିହାସରେ ଏହା ଏକ କାଳିମା ।"

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ




ଜରୁରୀ ପରିସ୍ଥିତି ଜାରିହେବାର ୫୦ ବର୍ଷ ପୂରଣ ହେବାର ସ୍ମୃତିରେ ମନେପକାଉଛି, ପ୍ରତିଫଳିତ କରୁଛି ।

**ସମ୍ବିଧାନ ହତ୍ୟା ଦିବସ ୨୦୨୫**

ସ୍ୱାଧୀନ ଭାରତର ଇତିହାସରେ ଏକ କଳା ଅଧ୍ୟାୟ


PRESIDENT DECLARES EMERGENCY
Strengthen PM's Hands: Purmar
"Threat To Security From Internal Disorder"
Step Taken To Preserve Unity, Says Zail Singh
676 Arrested All Over Country
PACT SIGNED FOR SALE OF IRON ORE TO IRAN

୨୭ ଜୁନ ୧୯୭୫ରେ ପ୍ରକାଶିତ ଜରୁରୀକାଳିନ ଖବରର କ୍ଲିପିଂ

ମୁଖ୍ୟ ଅତିଥି
ଶ୍ରୀ ଅମିତ ଶାହ
ମାନ୍ୟବର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ

୨୫ ଜୁନ ୨୦୨୫ ୭:୦୦ ଅପରାହ୍ନ
ସ୍ଥାନ : ତ୍ୟାଗରାଜ ସ୍ପୋର୍ଟସ କମ୍ପ୍ଲେକ୍ସ, ଦିଲ୍ଲୀ

କାର୍ଯ୍ୟକ୍ରମ ମୁଖ୍ୟାଂଶ

ଜରୁରୀ ପରିସ୍ଥିତିର ପ୍ରଭାବ ଉପରେ ସ୍ୱତନ୍ତ୍ର ନାଟକ
ଗଣତନ୍ତ୍ର ଜିନ୍ଦାବାଦ ଥିମ୍ ଉପରେ ପ୍ରଦର୍ଶନୀ
ଜରୁରୀ ପରିସ୍ଥିତିର ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ରର ବିଶେଷ ସ୍କ୍ରିନିଂ
ଗଣତନ୍ତ୍ରର ଶକ୍ତି ପ୍ରତି ସମର୍ପିତ ସ୍ୱାକ୍ଷର ଶ୍ରଦ୍ଧାଞ୍ଜଳି

ଗରିମାମୟ ଉପସ୍ଥିତି

ଶ୍ରୀ ଅଶ୍ୱିନୀ ବୈଷ୍ଣବ — ମାନ୍ୟବର ରେଳବାଇ, ଆଇ ଆଣ୍ଡ ବି ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଭାରତ ସରକାର
ଶ୍ରୀ ଗଜେନ୍ଦ୍ର ସିଂ ଶେଖାୱତ — ମାନ୍ୟବର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ, ଭାରତ ସରକାର
ଶ୍ରୀ ବିନୟ କୁମାର ସାକ୍ସେନା — ମାନ୍ୟବର ଉପ-ରାଜ୍ୟପାଳ ଦିଲ୍ଲୀ
ଶ୍ରୀମତୀ ରେଖା ଗୁପ୍ତା — ମାନ୍ୟବର ମୁଖ୍ୟମନ୍ତ୍ରୀ, ଦିଲ୍ଲୀ

କାର୍ଯ୍ୟକ୍ରମର ସିଧା ପ୍ରସାରଣ ଡିଡି ନ୍ୟୁଜ୍‌ରେ ଦେଖନ୍ତୁ

ସବିଶେଷ ବିବରଣୀ ପାଇଁ ସ୍କାନ କରନ୍ତୁ

CBC 09101/13/0005/2526

# ବିଧାନସଭାରେ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧଦିବସ



ଭୁବନେଶ୍ୱର(ସବ୍ୟୁ): ମହାନ ବିପ୍ଳବୀ, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ସଫଳ ବ୍ୟକ୍ତିତ୍ୱର ଅଧିକାରୀ । ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗ ଦେଇଥିଲେ । ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୪୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବାଚସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଅଗସ୍ତି ବେହେରା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ଓ ବିଧାନସଭା ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ, ଯୁଗ୍ମ ସଚିବ ସତୀଶ ମିଶ୍ର ବିଧାନସଭା ପରିସରରେ ଥିବା ସ୍ୱର୍ଗତ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ପୋଲିସ ଡ଼ିଜିଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ସମୀକ୍ଷା ବୈଠକ

# ଜଗିବେ ୨୦୫ ପ୍ଲାଟୁନ୍ ଫୋର୍ସ, ନଜର ରଖିବ ୨୭୫ ଏଆଇ କ୍ୟାମେରା

ପୁରୀ (ସବ୍ୟୁ): ଚଳିତ ବର୍ଷ ରଥ ଯାତ୍ରା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ଭିତର ଓ ବାହାର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସେହିପରି ଭିଡ ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ, ଯାନ ବାହନ ପାର୍କିଂ ଓ ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରା ଯାଇଛି। ଚଳିତ ବର୍ଷ ଉତ୍ତରରା ଛକ ଠାରୁ ପୁରୀ ପର୍ଯ୍ୟନ୍ତ ୨୭୫ ଟି ଏଆଇ କ୍ୟାମେରା ଖଞ୍ଜା ଯାଇଛି। ଏଆଇ କ୍ୟାମେରା ମାଧ୍ୟମରେ ରଥ ଯାତ୍ରାକୁ ତୀକ୍ଷ୍ଣ ନଜର ରଖାଯିବ। ସେହିପରି ଶ୍ରୀମନ୍ଦିର ଚତୁରପାର୍ଶ୍ୱକୁ ଏଆଇ କ୍ୟାମେରା ସ୍କାନିଂ କରିବ। ମଙ୍ଗଳବାର ଅପରାହ୍ନରେ ପୁରୀ ଟାଉନ ହଲ ଠାରେ ପୋଲିସ ଡ଼ିଜି ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧକ୍ଷତାରେ ରଥ ଯାତ୍ରା କିପରି ନିରାପଦ ଓ ଶୃଙ୍ଖଳିତ ଭାବେ ସଂପନ୍ନ ହେବ ସେ ନେଇ ରାଜ୍ୟର ପୋଲିସ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ରଥ




ଯାତ୍ରା ଦେଖିବା ବାହାରୁ ଆସୁ ଥିବା ଭକ୍ତଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ପୋଲିସ ଡ଼ିଜି ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବ ଭଳି ଚଳିତ ବର୍ଷ ରଥ ଯାତ୍ରା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମୁଦ୍ରରେ କୋଷ୍ଟ ଗାର୍ଡ ପେଟ୍ରୋଲିଂ କରିବ। ଆକାଶ ପଥରେ ବାୟୁସେନା ପକ୍ଷରୁ ହେଲିକାପଟର ଯୋଗେ ପେଟ୍ରୋଲିଙ୍ଗ କରା ଯିବ। ବାହ୍ୟଆତଙ୍କି ଓ ଅନ୍ତଘାର୍ତୀ ଆକ୍ରମଣକୁ ରୋକିବା ପାଇଁ ସ୍ୱତନ୍ତ୍ର କମାଣ୍ଡୋ ମୂତୟନ ହେବେ। କେନ୍ଦ୍ର ସରକାର ଙ୍କ ପକ୍ଷରୁ ଏନଏସଜି ମୂତୟନ କରା ଯିବ। ସୁରକ୍ଷା ବ୍ୟବସ୍ଥା ପାଇଁ ମୋଟ ୨୦୫ ପ୍ଲାଟୁନ ଫୋର୍ସ, ୨୧ ଜଣ ଏସପି ଓ କମାଣ୍ଡଣ୍ଟ ପାହ୍ୟାର ଅଧିକାରୀ, ୪୧ ଜଣ ଡେପୁଟି କମାଣ୍ଡଣ୍ଟ ଓ ଅତିରିକ୍ତ ଏସପି, ୯୬ ଜଣ ଡିଏସପି ଓ ଆସିଷ୍ଟାଣ୍ଟ କମାଣ୍ଡଣ୍ଟ, ୧୭୧ ଇନ୍ସପେକ୍ଟର, ୮୯୮ ଜଣ ସବଇନ୍ସପେକ୍ଟର ଓ ଏଏସଆଇ, ୯୫ ଜଣ ହାବିଲଦାର, ୧୯ ଜଣ ଟ୍ରାଫିକ ହାବିଲଦାର, ୭୦୭ ଜଣ କନେଷ୍ଟବଳ, ୭୬ ଜଣ ଟ୍ରାଫିକ କନେଷ୍ଟବଳ, ୨୫୨୭ ହୋମ ଗାର୍ଡ, ୫ କମ୍ପାନୀ ରାପିଡ ଆକ୍ସନ ଫୋର୍ସ, ୩ ୟୁନିଟ ଏସଓଜି ମୂତୟନ କରା ଯିବ। ଆଜିର ଏହି ବୈଠକରେ ରାଜ୍ୟ ବହୁ ଆଇପିଏସ ଅଧିକାରୀ ଓ ରଥଯାତ୍ରା ପାଇଁ ଡ୍ୟୁଟିରେ ଆସି ଥିବା ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବାଇକ ପୋଡ଼ି : ଜଣେ ଅଟକ

ବାରଙ୍ଗ ,(ସବ୍ୟୁ): ମଧୁସୂଦନପୁର ଗ୍ରାମରେ ଏକ ବାଇକ ପୋଡ଼ି ଅଭିଯୋଗରେ ପୁଲିସ ଜଣକୁ ଅଟକ ରଖିଛି । ପ୍ରକାଶଯେ, ରବିବାର ବିଳମ୍ବିତ ରାତିରେ ମଧୁସୂଦନପୁର ଗ୍ରାମର ଲଳିତ ମହାପାତ୍ରଙ୍କ ବାଇକକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ିଦେଇଛନ୍ତି । ଲଳିତ ତାଙ୍କ ଓଆର ୦୨ବିସି ୮୧୯୫ ନମ୍ବରର ହିରୋହୋଣ୍ଡା ପ୍ୟାସନପ୍ଲସ ଗାଡ଼ିଟିକୁ ଗ୍ରାମଭିତରେ ଥିବା ତାଙ୍କ ଗ୍ରୋସରୀଦୋକାନ ସମ୍ମୁଖରେ ରଖି ଘରକୁ ଯାଇଥିଲେ । ରାତି ପ୍ରାୟ ୧୧ଟାସମୟରେ କେହି ଦୁର୍ବୃତ୍ତ ତାଙ୍କ ଗାଡ଼ିରେ ନିଆଁଲଗାଇ ଦେଇ ଫେରାର ହୋଇଯାଇଥିଲା । ଫଳରେ ଏକ ବଡ଼ ଅଘଟଣ ଟଳିଯାଇଥିଲା । ହେଲେ ମୋଟର ସାଇକେଲଟି ସମ୍ପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଥିଲା । ଏହି ସଂକ୍ରାନ୍ତରେ ଲଳିତ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିବାପରେ ପୁଲିସ ସିସିଟିଭି ଆଧାରରେ ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି ।

# ଭାଜପା ପକ୍ଷରୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଉତ୍ସବ




କଟକ, (ସବ୍ୟୁ): ଚୌଦ୍ୱାର - କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ମହାନଦୀ ବିହାର ସ୍ଥିତ ଭାଜପା ଦଳୀୟ କାର୍ଯ୍ୟାଳୟରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଙ୍କ ବଳିଦାନ ଉତ୍ସବ ପାଳିତ ହୋଇ ଯାଇଛି। ଭାଜପାର ବରିଷ୍ଠ ନେତା

ନୟନ କିଶୋର ମହାନ୍ତି ଙ୍କ ନେତୃତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଶ୍ରୀଯୁକ୍ତ ମହାନ୍ତି ଦେଶପାଇଁ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱର୍ଗତ ଡକ୍ଟର ମୁଖାର୍ଜୀଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ରାଜ୍ୟ ପରିଷଦ ସଦସ୍ୟ ଚିରଞ୍ଜିବୀ ଖଣ୍ଡାୟତ ରାୟ, ଜିଲ୍ଲା ସାଧାରଣ ସମ୍ପାଦକ ଭାଗିରଥି ଦଳାଇ, ମହେନ୍ଦ୍ର ମହାନ୍ତି, କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ, ମଣ୍ଡଳ ସଭାପତି ଅନୀଲ ଦଳାଇ, ତ୍ରିଲୋଚନ ସାହୁ, ମୁନିନ୍ଦ୍ର ଭୋଳ, ବନ ବିହାରି ମହାନ୍ତି, ଧୀର ପ୍ରସାଦ ମହାନ୍ତି, ସୌମେନ୍ଦ୍ର ପଲାଇ, ଧର୍ମେନ୍ ଗୁପ୍ତା, ପ୍ରତାପ ତ୍ରିପାଠୀ, ବଚନ ସ୍ୱାଇଁ, ମହେନ୍ଦ୍ର ଶୁକ୍ଳ, ମନୋରଞ୍ଜନ ଦାସ, ଗୌରାଙ୍ଗ ଭୂୟାଁ, ବିଶ୍ୱଜିତ ଦାସ, ସୌମ୍ୟ ରଞ୍ଜନ ସ୍ୱାଇଁ , ଦୀପକ କାହାଳୀ, ପୃଥ୍ୱୀରାଜ ସ୍ୱାଇଁ, ବିଲୁ ପ୍ରଧାନ, ବିଶ୍ୱରାଜ ବିଶ୍ୱାଳ, ଦିପୁନା ମଲ୍ଲିକ, ମଣ୍ଟୁ ଦାସ, ସୁଶାନ୍ତ ସାହୁ, ଶୃତିକାନ୍ତ ଦାଶ, ପୂର୍ଣ୍ଣ ଚନ୍ଦ୍ର କାହାଳୀ, ବାଣୀ ପ୍ରସାଦ ମିଶ୍ର, ଫଗୁରାମ ମୁର୍ମୁ, ସରିତା ଶୁକ୍ଳ, ହରପ୍ରିୟା ଧଳ, ତନୁଶ୍ରୀ ମହାନ୍ତି, ସୀତା ରାଣୀ ସାହୁ, ନିର୍ମଳା ଦେବୀ ପ୍ରମୁଖ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ମିଳିଲାନି ଚିକିତ୍ସା କି ଆଇସିୟୁ

# ବ୍ରହ୍ମପୁର ଜେଲ୍ କଏଦୀଙ୍କ ଏସ୍‌ସିବିରେ ମୃତ୍ୟୁ, ଏନ୍‌ଏଚ୍‌ଆରସିରେ ଅଭିଯୋଗ

ଭୁବନେଶ୍ୱର, (ସବ୍ୟୁ) : ବ୍ରହ୍ମପୁର ଜେଲ୍‌ରେ ବିଚାରାଧୀନଥିବା କଏଦିଙ୍କ କଟକ ବଡମେଡିକାଲ (ଏସ୍‌ସିବି) ରେ ଚିକିତ୍ସାରେ ଅବହେଳା ଓ ଆଇସିୟୁ ନମିଳିବାରୁ ମୃତ୍ୟୁ ଘଟଣାଟି ଏବେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପହଁଚିଛି । ଏନେଇ କୋରାପୁଟ ଜିଲ୍ଲା ଜୟପୁର, ପାରାବେଡା ଶ୍ରୀରାମନଗରର ମାନବାଧିକାର କର୍ମୀ ଆଡଭୋକେଟ ଅନୁପ କୁମାର ପାତ୍ର ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଯାହା ତା ୨୪-୦୬-୨୦୨୫ରେ ଡାଇରି ନଂ ୧୪୮୧/ଆଇଏନ/୨୦୨୫ରୁ ଜଣାପଡିଛି । ହରିଆଣାର ରୋହତକ ଜିଲ୍ଲା ମେହାମ ଅଞ୍ଚଳର ନରେଶ ଏକ ଚୋରୀ ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ଗତ ୬ ମାସ ଧରି ଥିଲେ । ଗତ ରବିବାର ଜେଲ୍ କ୍ୟାଣ୍ଟିନରୁ ସେ କିଛି ଖାଇଥିଲେ । କିଛି ସମୟ ପରେ ସେ ଅସୁସ୍ଥ ଅନୁଭବ କରି ବାନ୍ତି କରିଥିଲେ । ଏହା ଦେଖି ତାଙ୍କୁ ଜେଲ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ ନିଆଯାଇଥିଲା । ଡାକ୍ତରମାନେ ଅଧିକ ଗୁରୁତର ଥିବା ଦର୍ଶାଇ ତାଙ୍କୁ ଭୁବନେଶ୍ୱର ଏମସ୍ ପଠାଇଥିଲେ । ସେଠାରେ ଡାକ୍ତରମାନେ ତାଙ୍କର ଆଇସିୟୁ ଆବଶ୍ୟକ ଥିବା ଅନୁଭବ କରି ଖାଲି ନଥିବାରୁ ତାଙ୍କୁ କଟକ ବଡମେଡିକାଲ (ଏସ୍‌ସିବି) ପଠାଇ ଥିଲେ । ହେଲେ ସେଠାରେ ତାଙ୍କୁ ଆଇସିୟୁ ମିଳିବା ଦୁରର କଥା ତାଙ୍କୁ ବେଡ୍ କି ଚିକିତ୍ସା କିଛି ମିଳି ନଥିଲା । ସେ ଗୁରୁତର ଅବସ୍ଥାରେ ଚଟାଣରେ ଛଟପଟ ହୋଇ ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ । ଏହି ଘଟଣାରେ ଧାରା ୨୧ ( ଜୀବନ ଅଧିକାର) ଉଲ୍ଲଘଂନ ହୋଇଥିବା ଜାତୀୟ ମାନବାଧିକାର କମିଶନଙ୍କ ଠାରେ ଅଭିଯୋଗ ହେବା ପରେ ଘଟଣାଟି ବର୍ତ୍ତମାନ ରାଜ୍ୟ ଚିକିତ୍ସା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଦୂରଦର୍ଶନରେ ହେବ ପବିତ୍ର ଘୋଷଯାତ୍ରାର ସିଧାପ୍ରସାରଣ

ଭୁବନେଶ୍ୱର (ସବ୍ୟୁ): ଚଳିତ ଜୁନ୍ ୨୭ତାରିଖ ଶୁକ୍ରବାର ଦିନ ଶ୍ରୀଜୀଉମାନଙ୍କର ଘୋଷଯାତ୍ରା ଅବସରରେ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ରାଜ୍ୟ ସରକାର ସୂଚନା ଲୋକସଂପର୍କ ବିଭାଗ ସହଯୋଗରେ ଘୋଷଯାତ୍ରାର ସିଧାପ୍ରସାରଣ କରାଯିବ । ଏଥିରେ ଉନ୍ନତମାନର ଅତ୍ୟାଧୁନିକ ପ୍ରସାରଣ ଉପକରଣ ଦ୍ୱାରା ହାଇରିଜଲ୍ୟୁସନ ଚିତ୍ର ଉତ୍ତୋଳନ କରାଯାଇ ଅଗଣିତ ଦର୍ଶକମାନଙ୍କ ଦର୍ଶନ ନିମନ୍ତେ ନିରବଚ୍ଛିନ୍ନ ଭାବେ ପ୍ରସାରଣ କରାଯିବ । ଏଥିରେ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ବିଶାରଦ ତଥା ଭାଷ୍ୟକାରମାନଙ୍କର ତାତ୍ତ୍ୱିକ ବିଶ୍ଳେଷଣାତ୍ମକ ବିବରଣୀ ପ୍ରଦାନ କରିବା ସହିତ ଦର୍ଶକମାନଙ୍କୁ ଆହ୍ଲାଦିତ କରିବେ । ଡିଡି ଓଡ଼ିଆରେ ସିଧାପ୍ରସାରଣ ଜୁନ୍ ୨୭ତାରିଖ ସକାଳ ୭ଟାରୁ ଆରମ୍ଭ ହେବା ସହିତ ସକାଳ ୮ଟାରେ ହିନ୍ଦି, ଇଂରାଜୀ ଏବଂ ସଂସ୍କୃତ ଭାଷାରେ ଡିଡି ଭାରତୀରେ ପ୍ରସାରଣ ବ୍ୟବସ୍ଥା କରାଯାଇଛି । ରଥଯାତ୍ରା ବ୍ୟତୀତ ଅନ୍ୟାନ୍ୟ ନୀତିକାନ୍ତି ଯଥା ଜୁନ୍ ୨୮ରେ ଆଡପମଣ୍ଡପ ବିଜେ। ଜୁଲାଇ ୫ରେ ବାହୁଡା ଯାତ୍ରା, ୬ରେ ସୁନା ବେଶ, ୭ରେ ଅଧରପଣା ଏବଂ ଜୁଲାଇ ୮ରେ ନିଳାଦ୍ରୀ ବିଜେର ସିଧାପ୍ରସାରଣ ମଧ କରାଯିବ ।

# ଶ୍ରୀମନ୍ଦିର ଗାରଦରୁ ମୋଦକ ଚୋରି, ବାଡ଼ଗ୍ରାହୀଙ୍କ ଅଭିଯୋଗରେ ସତ୍ୟତା ନାହିଁ: ମୁଖ୍ୟ ପ୍ରଶାସକ

ପୁରୀ (ସବ୍ୟୁ): ମହାପ୍ରଭୁଙ୍କୁ ଲାଗି ହେବା ପୂର୍ବରୁ ଦଶ ମୂଳ ମୋଦକ ଗାଏବ ହୋଇ ଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ଖବର ଆଜି ଦିନ ତମାମ ପ୍ରମୁଖ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଅଭିଯୋଗ ଆଣିଛନ୍ତି ବଡ ଠାକୁର ପ୍ରଭୁ ବଳଭଦ୍ରଙ୍କ ମୁଖ୍ୟ ବାଡଗ୍ରାହୀ ହଳଧର ଦାସ ମହାପାତ୍ର। ହଳଧର ଲିଖିତ ଭାବେ ୭୦ ମୋଦକ କମ ରହିଥିବା ଗତ ୨୨ ତାରିଖରେ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ । ତେଣେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ପ୍ରାଥମିକ ତଦନ୍ତରୁ ଏହାର କୌଣସି ସତ୍ୟାସତ୍ୟ ନାହିଁ। ବାଡ ଗ୍ରହୀଙ୍କ ଅଭିଯୋଗ ମିଥ୍ୟ ବୋଲି କହିଛନ୍ତି। କିନ୍ତୁ ଘଟଣାର ଉପଯୁକ୍ତ ତଦନ୍ତ ହେବ । ଅନବସରର ଏକାଦଶୀ ତିଥିରେ ଚତୁର୍ଦ୍ଧା ବିଗ୍ରହଙ୍କୁ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶ ମୂଳ ମୋଦକ ଲାଗି ହୋଇଥାଏ।ଚଳିତ ବର୍ଷ ୭ ଜଣ ରାଜବୈଦ୍ୟ ୩୧୩ ଟି ଦଶ ମୂଳ ପ୍ରସ୍ତୁତ କରି ଶ୍ରୀମନ୍ଦିର ପରିସରରେ ଥିବା ଗାରଦରେ ଜିମା ଦେଇଥିଲେ।ତେବେ ପ୍ରଭୁଙ୍କୁ ଏହା ଲାଗି ହେବା ପୂର୍ବରୁ ଏହା ଥାଏ। ୩୧୩ ଟି ଅମୁଣିଆ ଦଶ ମୂଳ ମୋଦକ ମଧ୍ୟରୁ ୭୦ ଟି କମ୍ ରହିଥିବା ପ୍ରଭୁ ବଳଭଦ୍ରଙ୍କ ମୁଖ୍ୟ ବାଡଗ୍ରାହୀ ହଳଧର ଦାସ ମହାପାତ୍ର ଲିଖିତ ଭାବେ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ । ଏହା ପରେ ଦଶ ମୂଳ ମୋଦକ ଚୋରୀ ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଲା। ଆଇନ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛନ୍ତି। ଦଶ ମୂଳ ମୋଦକ ଚୋରୀ ଅଭିଯୋଗ ଘଟଣାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ପ୍ରତିକ୍ରିୟା ରଖି କହିଛନ୍ତି ପ୍ରାରମ୍ଭିକ ତଦନ୍ତରୁ ଏହି ଘଟଣାର ସତ୍ୟତା ନାହିଁ । ଦଇତାପତି ନିଯୋଗ ସମ୍ପାଦକ ୩୧୩ ଦଶ ମୂଳ ମୋଦକ ନେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଗାରଦର କୌଣସି କର୍ମଚାରୀ ଏହା ସ୍ପର୍ଶ କରନ୍ତି ନାହିଁ। ମହାପ୍ରଭୁଙ୍କ ଗୁପ୍ତ ରୀତି ନୀତି ବାହାରେ ପ୍ରକାଶ କରିବା ଉଚିତ୍ ନୁହେଁ। ଏବେ ସୁରୁଖୁରୁରେ ରଥଯାତ୍ରା ସମାପନ ହେବା ମୁଖ୍ୟ ଦାୟିତ୍ୱ। ଅନ୍ୟ ପଟରେ ମହାପ୍ରଭୁଙ୍କ ମୋଦକ ଚୋରି ପ୍ରସଙ୍ଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ମାଗିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତେବେ ଶ୍ରୀମନ୍ଦିରରେ ମୋଦକ ଚୋରି ହୋଇନାହିଁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

# ୨୬ରେ ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟିର ଜଗତସିଂହପୁର ଜିଲ୍ଲା ଗସ୍ତ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ନିର୍ମାଣ ହେଉଥିବା ପ୍ରକଳ୍ପ ଅଞ୍ଚଳରେ ପରିବେଶ ନଷ୍ଟ ହେବା ସହ ଜନସାଧାରଣଙ୍କ ଜଳ, ଜଙ୍ଗଲ, ଜମି ଉପରୁ ଅଧିକାର ହରାଉଛନ୍ତି । ଜଳବାୟୁ ପରିର୍ବନ ଯୋଗୁଁ ସ୍ଥାନୀୟ ଅଧିବାସୀ ସେମାନଙ୍କ ଜୀବନ ଜିବୀକା ହରାଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ବିଧାୟକ ଅଶୋକ କୁମାର ଦାସଙ୍କ ଅଧକ୍ଷତାରେ ଗଠନ କରିଥିବା ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟି ଆସନ୍ତା ତା. ୨୬.୬.୨୦୨୫ ରିଖ ଗୁରୁବାର ଦିନ ଅଧକ୍ଷ ଶ୍ରୀ ଦାସଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ପଞ୍ଚାୟତ ସମେତ ୪ ନଂ ଜୋନର ଅନ୍ୟାନ୍ୟ ପଂଚାୟତ ଅଞ୍ଚଳରେ ବିସ୍ଥାପିତ ଜନତାଙ୍କୁ ଭେଟି ସେମାନଙ୍କର ସମସ୍ୟାକୁ ଅନୁଧ୍ୟାନ କରିବ । ପରେ ଜିଲ୍ଲା ପ୍ରଶାସକଙ୍କ ସହ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରି ସବିଶେଷ ତଥ୍ୟ ପିସିସି କାର୍ଯ୍ୟାଳୟରେ ଦାଖଲ କରିବେ ବୋଲି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟିରେ ବିଧାୟକ ଅଶୋକ କୁମାର ଦାସ, ଆବାହକ ଭାବେ ସୁଧାଂଶୁ ଶେଖର ଦେଓ ବିଧାୟକ ସାଗର ଚରଣ ଦାସ,ବିଧାୟକ ସତ୍ୟଜିତ ଗମାଙ୍ଗୋ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ,ସଦସ୍ୟ ଭାବେ ମାନସ ମଲ୍ଲିକ, ପିନାକୀ ନାରାୟଣ ଦାସ ଓ ମାଗୁଣି ଜେନା ସଦସ୍ୟ ରହିଛନ୍ତି ।

# ରେଳ କର୍ମଚାରୀ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ



ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫଙ୍କୱାଲ ଟ୍ରେନ ପରିଚାଳନାର ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ତିନି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ଲକ୍ଷ୍ମୀପୁର ଷ୍ଟେସନ ମ୍ୟାନେଜର ଉତ୍ତମ କୁମାର, ସିମାଞ୍ଚଳମ ନର୍ଥ ଷ୍ଟେସନ ତାହାରେ କାର୍ଯ୍ୟରତ ବରିଷ୍ଠ ପଣ୍ୟବାହୀ ଟ୍ରେନ ମ୍ୟାନେଜର ପି. ଗୌରୀ ଶଙ୍କର ଏବଂ ରାହାମା ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-ଓଓଓ ମନୋଜ କୁମାର ହାଁସଦା ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ବୁଦ୍ଧିର ଉପସ୍ଥିତି ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି । ଉକ୍ତ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ । ବିଶେଷକରି ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି । ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ଅପରେଟର ମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପୂର୍ବତଟ ରେଳପଥ ଏହାର କର୍ମଚାରୀଙ୍କ ପ୍ରୟାସକୁ ସ୍ୱୀକୃତି ଦେବା ଏବଂ ସମସ୍ତ କାର୍ଯ୍ୟରେ ଉତ୍କର୍ଷତା ଏବଂ ନିରାପତ୍ତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ।

# ଓଡ଼ିଶାରେ ନାରୀମାନେ ଡରିଡରି ବଞ୍ଚୁଛନ୍ତି : ଏଆଇସିସି

ଭୁବନେଶ୍ୱର, (ସବ୍ୟୁ): ନିକଟରେ ଓଡ଼ିଶାରେ ସଂଘଟିତ କିଛି ଗଣଦୁଷ୍କର୍ମ ପୀଡ଼ିତାଙ୍କ ଦୁଃଖ ଜାଣିବାକୁ ଏଆଇସିସିର ତଥ୍ୟ ଅନୁଧ୍ୟାନକାରୀ କମିଟିର ସଭ୍ୟା ଭାବେ ତିନିଦିନ ସଂପୃକ୍ତ ଘଟଣାସ୍ଥଳ ଗୁଡ଼ିକୁ ଯାଇ ପୀଡ଼ିତାମାନଙ୍କ ପରିବାର, ଗ୍ରାମବାସୀ,ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିବାରୁ ଯେଉଁ ସବୁ ହୃଦୟବିଦାରକ ତଥ୍ୟ ଜାଣିବାକୁ ପାଇଲୁ, ଭାରାକ୍ରାନ୍ତ ହୃଦୟରେ ଓଡ଼ିଶାରୁ ଫେରିବାକୁ ପଡୁଛି । ଭାବିଥିଲୁ, ପ୍ରଥମେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆମ ଅଭିଜ୍ଞତା ବାଣ୍ଟିବୁ ଯଦ୍ୱାରା ରାଜ୍ୟରେ ମହିଳା ନିର୍ଯାତନା କେଉଁ ସ୍ତରରେ ପହଞ୍ଚିଲାଣି ତା'ର ଏକ ଚିତ୍ର ପାଇପାରିବେ । ରାଜ୍ୟର ଏତେବଡ଼ ସ୍ପର୍ଶକାତର ପ୍ରସଙ୍ଗରେ ଆମକୁ ସାକ୍ଷାତ ପାଇଁ ସମୟ ନ ଦେବା ମହିଳାଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ସମ୍ବେଦନଶୂନ୍ୟତାକୁ ପ୍ରମାଣ କରୁଛି । -ଗତ ୨୧ରୁ ୨୩ ତାରିଖ ଗୋପାଳପୁର, ଟିକାବାଲି, ହରିଚନ୍ଦନପୁର ସମେତ ବିଭିନ୍ନ ଅଞ୍ଚଳ ଗସ୍ତ ଶେଷକରି ମଙ୍ଗଳବାର ମଧାହ୍ନରେ କଂଗ୍ରେସ ଭବନରେ ସମ୍ବାଦଦାତାଙ୍କ ଆଗରେ କୋହଭରା କ=ରେ ଏହା କହିଛନ୍ତି ଜାତୀୟ ମହିଳା କମିସନର ପୂର୍ବତନ ଅଧକ୍ଷା ଦୀପା ଦାସମୁନସୀଙ୍କ ନେତୃତ୍ୱାଧୀନ କମିଟିର ସଭ୍ୟାମାନେ ।

ଗୋପାଳପୁର ଓ ରାଜ୍ୟର ଅନ୍ୟ ସ୍ଥାନମାନଙ୍କରେ ନିକଟରେ ହୋଇଥିବା ଗଣବଳାତ୍କାର, ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଏବଂ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା,



ଶିଶୁ ନିଖୋଜ ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛି କଂଗ୍ରେସ । ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜାତୀୟ ମହିଳା କମିସନର ପୂର୍ବତନ ଅଧକ୍ଷା ଦୀପା ଦାସମୁନସୀ କହିଥିଲେ ଯେ ରାଜ୍ୟରେ ନିଖୋଜ-ଚାଲାଣ ଓ ଦୁଷ୍କର୍ମ ଏବେ ନିତିଦିନିଆ ଘଟଣା ହୋଇଛି । ଏପରି ଅନେକ ଘଟଣା ଲୁଚିଯାଉଛି । ଆମେ ଅନୁଭବ କରିଥିବା ହୃଦୟ ବିଦାରକ ଘଟଣାଗୁଡ଼ିକର ବିବରଣୀ ଦଳର କେନ୍ଦ୍ରୀୟ ନେତୃତ୍ୱକୁ ପ୍ରଦାନ କରିବୁ । ସାଂସଦମାନେ ଏହି ପ୍ରସଙ୍ଗକୁ ସଂସଦର ଉଭୟ ଗୃହରେ ଉଠାଇବେ । ଜଣେ ଅଂଜନାଙ୍କ ପ୍ରସଙ୍ଗରେ ଦିନେ ରାଜ୍ୟରେ କଂଗ୍ରେସ ସରକାର ଗାଦିଚ୍ୟୁତ ହୋଇଥିଲା । ଏବେ ତ ଶହଶହ ଅଂଜନା ମାମଲା ହେଉଛି ବୋଲି ସେ ଦୁଃଖପ୍ରକାଶ କରିବା ସହ ସରକାରଙ୍କୁ ଚେତାଇ ଦେଇଥିଲେ । ଦିଲ୍ଲୀ ଫେରିଯାଇ କଂଗ୍ରେସ ଅଧ୍ୟକ୍ଷ, ଲୋକସଭାରେ ବିରୋଧୀ ଦଳ ନେତାଙ୍କୁ ରିପୋର୍ଟ ପ୍ରଦାନ ପରେ ସେଠାରେ ଏକ ଜାତୀୟ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ଭାବେ କହିବୁ ବୋଲି ସେ ପ୍ରକାଶ କରିଥିଲେ । ରାଜ୍ୟସଭା ସଦସ୍ୟା ରଞ୍ଜିତ ରଂଜନ କହିଥିଲେ ଯେ ଯାଏ ଦଣ୍ଡବିଧାନ ନ ହୋଇଛି, ବଳାତ୍କାରୀ ବାରମ୍ବାର ଦୁଷ୍କର୍ମ କରେ । ମଦ-ଡ୍ରଗ୍ସ-ମାଫିଆ ଓ ଶାସକ-ପ୍ରଶାସକଙ୍କ ଏକ ଅସାଧୁ ମେଣ୍ଟ ଯୋଗୁଁ ଆସାମୀମାନେ ଦୁଷ୍କର୍ମ ଏପରିକି ଗଣଦୁଷ୍କର୍ମ ଓ ହତ୍ୟା ପରେ ବି ଅବାଧରେ ବିଚରଣ କରୁଛନ୍ତି । ଭାରତର ରାଷ୍ଟ୍ରପତି ଓଡ଼ିଶାର ଜଣେ ଆଦିବାସୀ ମହିଳା ହୋଇଥିବାରୁ ତାଙ୍କୁ ସାକ୍ଷାତ ପାଇଁ ସମୟ ମାଗିବୁ । ପୂର୍ବତନ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଶୋଭା ଓଜା କହିଥିଲେ, ଏଠି ପ୍ରତି ୫ କିଲୋମିଟରରେ ଜଣେ ଶିଶୁ ନିର୍ଯାତନାର ଶିକାର ହେଉଥିବା ବେଳେ ପ୍ରତି ୧୦ କିଲୋମିଟରରେ ଜଣେ ଶିଶୁ ନିଖୋଜ । ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ବିଭିନ୍ନ ପ୍ରଶାସନିକ ସ୍ତରରେ ସେଇ ସମାନ ଉଦାସୀନ ମାନସିକତା ଥିବା ଦେଖିଲୁ । ଓଡ଼ିଶା ପରି ଏକ ସଂସ୍କୃତିସମ୍ପନ୍ନ ରାଜ୍ୟରେ ଏବେ "ଭ୍ରଷ୍ଟାଚାର' ଓ "ବଳାତ୍କାର' ଛଡ଼ା ଆଉ ଶବ୍ଦ ନ ଶୁଭୁଥିବା ପରି ଅନୁଭବ ହେବା ଦୁର୍ଭାଗ୍ୟଜନକ ବୋଲି ସୋଲାପୁରର ଲୋକସଭା ସାଂସଦ ପ୍ରଣିତୀ ସିନ୍ଦେ କହିଥିଲେ । ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀ ନା ନାରୀଙ୍କୁ ସୁରକ୍ଷା ଦେଉଛନ୍ତି, ନା ଆଲୋଚନା କରିବାକୁ ଚାହୁଁଛନ୍ତି । ରାଜ୍ୟରେ ନାରୀ ହିଂସା ବଢୁଛି । ରାଜ୍ୟରେ ନାରୀମାନେ ଡରି ଡରି ବଞ୍ଚୁଛନ୍ତି । ବର୍ଷେ ହେଲାଣି, ମହିଳା କମିଶନ ଗଢ଼ା ହେଉନି । ମହିଳାଟେ ଦୁଃଖ କହିବ ତ, କେଉଁଠି କହିବ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି । ତିନିଜଣ ସାଂସଦଙ୍କୁ ନେଇ ଗଠିତ ଏହି ଉଚ୍ଚସ୍ତରୀୟ ଦଳକୁ ଯଦି ସରକାର ସମୟ ଦେଲେନି, ଆଉ କାହାକୁ ଦେବେ ବୋଲି ସେ ପ୍ରଶ୍ନ କରିଥିଲେ । ଶେଷରେ ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜିଲ୍ଲାର ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

# ପରିସ୍ଥିତି ସୁଧାରିବା ନେଇ ବିଜେଡିର ଦାବି

ବାରିପଦା, (ସବ୍ୟୁ) : ଦିନକୁ ଦିନ ମୟୂରଭଞ୍ଜ ଜିଲ୍ଲାର ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଚୋରି, ଛିନ୍‌ତାଇର ମାତ୍ରା ବୃଦ୍ଧି ପାଇଥିବାବେଳେ ଦିନ ଦ୍ୱିପ୍ରହରରେ ଗୁଳିକାଣ୍ଡ ହେଉଛି । ସୋମବାର ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥରେ ଗୁଳିକାଣ୍ଡ ଘଟିଛି । ଯାହାକି ଜିଲ୍ଲାର ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାକୁ ସୁଧାର କରିବାରେ ରାଜ୍ୟସରକାର ଓ ଜିଲ୍ଲାପ୍ରଶାସନ ବିଫଳ ହୋଇଛନ୍ତି । ଏ ସଂକ୍ରାନ୍ତରେ ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଗତ ବର୍ଷକ ହେଲାଣି ଜିଲ୍ଲାବ୍ୟାପି ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଛି । ନିୟମିତ ଭାବେ ଚୋରି, ଛିନ୍‌ତାଇ, ଡକାୟତି ଓ ଗଣ୍ଡଗୋଳ ମାମଲା ହେଉଛି । ଯାହାକି ଜିଲ୍ଲାବାସୀଙ୍କ ପାଇଁ ଭୟର କାରଣ ସାଜିଛି । କୁଳିଅଣା ଥାନା ଅନ୍ତର୍ଗତ ବାଇଗଣବାଡ଼ିଆ ନିକଟରେ ଶିବାନନ୍ଦ ବାରିକ ୮ଲକ୍ଷ ଟଙ୍କା ନେଇ ବାରିପଦାକୁ ଆସୁଥିବାବେଳେ ଛିନତାଇ ଉଦ୍ୟମ କରିଥିଲେ ।ସେଥିରେ ବିଫଳ ହେବାରୁ ୩ଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ୬ରାଉଣ୍ଡ ମରଣାତ୍ମକ ଗୁଳି ଚାଳନା କରିଥିଲେ । ଯାହାକି ଦିନ ଦ୍ୱିପ୍ରହରରେ ରାସ୍ତା ଉପରେ ଘଟିଥିଲା । ଯାହାକି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିର ନଗ୍ନଚିତ୍ର ଥିବାବେଳେ ଜନସାଧାରଣଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି । ତେଣୁକରି ମୟୂରଭଞ୍ଜ ଜିଲ୍ଲାରେ ଆଇନ୍ ଶୃଙ୍ଖଳାକୁ ସଦୃଢ଼ କରିବା, ଆସାମୀ ମାନଙ୍କୁ ତୁରନ୍ତ ଗିରଫ କରିବା ଓ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଜିଲ୍ଲା ପ୍ରମୁଖ ସ୍ଥାନ ଓ ରାସ୍ତାରେ କଡାକଡି ପେଟ୍ରୋଲିଂ ବ୍ୟବସ୍ଥା ପାଇଁ ବିଜେଡି ଦାବି କରିଛି । ଏନେଇ ଆଗକୁ କୌଣସି ପଦକ୍ଷେପ ଗ୍ରହଣ ନକଲେ ବିଜେଡି ପକ୍ଷରୁ ଆନ୍ଦୋଳନ ନେଇ ଚେତାବନୀ ଦିଆଯାଇଛି । ପ୍ରତିନିଧି ଦଳରେ ଜିଲ୍ଲା ସଭାପତି (ପୂର୍ବ) ତଥା ପୂର୍ବତନମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲ୍ଲା ସଭାପତି (ପଶ୍ଚିମ) ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦାଃ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଜେଡି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।



## ଧରାକୋଟରେ ଦଳିତଙ୍କୁ ଆକ୍ରମଣ ଘଟଣା ନେଇ ପିସିସିର ଅନୁଧ୍ୟାନ କମିଟି

ଧରାକୋଟ, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ଧରାକୋଟ ବ୍ଲକ ଅର୍ନ୍ତଗତ ସିଙ୍ଗିପୁର ଗ୍ରାମର ଜଣେ ଦଳିତ ଦୁଇ ଭାଇଙ୍କୁ କିଛି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ନଣ୍ଡାକରି ଘାସ ଖୁଆଇ ମଇଳା ପାଣି ପିଆଇ ଗାଁରେ ଆଣ୍ଠେଇ ଆଣ୍ଠେଇ ନେଉଥିଲେ । ଉକ୍ତ ଘଟଣାର ଅନୁଧ୍ୟାନ ନିମନ୍ତେ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉକ୍ତ କମିଟିରେ ଅଧ୍ୟକ୍ଷ ଥିବାବେଳେ ପିସିସି ଉପସଭାପତି ତଥା ବିଧାୟକ ରମେଶ ଜେନା, ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଓ ପିସିସି ସମ୍ପାଦକ ତୁଳେଶ୍ୱର ନାୟକ ସଦସ୍ୟ ଭାବରେ ରହିଛନ୍ତି । ଉକ୍ତ କମିଟି ଖୁବଶୀଘ୍ର ଘଟଣା ସ୍ଥଳକୁ ଗସ୍ତକରି ପୀଡ଼ିତାକୁ ସାକ୍ଷାତ କରିବା ସହିତ ଘଟଣାର ଅନୁଧ୍ୟାନ କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ପଠାଇବେ ।

### ଗୌତମ ଆଦାନୀଙ୍କ ୬୩ତମ ଜନ୍ମ ଦିବସ

## ଆଦାନୀ ଫାଉଣ୍ଡେସନର ରକ୍ତଦାନ ଶିବିର : ସଂଗ୍ରହ ହେଲା ୧୩୦ରୁ ଉର୍ଦ୍ଧ୍ୱ ୟୁନିଟ

ଛତ୍ରପୁର, (ସବ୍ୟୁ): ଆଦାନୀ ଫାଉଣ୍ଡେସନ ପକ୍ଷରୁ ମଙ୍ଗଳବାର ଗୋପାଳପୁର ବନ୍ଦର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଆଦାନୀ ଗ୍ରୁପ ଚେୟାରମ୍ୟାନ୍ ଗୌତମ ଆଦାନୀଙ୍କ ୬୩ତମ ଜନ୍ମ ଦିବସ ଅବସରରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ୧୩୦ରୁ ଉର୍ଦ୍ଧ୍ୱୟୁନିଟ ରକ୍ତ ସଂଗ୍ରହ ହୋଇଛି । ପୋର୍ଟ କର୍ମକର୍ତ୍ତା, ଶ୍ରମିକ, ପରିବାର ସଦସ୍ୟ ଏବଂ ବନ୍ଦର ସହଯୋଗୀ ବ୍ୟାପକ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମାଜର କଲ୍ୟାଣ ନିମନ୍ତେ ରକ୍ତଦାନ କରିଥିଲେ । ଆଦାନୀ ଫାଉଣ୍ଡେସନ ଓ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ୍ କଲେଜ ବ୍ଲଡ଼ବ୍ୟାଙ୍କ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଉକ୍ତ ରକ୍ତଦାନ ଶିବିରକୁ ଆଦାନୀ ଗ୍ରୁପ ପକ୍ଷରୁ ସଞ୍ଜୀବ କୁମାର ଗୁପ୍ତା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । ଗୋପାଳପୁର ବନ୍ଦରର ବ୍ୟବସାୟ ମୁଖ୍ୟ ସନ୍ଦୀପ ଜୟସଓ୍ୱାଲ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଡକ୍ଟର ମନୋଜ ଟୁଡୁ, ଗୋପାଳପୁର ବନ୍ଦରର ଅଜିତ ପିଶରୋଡି, ଅପରେଶନ ମୁଖ୍ୟ ସତ୍ୟଜିତ ରଥ, ମାନବସମ୍ବଳ ମୁଖ୍ୟ ଦେବଦତ୍ତ ମିଶ୍ର ସିଏସ୍ଆର୍ ମୁଖ୍ୟ ସହ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ରହିଥିଲେ । ଗୋପାଳପୁର ପୋର୍ଟର ବହୁ କର୍ମକର୍ତ୍ତା ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଥିଲେ । ଫଳରେ ମୋଟ୍ ୧୩୦ରୁ ଉର୍ଦ୍ଧ୍ୱୟୁନିଟ ରକ୍ତ ସଂଗ୍ରହ ହୋଇପାରିଛି । ଏହି ବୃହତ ରକ୍ତଦାନ ଶିବିରକୁ ଉଦଘାଟନ କରି ସଞ୍ଜୀବ କୁମାର ଗୁପ୍ତା କହିଛନ୍ତି ଯେ ରକ୍ତଦାନ ଜୀବନଦାନ । ଆଦାନୀ ପରିବାର ଏହି ଚିନ୍ତାଧାରା ପ୍ରତି ସର୍ବଦା ଅନୁପ୍ରାଣିତ ହେବା ସଙ୍ଗେସଙ୍ଗେ ରକ୍ତଦାନ ଅଭିଯାନ ସମୟରେ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରିଥାଏ । ସମାଜ କଲ୍ୟାଣ ପାଇଁ ଆଦାନୀ ଗ୍ରୁପର ପ୍ରତିବଦ୍ଧତା ତଥା ଗୋପାଳପୁର ବନ୍ଦରରେ ରକ୍ତଦାତାଙ୍କ ମଧ୍ୟରେ ରକ୍ତଦାନର ସ୍ୱେଚ୍ଛାକୃତ ଆଗ୍ରହ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ ଏହି ରକ୍ତଦାନ ଶିବିରକୁ ଉତ୍ସର୍ଗୀକୃତ ଭାବେ ସମ୍ପାଦନ କରିଥିବା ହେତୁଶ୍ରୀ ଗୁପ୍ତା ଏମକେସିଜିମେଡିକାଲ୍ ବ୍ଲଡ଼ବ୍ୟାଙ୍କର ସମସ୍ତ କର୍ମକର୍ତ୍ତାଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଥିଲେ ।




## ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ମତ୍ସ୍ୟଜୀବୀ

ଛତ୍ରପୁର, (ସବ୍ୟୁ): ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ଓ ଜିଲ୍ଲା ପ୍ରଶାସନର ନୀରବତାକୁ ବିରୋଧ କରି ୫ ଦଫା ଦାବି ନେଇ ଆର୍ଯ୍ୟପଲ୍ଲୀ ପଂଚାୟତବାସୀ ଗୋପାଳପୁର ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିଲେ । ଏଥିରେ ସାମିଲ ହୋଇଥିଲେ ସାମୁଦ୍ରିକ ୨୭ ଖଣ୍ଡ ଗାଁ ବହୁ ଭଦ୍ର ବ୍ୟକ୍ତି ଏବଂ ଗ୍ରାମ୍ୟ କମିଟି, ହଜାର ହଜାର ମତ୍ସ୍ୟଜୀବୀ । ସେମାନଙ୍କ ଦାବି ଗୁଡିକ ପୂରଣ ନେଇ ନାରାବାଜି ଦେଇଥିଲେ । ଆନ୍ଦୋଳନର କିଛି ଘଣ୍ଟା ପରେ ପୋର୍ଟ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନର ଅଧିକାରୀ ମାନେ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଜିଦରେ ଅଟଳ ରହିଥିଲେ । ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନ କାରି, ଗୋପାଳପୁରବନ୍ଦର କର୍ତ୍ତୃପକ୍ଷ, ପୋଲିସ ପ୍ରଶାସନର ତ୍ରୀପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉପସ୍ଥିତ ରହି ସମୁଦ୍ର କୂଳ ଲଘିଂବା ଠାରୁ ଆରମ୍ଭ କରି ଜେଟି ଖନନ ପର୍ଯ୍ୟନ୍ତ ବିଭିନ୍ନ ଦାବୀ ସମ୍ପର୍କରେ ଆଲୋଚନା କରିଥିଲେ । ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା । ଶେଷରେ ବନ୍ଦର କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ଦାବୀ ଗୁଡିକ ପୂରଣ କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ । ପରେ ଆନ୍ଦୋଳନ ସ୍ଥଳକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଛତ୍ରପୁର ତହସିଲଦାର ସମ୍ବିତ ସଂଗ୍ରାମ ଜିତ ସାହୁ, ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ ପ୍ରମୁଖ ପହଁଚି ସେମାନଙ୍କ ଦାବୀ ଗୁଡିକ ପୂରଣ କରାଯିବ ବୋଲି ପ୍ରତିଶୃତି ଦେବା ସହ ମାଇକ ଯୋଗେ କହିଥିଲେ । ଶେଷରେ ଗଣ ଧାରଣାରୁ ମତ୍ସ୍ୟଜୀବୀ ଉଠିଥିଲେ । ଏହି ଅବସରରେ ମତ୍ସ୍ୟଜୀବୀ ନେତା ଏନ. ଦିନ ବନ୍ଧୁ, କେ. ଦାଶ ରଥି, ପି. ରାମବାବୁ, ଏମ. ଦିଲ୍ଲୀପଙ୍କ ସମେତ ଆର୍ଯ୍ୟପଲ୍ଲୀ ପଂଚାୟତବାସୀ ମାନେ ଉପସ୍ଥିତ ଥିଲେ ।





01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଉତ୍ପତ୍ତି ଷ୍ଟେସନରୁ ଛାଡ଼ିବା ତାରିଖ | ଉତ୍ପତ୍ତି ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣୁପୁର-ପୁରୀ | 26.06.25 | 1830 | 27.06.25 | 0215 |
| 08533 | ଦଶପଲ୍ଲା-ପୁରୀ | 27.06.25 | 0015 | 27.06.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 27.06.25 | 0245 | 27.06.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 27.06.25 | 0230 | 27.06.25 | 0815 |
| 08415 | ତାଳଚେର-ପୁରୀ | 27.06.25 | 0345 | 27.06.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 27.06.25 | 0930 | 27.06.25 | 1135 |
| 08307 | କଟକ-ପୁରୀ | 27.06.25 | 0700 | 27.06.25 | 1150 |
| 08521 | ଦଶପଲ୍ଲା-ପୁରୀ | 27.06.25 | 0945 | 27.06.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 27.06.25 | 0615 | 27.06.25 | 1320 |
| 08425 | ଢେଙ୍କାନାଳ-ପୁରୀ | 27.06.25 | 0900 | 27.06.25 | 1345 |
| 08275 | କଟକ-ପୁରୀ | 27.06.25 | 1015 | 27.06.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 27.06.25 | 0730 | 27.06.25 | 1430 |

02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡ଼ୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 27.06.25 | 1635 | 27.06.25 | 1815 |
| 08276 | ପୁରୀ-କଟକ | 27.06.25 | 1650 | 27.06.25 | 2030 |
| 08306 | ପୁରୀ-କଟକ | 27.06.25 | 1845 | 28.06.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 27.06.25 | 1925 | 28.06.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 27.06.25 | 1940 | 28.06.25 | 0045 |
| 08522 | ପୁରୀ-ଦଶପଲ୍ଲା | 27.06.25 | 2005 | 28.06.25 | 0030 |
| 08416 | ପୁରୀ-ତାଳଚେର | 27.06.25 | 2100 | 28.06.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 27.06.25 | 2115 | 28.06.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 27.06.25 | 2130 | 27.06.25 | 2255 |
| 08424 | ପୁରୀ-ଢେଙ୍କାନାଳ | 27.06.25 | 2215 | 28.06.25 | 0140 |
| 08534 | ପୁରୀ-ଦଶପଲ୍ଲା | 28.06.25 | 0020 | 28.06.25 | 0415 |
| 08428 | ପୁରୀ-ଗୁଣୁପୁର | 28.06.25 | 0245 | 28.06.25 | 1230 |

03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଉତ୍ପତ୍ତି ଷ୍ଟେସନରୁ ଛାଡ଼ିବା ତାରିଖ | ଉତ୍ପତ୍ତି ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣୁପୁର-ପୁରୀ | 04.07.25 | 1830 | 05.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 05.07.25 | 0015 | 05.07.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 05.07.25 | 0245 | 05.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 05.07.25 | 0230 | 05.07.25 | 0815 |
| 08415 | ତାଳଚେର-ପୁରୀ | 05.07.25 | 0345 | 05.07.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 05.07.25 | 0930 | 05.07.25 | 1135 |
| 08307 | କଟକ-ପୁରୀ | 05.07.25 | 0700 | 05.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 05.07.25 | 0945 | 05.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 05.07.25 | 0615 | 05.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 05.07.25 | 0900 | 05.07.25 | 1345 |
| 08275 | କଟକ-ପୁରୀ | 05.07.25 | 1015 | 05.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 05.07.25 | 0730 | 05.07.25 | 1430 |

04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡ଼ୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 05.07.25 | 1635 | 05.07.25 | 1815 |
| 08276 | ପୁରୀ-କଟକ | 05.07.25 | 1650 | 05.07.25 | 2030 |
| 08306 | ପୁରୀ-କଟକ | 05.07.25 | 1845 | 06.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 05.07.25 | 1925 | 06.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 05.07.25 | 1940 | 06.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 05.07.25 | 2005 | 06.07.25 | 0030 |
| 08416 | ପୁରୀ-ତାଳଚେର | 05.07.25 | 2100 | 06.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 05.07.25 | 2115 | 06.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 05.07.25 | 2130 | 05.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 05.07.25 | 2215 | 06.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 06.07.25 | 0020 | 06.07.25 | 0415 |
| 08428 | ପୁରୀ-ଗୁଣୁପୁର | 06.07.25 | 0245 | 06.07.25 | 1230 |

05. ସୁନା ବେଶ ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଉତ୍ପତ୍ତି ଷ୍ଟେସନରୁ ଛାଡ଼ିବା ତାରିଖ | ଉତ୍ପତ୍ତି ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ଗୁଣୁପୁର-ପୁରୀ | 05.07.25 | 1830 | 06.07.25 | 0215 |
| 08533 | ଦଶପଲ୍ଲା-ପୁରୀ | 06.07.25 | 0015 | 06.07.25 | 0415 |
| 08503 | ଖୋର୍ଦ୍ଧା ରୋଡ୍-ପୁରୀ | 06.07.25 | 0245 | 06.07.25 | 0450 |
| 08413 | ପାରାଦ୍ୱୀପ-ପୁରୀ | 06.07.25 | 0230 | 06.07.25 | 0815 |
| 08415 | ତାଳଚେର-ପୁରୀ | 06.07.25 | 0345 | 06.07.25 | 1030 |
| 08317 | ଖୋର୍ଦ୍ଧାରୋଡ୍-ପୁରୀ | 06.07.25 | 0930 | 06.07.25 | 1135 |
| 08307 | କଟକ-ପୁରୀ | 06.07.25 | 0700 | 06.07.25 | 1150 |
| 08521 | ଦଶପଲ୍ଲା-ପୁରୀ | 06.07.25 | 0945 | 06.07.25 | 1305 |
| 08437 | ବ୍ରହ୍ମପୁର-ପୁରୀ | 06.07.25 | 0615 | 06.07.25 | 1320 |
| 08425 | ଢେଙ୍କାନାଳ-ପୁରୀ | 06.07.25 | 0900 | 06.07.25 | 1345 |
| 08275 | କଟକ-ପୁରୀ | 06.07.25 | 1015 | 06.07.25 | 1415 |
| 08421 | କେନ୍ଦୁଝରଗଡ଼-ପୁରୀ | 06.07.25 | 0730 | 06.07.25 | 1430 |

06. ସୁନା ବେଶ ଦିନ ପୁରୀରୁ ଛାଡ଼ୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08318 | ପୁରୀ-ଖୋର୍ଦ୍ଧା ରୋଡ୍ | 06.07.25 | 1635 | 06.07.25 | 1815 |
| 08276 | ପୁରୀ-କଟକ | 06.07.25 | 1650 | 06.07.25 | 2030 |
| 08306 | ପୁରୀ-କଟକ | 06.07.25 | 1845 | 07.07.25 | 0015 |
| 08414 | ପୁରୀ-ପାରାଦ୍ୱୀପ | 06.07.25 | 1925 | 07.07.25 | 0130 |
| 08438 | ପୁରୀ-ବ୍ରହ୍ମପୁର | 06.07.25 | 1940 | 07.07.25 | 0045 |
| 08522 | ପୁରୀ-ଦଶପଲ୍ଲା | 06.07.25 | 2005 | 07.07.25 | 0030 |
| 08416 | ପୁରୀ-ତାଳଚେର | 06.07.25 | 2100 | 07.07.25 | 0245 |
| 08422 | ପୁରୀ-କେନ୍ଦୁଝରଗଡ଼ | 06.07.25 | 2115 | 07.07.25 | 0700 |
| 08504 | ପୁରୀ-ଖୋର୍ଦ୍ଧା ରୋଡ୍ | 06.07.25 | 2130 | 06.07.25 | 2255 |
| 08424 | ପୁରୀ-ଢେଙ୍କାନାଳ | 06.07.25 | 2215 | 07.07.25 | 0140 |
| 08534 | ପୁରୀ-ଦଶପଲ୍ଲା | 07.07.25 | 0020 | 07.07.25 | 0415 |
| 08428 | ପୁରୀ-ଗୁଣୁପୁର | 07.07.25 | 0245 | 07.07.25 | 1230 |

07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଉତ୍ପତ୍ତି ଷ୍ଟେସନରୁ ଛାଡ଼ିବା ତାରିଖ | ଉତ୍ପତ୍ତି ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08407 | ଅନୁଗୁଳ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0145 |
| 08411 | ପାରାଦ୍ୱୀପ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2100 | ପରବର୍ତ୍ତୀ ଦିନ | 0245 |
| 08403 | ଭଦ୍ରକ-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2000 | ପରବର୍ତ୍ତୀ ଦିନ | 0310 |
| 08427 | କେନ୍ଦୁଝରଗଡ଼-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2030 | ପରବର୍ତ୍ତୀ ଦିନ | 0345 |
| 08429 | ପଲାସା-ପୁରୀ | 26.06.2025 ଠାରୁ 07.07.2025 ପର୍ଯ୍ୟନ୍ତ | 2130 | ପରବର୍ତ୍ତୀ ଦିନ | 0630 |
| 08431 | ଦଶପଲ୍ଲା-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0200 | ସେହି ଦିନ | 0605 |
| 08405 | ଭଦ୍ରକ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0210 | ସେହି ଦିନ | 0855 |
| 08409 | ଅନୁଗୁଳ-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0345 | ସେହି ଦିନ | 0935 |
| 08263 | ଖୋର୍ଦ୍ଧାରୋଡ୍-ପୁରୀ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0600 | ସେହି ଦିନ | 0740 |

08. ରଥଯାତ୍ରା ପାଇଁ ପୁରୀରୁ ଛାଡ଼ୁଥିବା ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08432 | ପୁରୀ-ଦଶପଲ୍ଲା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 0700 | ସେହି ଦିନ | 1045 |
| 08404 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1415 | ସେହି ଦିନ | 2200 |
| 08430 | ପୁରୀ-ପଲାସା | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1430 | ସେହି ଦିନ | 2115 |
| 08408 | ପୁରୀ-ଅନୁଗୁଳ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1505 | ସେହି ଦିନ | 2000 |
| 08412 | ପୁରୀ-ପାରାଦ୍ୱୀପ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1530 | ସେହି ଦିନ | 2145 |
| 08426 | ପୁରୀ-କେନ୍ଦୁଝରଗଡ଼ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1600 | ସେହି ଦିନ | 2345 |
| 08406 | ପୁରୀ-ଭଦ୍ରକ | 27.06.2025 ଠାରୁ 08.07.2025 ପର୍ଯ୍ୟନ୍ତ | 1745 | ପରବର୍ତ୍ତୀ ଦିନ | 0030 |
| 08410 | ପୁରୀ-ଅନୁଗୁଳ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0005 | ସେହି ଦିନ | 0510 |
| 08264 | ପୁରୀ-ଖୋର୍ଦ୍ଧାରୋଡ୍ | 28.06.2025 ଠାରୁ 09.07.2025 ପର୍ଯ୍ୟନ୍ତ | 0330 | ସେହି ଦିନ | 0500 |

09. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଉତ୍ପତ୍ତି ଷ୍ଟେସନରୁ ଛାଡ଼ିବା ତାରିଖ | ଉତ୍ପତ୍ତି ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08385 | ରାଉରକେଲା-ପୁରୀ | 25.06.25 ଏବଂ 04.07.25 | 1020 | ସେହି ଦିନ | 2315 |
| 08037 | ସାନ୍ତ୍ରାଗାଛି-ପୁରୀ | 25.06.25 ଏବଂ 03.07.25 | 1640 | ପରବର୍ତ୍ତୀ ଦିନ | 0500 |
| 08379 | ବାଦାମପାହାଡ଼-ପୁରୀ | 25.06.25 ଏବଂ 04.07.25 | 0600 | ସେହି ଦିନ | 2115 |
| 08376 | ଦାଉମିତ୍ରପୁର-ପୁରୀ | 25.06.25 ଏବଂ 04.07.25 | 1800 | ପରବର୍ତ୍ତୀ ଦିନ | 0945 |
| 08389 | ବଡ଼ବିଲ-ପୁରୀ | 25.06.25 ଏବଂ 04.07.25 | 1700 | ପରବର୍ତ୍ତୀ ଦିନ | 0415 |
| 08441 | ଜୁନାଗଡ଼ ରୋଡ୍-ପୁରୀ | 26.06.25 ଏବଂ 04.07.25 | 0920 | ସେହି ଦିନ | 2215 |
| 08461 | ବୌଦ୍ଧ-ପୁରୀ | 26.06.25 ଏବଂ 04.07.25 | 1215 | ପରବର୍ତ୍ତୀ ଦିନ | 0030 |
| 08445 | ଜଗଦଲପୁର-ପୁରୀ | 26.06.25 ଏବଂ 04.07.25 | 0900 | ପରବର୍ତ୍ତୀ ଦିନ | 0115 |
| 08453 | ସମ୍ବଲପୁର-ପୁରୀ | 26.06.25 ଏବଂ 04.07.25 | 2350 | ପରବର୍ତ୍ତୀ ଦିନ | 0955 |
| 08381 | ବାଙ୍ଗିରିପୋଷି-ପୁରୀ | 26.06.25 ଏବଂ 04.07.25 | 0835 | ସେହି ଦିନ | 1830 |
| 08387 | ବାଲେଶ୍ୱର-ପୁରୀ | 26.06.25 ଏବଂ 04.07.25 | 1825 | ପରବର୍ତ୍ତୀ ଦିନ | 0130 |
| 08313 | ବିଶାଖାପାଟଣା-ପୁରୀ | 27.06.25 ଏବଂ 05.07.25 | 0045 | ସେହି ଦିନ | 1200 |
| *08593 | ରାୟଗଡ଼ା-ଖୋର୍ଦ୍ଧା ରୋଡ୍ | 26.06.25 ଏବଂ 04.07.25 | 1100 | ସେହି ଦିନ | 2355 |
| *08893 | ଗୋଣ୍ଡିଆ-ଖୋର୍ଦ୍ଧା ରୋଡ୍ | 26, 28 ଏବଂ 30.06.25 02 ଏବଂ 05.07.25 | 1330 | ପରବର୍ତ୍ତୀ ଦିନ | 0845 |

* ଟ୍ରେନ୍ ସଂଖ୍ୟା 08893 ଏବଂ 08593 ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚଳାଚଳ କରିବ

10. ରଥଯାତ୍ରା ପାଇଁ ପୁରୀରୁ ଛାଡ଼ୁଥିବା ଅନ୍ୟ ସତନ୍ତ୍ର ଟ୍ରେନ୍

| ଟ୍ରେନ୍ ନଂ | ସତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08380 | ପୁରୀ-ବାଦାମପାହାଡ଼ | 27.06.25 ଏବଂ 06.07.25 | 2340 | ପରବର୍ତ୍ତୀ ଦିନ | 1500 |
| 08377 | ପୁରୀ-ଦାଉମିତ୍ରପୁର | 27.06.25 ଏବଂ 06.07.25 | 2225 | ପରବର୍ତ୍ତୀ ଦିନ | 1230 |
| 08390 | ପୁରୀ-ବଡ଼ବିଲ | 27.06.25 ଏବଂ 06.07.25 | 2140 | ପରବର୍ତ୍ତୀ ଦିନ | 1000 |
| 08442 | ପୁରୀ-ଜୁନାଗଡ଼ ରୋଡ୍ | 27.06.25 ଏବଂ 05.07.25 | 2325 | ପରବର୍ତ୍ତୀ ଦିନ | 1245 |
| 08386 | ପୁରୀ-ରାଉରକେଲା | 28.06.25 ଏବଂ 06.07.25 | 0300 | ସେହି ଦିନ | 1550 |
| 08038 | ପୁରୀ-ସାନ୍ତ୍ରାଗାଛି | 28.06.25 ଏବଂ 06.07.25 | 0015 | ସେହି ଦିନ | 1330 |
| 08462 | ପୁରୀ-ବୌଦ୍ଧ | 28.06.25 ଏବଂ 06.07.25 | 0230 | ସେହି ଦିନ | 1430 |
| 08446 | ପୁରୀ-ଜଗଦଲପୁର | 28.06.25 ଏବଂ 06.07.25 | 0045 | ସେହି ଦିନ | 1645 |
| 08454 | ପୁରୀ-ସମ୍ବଲପୁର | 28.06.25 ଏବଂ 06.07.25 | 0100 | ସେହି ଦିନ | 0930 |
| 08382 | ପୁରୀ-ବାଙ୍ଗିରିପୋଷି | 28.06.25 ଏବଂ 06.07.25 | 1815 | ପରବର୍ତ୍ତୀ ଦିନ | 0600 |
| 08388 | ପୁରୀ-ବାଲେଶ୍ୱର | 28.06.25 ଏବଂ 06.07.25 | 0200 | ସେହି ଦିନ | 0800 |
| 08314 | ପୁରୀ-ବିଶାଖାପାଟଣା | 28.06.25 ଏବଂ 06.07.25 | 0215 | ସେହି ଦିନ | 1300 |
| *08594 | ଖୋର୍ଦ୍ଧା ରୋଡ୍-ରାୟଗଡ଼ା | 28.06.25 ଏବଂ 06.07.25 | 0100 | ସେହି ଦିନ | 1500 |
| *08894 | ଖୋର୍ଦ୍ଧା ରୋଡ୍-ଗୋଣ୍ଡିଆ | 28 ଏବଂ 29.06.25 01, 03 ଏବଂ 07.07.25 | 1100 | ପରବର୍ତ୍ତୀ ଦିନ | 0415 |

* ଟ୍ରେନ୍ ସଂଖ୍ୟା 08894 ଏବଂ 08594 ଖୋର୍ଦ୍ଧା ରୋଡ୍ ଠାରୁ ଛାଡ଼ିବ

ରଥଯାତ୍ରା ସତନ୍ତ୍ର ଟ୍ରେନ ଗୁଡ଼ିକ ସତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ।
ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ନଯାଇ ଭାୟା-ଅଣୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

ECOR YATRA APP | UTS ON MOBILE
or DOWNLOAD from Play Store
UTS ON MOBILE ଅସଂରକ୍ଷିତ ଟାଇକେଟିଂ ଟିକେଟ୍ ପାଇଁ

ରଥଯାତ୍ରା ମୋବାଇଲ୍ ଆପ୍
ସମସ୍ତ ସୂଚନା ପାଇଁ ECoR Rath Yatra ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ



ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in

ଡାଏଲ୍ କରନ୍ତୁ 139 ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର

D-4/25-26 www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor



DSPL142

ଓଡ଼ିଶା ଶାସନ

# ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR: 10003/13/0213/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

# ଶ୍ରୀ ଲୋକେଶ୍ବର ମହାଦେବଙ୍କ ରନ୍ମୁଦ ଉତ୍ସବ



ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ତମ୍ବାଛଡା ଗ୍ରାମପଞ୍ଚାୟତ ଅଧୀନସ୍ଥ ତେଲିପଲାସ ଗ୍ରାମରେ ନବ ନିର୍ମିତ ଶ୍ରୀଶ୍ରୀ ଲୋକେଶ୍ବର ମହାଦେବ ମନ୍ଦିରର ରନ୍ମୁଦ ଉତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଦିନ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ଅଧିବାସ କାର୍ଯ୍ୟକ୍ରମ ହୋଇଥିଲା । ଏହି ଉତ୍ସବ ପାଇଁ ଇନ୍ଦ୍ର ଇନ୍ଦ୍ରାଣୀଙ୍କୁ ନିମନ୍ତ୍ରଣ ଓ ବାହାଡା ବୃକ୍ଷକୁ ପୂଜାକରି ଥିଲେ । ସୋମବାର ଦିନ ଶ୍ରୀ ଶ୍ରୀ ଲୋକେଶ୍ବର ମହାଦେବ ମନ୍ଦିରରେ ହୋମ ଯଜ୍ଞ କରି ନଗର ପରିକ୍ରମା କରି ରନ୍ମୁଦ ଆରମ୍ଭ କରାଯାଇଥିଲା। ପଣ୍ଡିତ ସୁରେଶ ଚନ୍ଦ୍ର ଦାଶ ଓ ତାଙ୍କ ସହଯୋଗୀ ପୂଜା ବିଧୂ ପାଳନ କରିଥିଲେ । କର୍ତ୍ତା ରୂପେ ରମେଶ ଚନ୍ଦ୍ର ପଟ୍ଟଯୋଶୀ ଓ ତାଙ୍କ ଧର୍ମପତ୍ନୀ ପ୍ରକାଶିନୀ ପଟ୍ଟଯୋଶୀ ଯୋଗଦେଇ କାର୍ଯ୍ୟ ତୁଲାଇଥିଲେ । ରନ୍ମୁଦ କାର୍ଯ୍ୟ କର୍ମ ରେ ମହାରଣା ଭାବରେ ରବିନ୍ଦ୍ର ପଲେଇ କାର୍ଯ୍ୟ ସମାପନ କରିଥିଲେ । ଉତ୍ସବକୁ ବିଘ୍ନରାଜ ପଟ୍ଟଯୋଶୀ, ସୂର୍ଯ୍ୟ ନାରାୟଣ ପଟ୍ଟଯୋଶୀ, ସୁବ୍ରତ କୁମାର ମୁଣ୍ଡ,ଗୋପିନାଥ,ସୁମିତ କୁମାର ମୁଣ୍ଡ, ହୃଷୀକେଶ ମଙ୍ଗରାଜ, ଦୟାନିଧି ଗୋପାଳ, ବିଘ୍ନରାଜ ଗୋପାଳ, ତ୍ରିଲୋଚନ ଗୋପାଳ, ଚିତେଶ୍ବର ଖର୍ସେଲ, ମଛନ ପଟ୍ଟଯୋଶୀ ଓ ତେଲିପଲାସ ଗ୍ରାମ ବାସିନ୍ଦା ସହଯୋଗ କରିଥିଲେ । ଏ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଧାନ, ଟଙ୍କା, ସୁନା, ଶସ୍ୟ ଅର୍ପଣ କରି ମନ୍ଦିରର ରନ୍ମୁଦରେ ସହଯୋଗ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ସହିତ ଏହି ଉତ୍ସବ ଶେଷ ହୋଇଥିଲା ।

# ଆଦିବାସୀଙ୍କ ଉପାସନା ସ୍ଥଳୀ ଉଚ୍ଛେଦ ନକରିବାକୁ ତାଗିଦ କଲେ ବିଧାୟକ



ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଜାଡିଲି ପଞ୍ଚାୟତର ସର୍ଗିଗୁଡା ଜଙ୍ଗଲରେ ଥିବା ଆଦିବାସୀଙ୍କ ଉପାସନାସ୍ଥଳୀ ଉଛେଦ ନକରିବାକୁ ତାଗିଦ କଲେ ବିଧାୟକ ସତ୍ୟଜିତ ଗମାଙ୍ଗ। ରାଜସ୍ବ ବିଭାଗ ବାରମ୍ବାର ମାପ କରୁଛନ୍ତି । ଭାଙ୍ଗି ଦେବାକୁ ନୋଟିସ ଲଗେଇ ବୁଲଡୋଜର ଆଣୁଛନ୍ତି କିନ୍ତୁ କେହି ମୁହଁ ଖୋଲୁ ନାହାଁନ୍ତି କାରଣ ? । ଗ୍ରାମବାସୀଙ୍କ ଗୋଷ୍ଠୀ ଜଙ୍ଗଲରେ ଥିବା ଯଜ୍ଞ କୁଣ୍ଡ ଏବଂ ଗୋଶାଳାକୁ ନେଇ ପ୍ରଶାସନର ଅଦୃଶ୍ୟ ଶକ୍ତି କାମ କରୁଛି । ଯଦିଓ ଆଦିବାସୀ ଲୋକ ଜବରଦଖଲ କରିଛନ୍ତି ବୋଲି ପ୍ରଶାସନ କହୁଛି ତେବେ ସେଠାରେ ଆଉ କଣ ବିକାଶ କରାଯିବ କୁହନ୍ତୁ । ଯଦିଓ ଭଙ୍ଗା ଯିବ ଲାଭ କାହାର ହେବ ବୋଲି ସ୍ଥାନୀୟ ବିଧାୟକ ଶ୍ରୀ ଗମାଙ୍ଗ ତହସିଲଦାରଙ୍କୁ ପ୍ରଶ୍ନ କରିବା ପରେ ତହସିଲଦାର ଫେରିଯାଇଥିବା ଜଣାପଡ଼ିଛି ।

ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଜାଡିଲି ପଞ୍ଚାୟତର ସର୍ଗିଗୁଡ଼ା ମୌଜା ସ୍ଥିତ ଖାତା ନଂ. ୩୯, ପ୍ଲଟ୍ ନଂ. ୧୮୧, ପତ୍ରା ଜଙ୍ଗଲ କିସମ ଓ ୭.୯୦ ଏକର ସରକାର ଦେଇଥିଲେ ଗୋଷ୍ଠିଗତ ଜଙ୍ଗଲ ଜମି । ନିର୍ମାଣ କରିଥିଲେ ନିଜ ଧର୍ମ ଓ ଆଦିବାସୀ ପରମ୍ପରାର ଉପାସନାସ୍ଥଳୀ । ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଏହି ଉପାସନା ସ୍ଥଳୀକୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଭାଙ୍ଗିଦେବା ପାଇଁ ପଦ୍ମପୁର ରାଜସ୍ବ ବିଭାଗ ବୁଲଡୋଜର ଧରି ସେଠାରେ ପହଞ୍ଚିଥିଲେ। ନଭାଙ୍ଗିବା ପାଇଁ ଅଡ଼ି ବସିଥିଲେ ଗ୍ରାମବାସୀ । ଘଟଣା ସ୍ଥଳକୁ ସ୍ଥାନୀୟ ବିଧାୟକ ଶ୍ରୀ ଗମାଙ୍ଗଙ୍କ ଆସି କେଉଁ କାରଣରୁ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଏହି ଉପାସନା ସ୍ଥଳୀକୁ ଭାଙ୍ଗିବା ପାଇଁ ଜିଦ ବୋଲି ପ୍ରଶାସନ ସହିତ ଯୁକ୍ତିତର୍କ କରିଥିଲେ। ଦୀର୍ଘ ୫ଘଣ୍ଟାର ଯୁକ୍ତିତର୍କ ପରେ ବାଧ ହୋଇ ଏହାକୁ ନଭାଙ୍ଗି ଜିଦ ଆଗରେ ମୁଣ୍ଡ ନୁଆଇଁ ବୁଲଡୋଜରକୁ ଫେରାଇ ନେଲା ପ୍ରଶାସନ। ସର୍ଗିଗୁଡା ଗ୍ରାମରେ ୨୦୧୪ ମସିହାର ତତ୍କାଳୀନ ଜିଲ୍ଲାପାଳ, ଜିଲ୍ଲା ବନଖଣ୍ଡ ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମିଳିତ ସ୍ବାକ୍ଷରରେ ଏକ ଗୋଷ୍ଠିଗତ ଜଙ୍ଗଲ ଜମି ଶିରୋନାମା ଏଫଆରସି ନଂ ୪୪/୨୦୧୪ ଅନୁସାରେ ପ୍ରଦାନ କରାଯାଇଥିଲା । ଏହି ଜମି ସର୍ଗିଗୁଡ଼ା ମୌଜାରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଉନ୍ନତିମୂଳକ କାମ କରାଯାଇଛି। ବନ ବିଭାଗ ସହାୟତାରେ ପ୍ରାୟ ୩ହଜାର ଗଛ ଲଗା ଯାଇଛି । ସ୍ବତନ୍ତ୍ର ଉନ୍ନୟନ ପରିଷଦଙ୍କ ଅନୁଦାନରେ ଏକ ଯଜ୍ଞଶାଳା ନିର୍ମାଣ କରି ହିନ୍ଦୁ ଆଦିବାସୀ ସଂସ୍କୃତିର ଉପାସନା କରାଯାଉଛି । ଏହା ବ୍ୟତିତ ଅତିଥି ଗୃହ ଏବଂ ଏକ ଗୋଶାଳା କରାଯାଇଛି। କିନ୍ତୁ ରାଜସ୍ବ ନିରୀକ୍ଷକ, ଅମିନ ଜାଗା ଚିହ୍ନଟ କରି ଆମ ଗାଁର ଜଙ୍ଗଲ ବୋଲି ଦର୍ଶାଇଥିଲେ । ଅଦ୍ୟାବଧି ସେହି ଜମି ଆମର ସଂପୂର୍ଣ୍ଣ ଦଖଲରେ ଅଛୁ । ଏନେଇ ବିଭାଗୀୟ ମନ୍ତ୍ରୀ, ଏସପି, ଡିଏଫଓ ଏବଂ ଉପ ଜିଲ୍ଲାପାଳ ଗୁଣପୁରଙ୍କୁ କୋର୍ଟର ସତ୍ୟପାଠ ଦାଖଲ କରିଛନ୍ତି ସଭାପତି ଦାଶରଥି ଶବର। ତଥାପି ଭାଙ୍ଗି ଦେବା ପାଇଁ ପ୍ରଶାସନର ଜିଦ୍ । ଆମ ହିନ୍ଦୁ ଧର୍ମକୁ ନଷ୍ଟ କରିବା ପାଇଁ ଯୋଜନା ବୋଲି ଗ୍ରାମବାସୀ ମଲ୍ଲୀକେଶର ଶବର, ରତ୍ନାକର ଶବର, ମନୋରଞ୍ଜନ ଶବର କହିଛନ୍ତି। ଏହା ସହିତ ଉଚ୍ଚ ସ୍ତରୀୟ ତଦନ୍ତ ହେଉ ବୋଲି ଦାବି କରିଛନ୍ତି । ଏନେଇ ବିଧାୟକ କହିଛନ୍ତି ଆଗାମୀ ଦିନରେ ଏହାକୁ ଭଙ୍ଗା ଯିବ ତେବେ ଜନ ଆନ୍ଦୋଳନ ନିଶ୍ଚିତ ସୃଷ୍ଟି ହେବ ଏନେଇ ପ୍ରଶାସନ ଦାୟୀ ରହିବ। ଏହା ସହିତ ମୋ ନିର୍ବାଚନ ମଣ୍ଡଳୀରେ ଉଛେଦ କରାଯିବ ମତେ କୈଣସି ସୂଚନା ନାହିଁ। ପୁଣି ଆଦିବାସୀ ଉପରେ ଜୁଲମ କରାଯାଉଛି। ଏନେଇ ରାଜସ୍ବ ମନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି ମତ ଦେଇଛନ୍ତି।

# ସ୍କୁଲ ପାଇଁ ଦୁର୍ଘଟଣା ବଢୁଛି ,ସାଧାରଣ ଲୋକେ ହନ୍ତସନ୍ତ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ସହରର ବମ୍ବେ ଛକରୁ ସେଣ୍ଟମେରି ସ୍କୁଲ ଦେଇ ଓଭରବ୍ରିଜ ଓ ରେଲବାଇ କଲୋନିକୁ ଯାଇଥିବା ରାସ୍ତା ସକାଳ ୭ଟା ରୁ ୮ଟା ଏବଂ ଦିନ ୧ଟରୁ ୨ଟା ପର୍ଯ୍ୟନ୍ତ ସାଧାରଣ ଲୋକ ଯିବା ଆସିବା କରିବା କଷ୍ଟକର । ଦୁଇଚକିଆ,୪ଚକିଆ ଗାଡିରେ ୫୦୦ମିଟର ଯିବାପାଇଁ ମୁସ୍କିଲ ହୋଇପଡ଼େ । ଏହି ରାସ୍ତା ନିକଟରେ ଥିବା ସେଣ୍ଟମେରୀ ସ୍କୁଲ. ରୋନାଲଟ୍ , ଗର୍ଡଅର୍ଫ ଆସେମ୍ବ୍ଲି ସ୍କୁଲ ଓ ଓଡିଆ ସ୍କୁଲର ଶହଶହ ଛାତ୍ରଛାତ୍ରୀ ଯିବା ଆସିବା କରିଥାନ୍ତି । ରେଲ ଷ୍ଟେସନକୁ ବ୍ରଜରାଜନଗର, ବେଲପାହାଡର ଯାତ୍ରି ଓ ପଞ୍ଚପଡା, ବିଟିଏମ ଅଞ୍ଚଳର ଲୋକେ , କଲେଜର ପୁଅ, ଝିଅ ମାନେ ସହରକୁ ଯିବା ଆସିବା ପ୍ରାୟତଃ ଏହି ରାସ୍ତା ଦେଇ କରନ୍ତି । ସେଣ୍ଟ ମେରି ସ୍କୁଲକୁ ଆସୁଥିବା ବସଗୁଡିକ ସ୍କୁଲ ସମ୍ମୁଖରେ ଏହି ରାସ୍ତାର ଏକ ପାର୍ଶ୍ୱରେ ରହୁଛି । ରାସ୍ତାର ଅନ୍ୟ ପାର୍ଶ୍ୱରେ ସେଣ୍ଟ ମେରି ସ୍କୁଲର ବାଲି,ଗୋଡିଜମା ହୋଇ ରହିଛି । ରାସ୍ତାଟି ସଂକୀର୍ଣ୍ଣ ଯୋଗୁଁ ସ୍କୁଲ ଛୁଟି ଓ ଆରମ୍ଭ ସମୟରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେଣ୍ଟମେରି ସିନିୟର ସ୍କୁଲର ପଛପଟ ରାସ୍ତାରେ ଏ ବର୍ଷ ସ୍କୁଲ ନୂତନ ଗେଟ୍ ଖୋଲିବା ସହିତ ସ୍କୁଲ ମଧ୍ୟ ନିଜସ୍ବ ୪ଟି ଦୋକାନ ଖୋଲିଛି । ଫଳରେ ସଂକୀର୍ଣ୍ଣ ରାସ୍ତାରେ ମଧ୍ୟ ଭିଡ ହେଉଛି । ବମ୍ବେଛକ ନିକଟରେ ଜାତୀୟ ରାଜପଥରେ ସେଣ୍ଟମେରି ଜୁନିୟର ସ୍କୁଲକୁ ପିଲାମାନଙ୍କୁ ନେବାପାଇଁ ବସ, ଅନ୍ୟ ଗାଡି ଗୁଡିକ ରହିବା ଫଳରେ ମୁଖ୍ୟରାସ୍ତାରେ ଯାତାୟତରେ ଅସୁବିଧାର ସମ୍ମୁଖିନ ହେବା ସହିତ ଜାତୀୟ ରାଜପଥରେ ଭିଡଯୋଗୁଁ ଦୁର୍ଘଟଣା ହେଉଛି । ସ୍କୁଲ ଭିତର ପଡିଆରେ ଗାଡି ଗୁଡିକ ରଖିବା ପାଇଁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ବଡ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ବ୍ୟବସ୍ଥା କରାଯାଉ

ବଲାଙ୍ଗିର,(ସବ୍ୟୁ): ପ୍ରମୁଖ ସାମାଜିକ ସଂଗଠନ ଅଭିଭାବକ ମଞ୍ଚର ବିଶେଷ ବୈଠକ ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ସମ୍ମିଳନୀ କକ୍ଷରେ ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ସଦସ୍ୟଗଣ ଜିଲ୍ଲାର କ୍ରମ ବର୍ଦ୍ଧିଷ୍ଣୁ ବେକାରୀ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ଯୁକ୍ତି ସଂଗତ ସମାଧାନ ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଭିନ୍ନ ସରକାରୀ କର୍ମଚାରୀ ନିଯୁକ୍ତି କ୍ଷେତ୍ର ବିଶେଷତଃ ଗ୍ରେଡ-୩ ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତିକୁ ଜିଲ୍ଲାସ୍ତରୀୟ କରିବା ପାଇଁ ସରକାର ଙ୍କ ଠାରେ ଦାବୀ ଉପସ୍ଥାପନ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା । ୨୦୨୧ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଦାବିକୁ ମଂଚ ସମର୍ଥନ କରିବା ପାଇଁ ସଭାରେ ସ୍ଥିର ହେଲା । କେନ୍ଦ୍ର ସରକାରଙ୍କ ରେଳ ବିଭାଗ ତରଫରୁ ବଲାଙ୍ଗିର-ଖୋର୍ଦ୍ଧା ରୋଡ ରେଳପଥରେ ବୌଦ୍ଧରୁ ବଲାଙ୍ଗିର ଏବଂ ପୁରୁଣା କଟକ-ବଲାଙ୍ଗିର ଟ୍ରେନ ଚଳାଚଳ ଆରମ୍ଭ କରିଥିବାରୁ ମଞ୍ଚ ତରଫରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ରେଳ ବିଭାଗ ତରଫରୁ ଝାରସୁଗୁଡା - ସମ୍ବଲପୁର ମଧ୍ୟରେ ୩ୟ ତଥା ୪ର୍ଥ ରେଳ ଲାଇନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଛି । ସେହିପରି ସମ୍ବଲପୁର - ଟିଟିଲାଗଡ ମଧ୍ୟରେ ୩ୟ ତଥା ୪ର୍ଥ ରେଳ ଲାଇନ ନିର୍ମାଣ ଏବଂ ବଲାଙ୍ଗିର ଷ୍ଟେସନରେ ୪ର୍ଥ ଓ ୫ମ ପ୍ଲାଟଫର୍ମ ନିର୍ମାଣ ଦାବୀ ପାଇଁ ସଭାରେ ମତ ପ୍ରକାଶ ପାଇଥିଲା । ଆଲୋଚନାରେ ଉପସଭାପତି ପ୍ରଶନ୍ନ ମିଶ୍ର, ସମ୍ପାଦକ ଗୋବିନ୍ଦ ମିଶ୍ର, କୃଷ୍ଣଚନ୍ଦ୍ର ମହାକୁର, ଦିବାକର ହୋତା, ପୂର୍ଣ୍ଣଚନ୍ଦ୍ର ଦାଶ, ରାଧାକୃଷ୍ଣ ମେହେର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସଭ୍ୟ ପୁରୁଷୋତ୍ତମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଣାକାର ଜଗଦଲା ସ୍ମାରକୀ କ୍ରିକେଟ୍

# ଘଣ୍ଟବାହାଲ ଚାମ୍ପିଅନ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ସଦର ପଞ୍ଚାୟତ ଘଣ୍ଟବାହାଲ ଖେଳ ପଡିଆରେ ଚାଲିଥିବା ଅଣାକାର ଜଗଦଲା ସ୍ମାରକୀ ୧୦ମ ନାଇଟ କ୍ରିକେଟ୍ ପ୍ରତିଯୋଗିତାରେ ଘଣ୍ଟବାହାଲ ଚମ୍ପିଅନ ହୋଇଛି । ଆୟୋଜକ ଜେଏଚସିସି ଘଣ୍ଟବାହାଲ ପକ୍ଷରୁ ଗତ ୨୦ ତାରିଖରୁ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଥିଲା । ଉଦଯାପନୀ ତଥା ଫାଇନାଲ ମ୍ୟାଚ୍ ଆୟୋଜକ ଘଣ୍ଟବାହାଲ ଦଳ ଓ ଯମୁନା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଘଣ୍ଟବାହାଲ ଦଳ ଚାମ୍ପଅନ ଆଖ୍ୟା ଅର୍ଜନ କରିଥିଲା ବେଳେ ଯମୁନା ଦଳ ରନର୍ସ ଅପ ହୋଇଥିଲା। ମୁଖ୍ୟ ଅତିଥିଭାବେ ସୋନପୁର ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସ, ସମ୍ମାନିତ ଅତିଥି ବଲାଙ୍ଗିର ଜିଲ୍ଲା ବିଜେପି ସଭାପତି ଶ୍ରୀବସ୍ତ ବେହେରା, ବୀର ମହାରାଜପୁର ମଣ୍ଡଳ ସଭାପତି ତଥା ସ୍ବର୍ଗତ ଜଗଦଲାଙ୍କ ସାନପୁଅ ସୁମନ୍ତ ଜଗଦଲା,ସଦର ପଞ୍ଚାୟତ ସରପଞ୍ଚ ବିଶ୍ୱବିହାରୀ ଯୋଶୀ,ସ୍ବର୍ଗତ ଜଗଦଲାଙ୍କ ଧର୍ମପତ୍ନୀ ସବିତା ଜଗଦଲା,ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନର କୋଷାଧ୍ୟକ୍ଷ ନବୀନ କୁମାର ତାଣ୍ଡି,ସତ୍ୟବ୍ରତ ମିଶ୍ର, ରବୀନ୍ଦ୍ରନାଥ ପଣ୍ଡା,ରାଜୀବ ମହାନ୍ତି,ବରୁଣ ବାଗ,ବିଭୀଷଣ ଛୁରା ଓ ଅନ୍ତ ଛୁରା ପ୍ରମୁଖ ଯୋଗ ଦେଇଥିଲେ। କ୍ରିକେଟ୍ ପ୍ରତିଯୋଗିତାକୁ ଜିଲ୍ଲାସ୍ତରୀୟ କରିବା ପାଇଁ ଅତିଥି ରୂପେ ଯୋଗଦେଇଥିବା ଦୁଇ ଜିଲ୍ଲା ସଭାପତି ଆଗ୍ରହ ପ୍ରକାଶ କରିଥିଲେ । ଏହି ପ୍ରତିଯୋଗିତା ଆୟୋଜନରେ ଆୟୋଜକ କମିଟିର ସୁରେନ୍ଦ୍ର ଛୁରା,ପିଣ୍ଟୁ ଛୁରା,ରାଜୀବ ଛୁରା, କୁମରମଣୀ ଛୁରା, ଅର୍ଜୁନ ଛୁରା,ରାଜେଶ ଛୁରାଙ୍କ ସହ ସମସ୍ତ କ୍ରିକେଟ ପ୍ରେମୀ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାଗୃହ ଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଓକିଲ ସଂଘ ସଭାପତି ପ୍ରଦୀପ କୁମାର ବହିଦାର ଓ ସମ୍ପାଦକ ପ୍ରଦ୍ୟୁତ୍ ଶର୍ମା ଶିବିରର ଶୁଭ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଅଇଁଠାପାଲି ସ୍ଥିତ ଡା. ଅଗ୍ରୱାଲ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଆଇନଜୀବୀ ମାନଙ୍କ ଚକ୍ଷୁ ପରୀକ୍ଷା ସହ ପରାମର୍ଶ ପ୍ରଦାନ କରାଯାଇଥିଲା ।

# ସିଆରପିଏଫ୍ ଗ୍ରୁପ ସେଣ୍ଟର ସମ୍ବଲପୁରର ପ୍ରତିଷ୍ଠା ଦିବସ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗୋଶାଳା ସ୍ଥିତ ସିଆରପିଏଫ୍ ଗ୍ରୁପ ସେଣ୍ଟର ସମ୍ବଲପୁରର ୧୦ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହ ଯୋଗ ଦେଇ ଏହି ସେଣ୍ଟରର ଗୌରବମୟ ସ୍ଥାପନା ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ବାହିନୀର ଗୌରବମୟ ଇତିହାସ, ବୀରତ୍ୱ, ତ୍ୟାଗ ଓ ଶୃଙ୍ଖଳାର ପରମ୍ପରାକୁ ମନେ ପକାଇବା ସହ ଶହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଆରଡିସି ସଚିନ୍ ରାମଚନ୍ଦ୍ର ଯାଦବ, ସ୍ବତନ୍ତ୍ର ଗୃହ କମିଶନର ଡ. ମୃଣାଳିନୀ ଦଶର୍‌ଓ୍ୱାଲ, ପୋଲିସ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ବେଦଭୂଷଣ, ଜେଏସ୍‌ଡବ୍ଲୁ ସିଇଓ ଅନୀଲ କୁମାର ସିଂହ ଓ ବରିଷ୍ଠ ସୁରକ୍ଷା ଅଧିକାରୀ ମନୋଜ କୁମାର ଅତିଥି ଭାବେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ୨୪ଜୁନ୍, ୨୦୧୫ ମସିହାରେ ଏହି ସେଣ୍ଟର ପ୍ରତିଷ୍ଠା ହୋଇଥିଲା । ସୀମିତ ସମ୍ବଳ, ଆବାସିକ ଚ୍ୟାଲେଞ୍ଜ, କଷ୍ଟକର ପରିସ୍ଥିତି ସତ୍ତ୍ୱେ ଅଧିକାରୀ ଓ ସୈନିକଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ସମର୍ପଣ ମନୋଭାବ ଯୋଗୁଁ ଏହା ଆଦର୍ଶ ଓ ସୁନ୍ଦର କ୍ୟାମ୍ପସ ଭାବେ ପରିଗଣିତ ହୋଇଛି । ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ମଧ୍ୟ ପୁରସ୍କୃତ ହୋଇଛି ।

# ବିଷାକ୍ତ ସାପ କାମୁଡ଼ାରେ ଜଣେ ମୃତ

ହରଭଙ୍ଗା,(ସବ୍ୟୁ): ଏମିତି ବି ଆସିପାରେ ମୃତ୍ୟୁ । ନିଜ ପରିବାର ସହ ରାତିରେ ହସ ଖୁସିରେ ଖାଇ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି । ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ସଙ୍କୁଲାଇ ପଞ୍ଚାୟତ ଅନ୍ତର୍ଗତ କମ୍ପନାଥପୁର ଗ୍ରାମର ସୁଦସାଇରେ ଘଟଣା ଘଟିଛି । ସୂଚନା ଅନୁଯାୟୀ ସୋମବାର ରାତିରେ ନିଜ ପରିବାର ସହ ଜୟଦେବ ନାୟକ ରାତ୍ରି ଭୋଜନ ପରେ ନିଜ ଘରେ ଶୋଇଥିବା ଅବସ୍ଥାରେ ରାତ୍ରି ପ୍ରାୟ ୧୧.୩୦ ମିନିଟ୍ ସମୟରେ ଏକ ବିଷାକ୍ତ ସାପ ଜୟଦେବଙ୍କୁ କାମୁଡ଼ି ଥିଲା । ଏଥିରେ ଜୟଦେବ ଗୁରୁତର ହୋଇଥିଲେ । ତାଙ୍କୁ ପରିବାର ଲୋକେ ରାତି ପ୍ରାୟ ୧୨.୩୦ ମିନିଟ୍ ସମୟରେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ମଙ୍ଗଳବାର ସକାଳେ ହରଭଙ୍ଗା ଥାନା ପୋଲିସ ପୁରୁଣା କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଛେଦ ପାଇଁ ବୌଦ୍ଧ ପଠାଇ ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି ।

# ରେଳପଥ ପ୍ରକଳ୍ପ ପାଇଁ ଜମି କ୍ଷତିଗ୍ରସ୍ତ ଭଉଁରୀପଥର ଗାଁରେ ବିଧାନସଭା ଗୃହ କମିଟି

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ଅର୍ନ୍ତଗତ ଭଉଁରୀପଥର ନିକଟରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ପାଇଁ ଜମିଅଧିଗ୍ରହଣ କାର୍ଯ୍ୟ ଚାଲୁରହିଛି । ମାତ୍ର ବିନା ନୋଟିସରେ ମଞ୍ଜୁ ବେହେରା ନାମକ ଜଣେ ହିତାଧିକାରୀଙ୍କ ଘର ଭଙ୍ଗା ଘଟଣା ଉପରେ ଅଭିଯୋଗ ପାଇ ବିଧାନସଭା ଗୃହ କମିଟି ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ଭେଟିଥିଲା । ଏ ସମ୍ପର୍କରେ ବିଧାୟକଙ୍କ ଗୃହ କମିଟିର ଅଧ୍ୟକ୍ଷ ତଥା କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଜମି ଅଧିଗ୍ରହଣ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଲୋକେ ନିଜେ ନିଜେ ଘର ଭାଙ୍ଗି ଜନିଷପତ୍ର ସ୍ଥାନାନ୍ତର କରୁଥିବାବେଳେ ସେମାନଙ୍କ ଘର ଜୋର ଜବରଦସ୍ତ ଭାଙ୍ଗିବାକୁ ନେଇ ଗୃହକମିଟି ଅସନ୍ତୋଷ ପ୍ରକାଶ କରିଥିଲା । ଏ ନେଇ ଜମି ଅଧିଗ୍ରହଣ ଅଧିକାରୀଙ୍କୁ ତାଗିଦ୍ କରିବା ସହିତ ବର୍ଷା ଋତୁକୁ ଦୃଷ୍ଟିରେ ରଖି ସେମାନଙ୍କୁ ସମୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଗୋଟିଏ ପଟେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କେନ୍ଦ୍ର ରେଳମନ୍ତ୍ରାଳୟ ପକ୍ଷରୁ କଡ଼ା ନିର୍ଦ୍ଦେଶ ରହିଛି । ଏହାକୁ ଦୃଷ୍ଟିରେ ରଖି ରେଳପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ହାତକୁ ନିଆଯାଇଛି । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଯଦି ସମୟସୀମା ମଧ୍ୟରେ ଜମି ଅଧିଗ୍ରହଣ କରା ନଯାଏ ତାହାହେଲେ ପ୍ରକଳ୍ପ କାର୍ଯ୍ୟ ପଛେଇଯିବାର ଯଥେଷ୍ଟ ଆଶଙ୍କା ରହିଛି । ଏ ସମ୍ପର୍କରେ ଜମି ଅଧିଗ୍ରହଣ ଅଧିକାରୀ ରଜତ ଦାସଙ୍କୁ ପଚାରିବାରୁ ଏ ସମ୍ପର୍କରେ ମୁହଁ ଖୋଲିବାକୁ ମନାକରିଥିଲେ । ବିଧାନସଭା ଗୃହକମିଟି ପରିଦର୍ଶନ ସମୟରେ ତାଙ୍କ ସହିତ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ,ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପ୍ରମୁଖଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ,ହରଭଙ୍ଗା ତହସିଲଦାର ବଳଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଶିଳାନ୍ୟାସ ପରେ ବି ନିର୍ମାଣ ହୋଇପାରୁନି କଲ୍ୟାଣ ମଣ୍ଡପ

ସମ୍ବଲପୁର,(ସବ୍ୟୁ): ଶିଳାନ୍ୟାସ ପରେ ବି କଲ୍ୟାଣ ମଣ୍ଡପ ନିର୍ମାଣ ହୋଇପାରୁନଥିବାରୁ ରୋହିଦାସ ସମାଜ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରୋହିଦାସ ନଗର ଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେବ ଦାବି ହୋଇଥିଲା । ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ ସହ ଅର୍ଥ ମଞ୍ଜୁର ହୋଇଥିଲା । ପ୍ରାୟ ୨ବର୍ଷ ପୂର୍ବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଏହି କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିଲେ । ଏହାସତ୍ତ୍ୱେ ଏହା ନିର୍ମାଣ ହୋଇ ପାରିନଥିବା ବେଳେ ଅଞ୍ଚଳର ଉମାକାନ୍ତ ମିରିଗ, ସତ୍ୟ ମେହେର, ବିପିନ ମିରିଗ, ପରମେଶ୍ୱର ମେହେର ପ୍ରମୁଖ ଦାବି କରିଛନ୍ତି ।

# ମୂଳନିବାସୀ, ବହୁଜନ ସମାଜର ବିକାଶରେ ହିଁ ଓଡ଼ିଶାର ବିକାଶ ସମ୍ଭବ

ଭବାନୀପାଟଣା,(ସବ୍ୟୁ): ରାଜ୍ୟରେ ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଜନସଂଖ୍ୟା ପ୍ରାୟ ୯୪ ପ୍ରତିଶତ। ଏହି ମୂଳନିବାସୀ ବହୁଜନ ସମାଜର ବିକାଶରେ ହିଁ ଓଡିଶାର ବିକାଶ ସମ୍ଭବ। ବହୁଜନ ସମାଜର ବିକାଶ ପାଇଁ ଜନସଂଖ୍ୟା ଅନୁପାତରେ ସବୁପ୍ରକାର ସରକାରୀ ଓ ବେସରକାରୀ ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ ଦିଆଯିବାର ଆବଶ୍ୟକତା ରହିଛି। ମେଡିକାଲ, ଇଞ୍ଜିନିୟରିଂ ଭଳି ସମସ୍ତ ବୃତ୍ତିଗତ ଶିକ୍ଷା ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ତଥା ସମସ୍ତ ପ୍ରକାର ନିଯୁକ୍ତିରେ ପଛୁଆ ବର୍ଗ ପାଇଁ ୫୪ ପ୍ରତିଶତ, ଜନଜାତିଙ୍କ ପାଇଁ ୨୨.୫୦% ଓ ଅନୁସୂଚିତ ଜାତିଙ୍କ ପାଇଁ ୧୬.୨୫ % ସ୍ଥାନ ସଂରକ୍ଷଣ ଦିଆଯିବା ସହିତ ଚଳିତ ଶିକ୍ଷାବର୍ଷରୁ ଏହାକୁ କଡାକଡି ଭାବେ ଲାଗୁ କରାଯିବାକୁ ଦାବି କରିଛି ମୂଳନିବାସୀ ବହୁଜନ ମିଳିତ ମହାସଂଘ।

ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ତଥା ପ୍ରାଥମିକ ଶିକ୍ଷକ ନିଯୁକ୍ତି ଜିଲ୍ଲା ଭିତ୍ତିକ କରାଯିବା, ପୁଲିସ ବିଭାଗ ତରଫରୁ ଚାଲିଥିବା ହୋମଗାର୍ଡ ନିଯୁକ୍ତିରେ ମଧ୍ୟ ପଛୁଆ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପ୍ରାର୍ଥୀ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବା, ଚାଷୀ ଓ ଚାଷକୁ ସୁରକ୍ଷା ଦିଆଯିବା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଜମିକୁ ସରକାର କିଣିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା, ଦଳିତ, ଆଦିବାସୀଙ୍କ ଉପରେ ଜାତି ନିର୍ଯାତନା ବନ୍ଦ କରାଯିବା ସହିତ ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ କରି ପୀଡିତ ବ୍ୟକ୍ତି/ପରିବାରକୁ ତ୍ୱରିତ ନ୍ୟାୟ ଓ କ୍ଷତିପୂରଣ ଦିଆଯିବା, ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ଥିବା ଆଶ୍ରମ ସ୍କୁଲ ଗୁଡ଼ିକରେ ୧୦ % ବଦଳରେ ଅତିକମରେ ୩୦% ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ଦିଆଯିବା ଓ ରାଜ୍ୟର ସବୁ ଛାତ୍ରୀ ନିବାସକୁ ସାବିତ୍ରୀ ବାଇ ଫୁଲେଙ୍କ ନାମରେ ନାମିତ କରାଯିବା ଉପରେ ମହାସଂଘ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଆସନ୍ତା ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ମୁନସିପାଲଟି ନିର୍ବାଚନରେ ପଛୁଆବର୍ଗଙ୍କ ପାଇଁ ୫୪% ସ୍ଥାନ ସଂରକ୍ଷଣ ଲାଗୁ କରାଯିବା, ଏଥିପାଇଁ ରାଜ୍ୟ ବଦଳରେ ଜିଲ୍ଲାକୁ ଏକକ ଭାବେ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ସେହିପରି ପଞ୍ଚାୟତର ୱାର୍ଡ ସଭ୍ୟ/ସଭ୍ୟା, ପିଅନ, ଝାଡୁଦାର, ରାତ୍ରି ଜଗୁଆଳି, ଆଶାକର୍ମୀ, ଗାଁ ସାଥୀ, କୃଷକ ସାଥୀ, ଏସଇଏମ, ଗ୍ରାମରକ୍ଷୀଙ୍କ ଭତ୍ତା ବୃଦ୍ଧି କରାଯିବା, କଳାହାଣ୍ଡି ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ ସ୍ଥାପନ କରାଯିବା ସହିତ କୃଷିଭିତ୍ତିକ ଶିଳ୍ପ ସବୁ ସ୍ଥାପନ କରି ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯିବା, ବହୁଜନ ସମାଜର ଶିକ୍ଷିତ ଯୁବକ-ଯୁବତୀଙ୍କୁ ଏଭଳି ଶିଳ୍ପ ପ୍ରତିଷ୍ଠା ପାଇଁ ସବୁ ପ୍ରକାର ସାହାଯ୍ୟ ଦିଆଯିବା ଉପରେ ଗୁରୁତ୍ୱାରୋପ କରିଛି ମହାସଂଘ।

ମହାସଂଘର ଜିଲ୍ଲା ସଭାପତି ସଚ୍ଚିଦାନନ୍ଦ ମହାଖୁଡ଼ଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି କମଳିନୀ ଯାଦବ, ଯତୀନ୍ଦ୍ର କର, ଉପସଭାପତି କୁବେର ସାହୁ, ଜୟପ୍ରକାଶ ଜାଲ, ସାଧାରଣ ସମ୍ପାଦକ କୀର୍ତ୍ତନ ନାୟକ ଯାଦବ, ରମଣୀ ଦୁରିଆ, ସତ୍ୟ ମାହାର, ଯୁବ ସଭାପତି ଡାକେଶ୍ୱର ଲହଜଲ, ଜିଲ୍ଲା ମହିଳା ସଭାନେତ୍ରୀ ସ୍ନେହଲତା ଦୁର୍ଗା, ସଂପାଦକ ରତନ ନାଏକ, ହୃଦାନନ୍ଦ ମାଝୀ, ଦିଗାମ୍ବର ଲୁହା, ଉପଦେଷ୍ଟା ଜଗଦୀଶ ଯାଦବ, ଦିଗାମ୍ବର ଦୁରିଆ, ଆଇନଜୀବୀ ପୃଥ୍ୱୀରାଜ ତାଣ୍ଡି, ଲକ୍ଷ୍ମୀକାନ୍ତ ବାଗଙ୍କ ସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମହାସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ସାକ୍ଷାତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ।

# ବିଦୁଲତା ହୁଇକାଙ୍କୁ ରାଜ୍ୟସ୍ତରୀୟ ସମ୍ମାନ



ରାୟଗଡା,(ସବ୍ୟୁ): ଅଖଣ୍ଡ ଓଡ଼ିଶା ମିଶନ ଓ ଏହାର ମୁଖପତ୍ର ଐକତାନ ତରଫରୁ ଲୋହିଆ ଏକାଡେମୀ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ଓଡ଼ିଶା ଆଦିବାସୀ ମଞ୍ଚର ରାଜ୍ୟ ଆବାହିକା ବିଦୁଲତା ହୁଇକାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ଉଦ୍ଘାଟିକା, ପ୍ରାକ୍ତନ ନ୍ୟାୟମୂର୍ତ୍ତି ଅରୁନ କୁମାର ପରିଚ୍ଛା ମୁଖ୍ୟ ଅତିଥି, ଅଧ୍ୟାପକ ପବିତ୍ର ମୋହନ ଦାସ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଦୁଲତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବହୁ ମହାମନିଷୀ ମାନଙ୍କ ଅଦମ୍ୟ ଉଦ୍ୟମ ଫଳରେ ୧୯୩୬ ମସିହାରେ ସ୍ବତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଯାଇଛି । ମାତ୍ର ସମ୍ପ୍ରତି ଉକ୍ତ ଓଡ଼ିଶାକୁ ବିଚ୍ଛିନ୍ନତାବାଦର ବିଭିନ୍ନ ଆଳରେ ଯେପରି ଭାଗ ଭାଗ କରିଦେବାକୁ ଚକ୍ରାନ୍ତ ଚାଲିଛି, ତାକୁ ପ୍ରତିହତ କରିବା ପାଇଁ ଅଖଣ୍ଡ ଓଡ଼ିଶା ମିଶନ ଏକ ଅଭିଯାନ ମାଧ୍ୟମରେ ତାର କାର୍ଯ୍ୟକ୍ରମ ଜାରି ରଖିଛି ବୋଲି କହିଛନ୍ତି କୃଷ୍ଣା । ମିଶନର ମୁଖପତ୍ର ଐକତାନ ଓଡ଼ିଶା ରାଜ୍ୟରେ ପ୍ରଚଳିତ ୮ଟି ଭାଷାରେ ବିଭିନ୍ନ ଲୋକଭିତ୍ତିକ ସମସ୍ୟା ଓ ସମ୍ଭାବନା ଉତ୍ଥାପନ କରିଆସୁଛି ବୋଲି ଏହାର ସମ୍ପାଦକ କବି ଶୈଳଜ ରବି ତାଙ୍କର ମତ ରଖିଥିଲେ । ମିଶନର ଆବାହିକା ଅପର୍ଣ୍ଣା ନାୟକ, ଐକତାନର କାର୍ଯ୍ୟକାରୀ ସମ୍ପାଦିକା ସୁସ୍ମିତା ରଥ ଏବଂ ପରିଚାଳନା ସମ୍ପାଦିକା ଅଦିତି ସାହୁ ଏହି ସମ୍ମିଳନୀ ପରିଚାଳନାରେ ସହଯୋଗ କରିଥିଲେ । ଓଡିଶାରେ ୬୨ ପ୍ରକାର ଆଦିବାସୀଙ୍କ ସ୍ବତନ୍ତ୍ର ଭାବେ ୬୨ ପ୍ରକାର ଭାଷା ପ୍ରଚଳିତ ଥିଲା । କାଳକ୍ରମେ ତନ୍ମଧ୍ୟରୁ ବିଭିନ୍ନ କାରଣ ବଶତଃ ଅନେକ ଭାଷା ଲୋପ ପାଇଛି । ତଥାପି ପାଖାପାଖି ୩୦ ଟି ଭାଷା ଏବେବି ଜୀବିତ କିମ୍ବା ମୃତ୍ୟୁର ଦ୍ୱାର ଦେଶରେ । ମାତୃଭାଷା ଆମ ସମସ୍ତଙ୍କ ଅସ୍ତିତ୍ୱ । ଆମକୁ ଓଡ଼ିଶା ରାଜ୍ୟକୁ ଅଖଣ୍ଡ ରଖିବାକୁ ହେଲେ ସମସ୍ତ ବର୍ଗଙ୍କୁ, ବିଶେଷ ଭାବେ ଆଦିବାସୀଙ୍କୁ ସମ୍ମାନ ଦେବାକୁ ହେବ, ସେମାନଙ୍କ ଭାଷାକୁ ଆଦରିବାକୁ ହେବ ଯେପରି ସେମାନେ ଓଡ଼ିଆ ଭାଷାକୁ ଆଦରି ନେଇଛନ୍ତି । ଆଦିବାସୀ ହିସାବରେ ଅଖଣ୍ଡ ଓଡ଼ିଶାରେ ସମ୍ମାନର ସହ ବଞ୍ଚିବା ଆମ ସମସ୍ତଙ୍କ ସ୍ବପ୍ନ ବୋଲି ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ ବିଦୁଲତ। ରାୟଗଡାରୁ ସାହିତ୍ୟିକ ସତ୍ୟନାରାୟଣ ଗନ୍ତାୟତଙ୍କ ସମେତ ଅନ୍ୟାନ୍ୟ ବୁଦ୍ଧିଜୀବୀଗଣ ଏହି ସମ୍ମାନ ପାଇଁ ବିଦୁଲତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ପ୍ରଶାସନ-ଲୋକପ୍ରତିନିଧି ଛକାପଞ୍ଝା

# ବଲାଙ୍ଗିର ଜିଲ୍ଲା ପରିଷଦ ସଭ୍ୟସଭ୍ୟାଙ୍କ ଧାରଣା



ବଲାଙ୍ଗିର,(ସବ୍ୟୁ):ତେଜୁଛି ଜନପ୍ରତିନିଧି ଓ ଜିଲ୍ଲାପ୍ରଶାସନର କଳି । ଜିଲ୍ଲାର ଲୋକ ପ୍ରତିନିଧି ମାନଙ୍କୁ ପାତର ଅନ୍ତର କରାଯାଉଥିବା ଅଭିଯୋଗରେ ଜିଲ୍ଲା ପରିଷଦ ସଭ୍ୟସଭ୍ୟା ମାନେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ବନ୍ଦ କରିବା ସହିତ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି । କେବିକେ ଜିଲ୍ଲାକୁ ଅନୁଦାନ ପ୍ରଦାନ, ଯୋଜନା ବୋର୍ଡ ଅଧ୍ୟକ୍ଷ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ନିଯୁକ୍ତି ଜିଲ୍ଲାରେ ଜନ ପ୍ରତିନିଧି ମାନଙ୍କୁ ସରକାରୀ କାର୍ଯ୍ୟକ୍ରମକୁ ନ ଡାକିବା ଓ ବିଜେପି ସରକାର ଆସିଲା ଦିନଠୁ ପାତର ଅନ୍ତର କରିବାକୁ ନେଇ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ମାନେ କ୍ଷୁବ୍ଧ ଥିବା ବେଳେ ତାଙ୍କର ଏ ସବୁ ଦାବୀକୁ ନେଇ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ମାନେ ଧାରଣା ଦେଇଥିବା କହିଛନ୍ତି । ଜିଲ୍ଲା ପରିଷଦ ସଭାନେତ୍ରୀ ଦେବକୀ ସାହୁଙ୍କ ନେତୃତ୍ୱରେ ପ୍ରାୟ ୩୦ ଜଣ ଜିଲ୍ଲା ପରିଷଦ ସଦସ୍ୟସଦସ୍ୟା ଧାରଣା ଦେଇଥିଲେ। ଜିଲ୍ଲାପାଳ ଆସି ଆଲୋଚନା କରି ଲିଖିତ ପ୍ରତିଶ୍ରୁତି ଦେବା ପର୍ଯ୍ୟନ୍ତ ସେମାନଙ୍କର ଆନ୍ଦୋଳନ ଚାଲିବ ବୋଲି ସେମାନେ କହୁଥିବାବେଳେ ଆନ୍ଦୋଳନରତ ଜିଲ୍ଲା ପରିଷଦର ସଦସ୍ୟ ମାନେ ବସିଥିବା ସ୍ଥାନକୁ ଏସ ଡି ପି ଓ ଆସି ପରିସ୍ଥିତିକୁ ଅନୁଧ୍ୟାନ କରି ଚାଲି ଯାଇଥିଲେ । କିନ୍ତୁ ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା ମାନେ ତାଙ୍କର ଜିଦ୍ ରେ ଅଟଳ ରହିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ଆଲୋଚନା କି ସମାଧାନ ପାଇଁ କେହି ହେଲେ ଅଧିକାରୀ ଆସିନଥିଲେ । ଏଥିରୁ ଯାହା ଜଣାପଡୁଛି ପ୍ରଶାସନ ଜାଣି ଶୁଣି ସଦସ୍ୟ ମାନଙ୍କ ପ୍ରତି ଅଣଦେଖା କରୁଛି ବୋଲି ମତ ପ୍ରକାଶ ପାଉଛି ।

## ଉନ୍ନତି ମୂଳକ କାମ ଠପ୍

# ଧାରଣାରେ ବ୍ଲକ୍‌ର ନିର୍ବାଚିତ ପ୍ରତିନିଧି



ପାଟଣାଗଡ଼,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ ହେବାକୁ ଥିବା ସମସ୍ତ ବୈଠକ ତଥା ବର୍ତ୍ତମାନ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରତ୍ୟେକ ପଞ୍ଚାୟତ ଗୁଡିକରେ ଚାଲିଥିବା ବିକାଶ ରଥ କାର୍ଯ୍ୟକ୍ରମ ଗୁଡିକୁ ବ୍ଲକର ୨୨ ରୁ ଅଧିକ ସମିତି ସଭ୍ୟ ବର୍ଜନ କରିଛନ୍ତି। ପାଟଣାଗଡ଼ ବ୍ଲକରେ ହୋଇଥିବା ବିକାଶ ମୂଳକ ବୈଠକକୁ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ପଞ୍ଚାୟତ ଗୁଡିକର ସମିତି ସଭ୍ୟ ବର୍ଜନ କରିଥିବା ଦେଖିବାକୁ ମିଳିଛି। ଏହି ଘଟଣା ପଦାକୁ ଆସିବା ପରେ ବ୍ଲକ ପ୍ରଶାସନ ଓ ସମିତି ସଭ୍ୟ ମଧ୍ୟରେ ଥିବା କନ୍ଦଳକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିଭିନ୍ନ ପଞ୍ଚାୟତ ଗୁଡିକର ୨୨ ରୁ ଅଧିକ ସମିତି ସଭ୍ୟ ବ୍ଲକ ପ୍ରଶାସନ ତଥା ସରକାର ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ସମିତି ସଭ୍ୟ ଜୟନ୍ତ କୁମ୍ଭାରଙ୍କ ଅଭିଯୋଗ ଅନୁସାରେ ପାଟଣାଗଡ଼ ବ୍ଲକରେ ଗତ ୬ ମାସ ହେଲା ବିକାଶ ମୂଳକ କାର୍ଯ୍ୟ ଠପ୍ ହୋଇ ପଡିଛି। ବିଭିନ୍ନ ପଞ୍ଚାୟତ ତଥା ଅଞ୍ଚଳର ପୁରୁଣା କାମ ପାଇଁ ଆସିଥିବା ଅନୁଦାନ ଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଏନେଇ ୬ ମାସ ତଳେ ପ୍ରଥମେ ବିଡ଼ିଓ ପାଟଣାଗଡ଼ଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲା ପରେ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ବଲାଙ୍ଗିରଙ୍କୁ ଲିଖିତ ଭାବେ ଜଣାଯାଇଥିଲା। ଏନେଇ ଜିଲ୍ଲାପାଳ ପିଡି ବଲାଙ୍ଗିର ଦୁଇ ଦିନ ମଧ୍ୟରେ ବ୍ଲକକୁ ଆସି ଏହାର ସମାଧାନ କରିବେ ବୋଲି କହିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସମାଧାନ କରାଯାଇନାହିଁ।ତେଣୁ ଆମ୍ଭେ ସମିତି ସଭ୍ୟ ବ୍ଲକର ସମସ୍ତ ବୈଠକ ତଥା ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ପାଇଁ ପଞ୍ଚାୟତ ଗୁଡିକରେ କରୁଥିବା ବିକାଶ ମୂଳକ କାର୍ଯ୍ୟକୁ ବର୍ଜନ କରିଛୁ। ଏହି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବ୍ଲକର ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ବର୍ଜନ କରିବୁ ବୋଲି କହିଛନ୍ତି। ଏହି ଧାରଣାରେ ୨୨ ରୁ ଅଧିକ ସମିତି ସଭ୍ୟ ଉପସ୍ଥିତ ଥିବାବେଳେ ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ବ୍ଲକ ଅଫିସକୁ ତାଲା ଦେଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସେହିପରି ୧୫ଟି ୱାର୍ଡ ଶିଷ୍ଟ ପାଟଣାଗଡ଼ ଏନଏସି ରେ ମଧ୍ୟ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖୀ କାମକୁ ନେଇ ୧୦ଜଣ ୱାର୍ଡ ମେମ୍ବର ଧାରଣାରେ ବସିଥିଲେ ।

## ଧାନ ଉଠାଅ ନଚେତ୍ ଆଗକୁ ଆନ୍ଦୋଳନ

ବରଗଡ଼,(ସବ୍ୟୁ): ସଂପ୍ରତି ବର୍ଷାରେ ପ୍ରତି ଧାନ ମଣ୍ଡିରେ ହଜାର ହଜାର ବସ୍ତା ଓଦା ହୋଇ ଗଜା ମଧ୍ୟ ହୋଇ ପଡ଼ି ରହିଥିବା ବେଳେ ସରକାର ଚାଷୀଙ୍କ ଧାନ ଉଠାଉ ନ ଥିବାରୁ ଚାଷୀ କୁଳ ହତାଶ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସେପଟେ ଅଦିନିଆ ବର୍ଷା ରେ ବ୍ୟାପକ ଫସଲ ନଷ୍ଟ ସାଙ୍ଗକୁ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କ୍ଷୟ କ୍ଷତିର ଆକଳନ କରା ଯାଇ ନାହିଁ । ଫଳରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ମିଳି ପାରି ନାହିଁ । ତେଣୁ ଚାଷୀଙ୍କ ସମସ୍ୟା ସମାଧାନ କରିବାର ସୁନେଲି ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା ବିଜେପି ସରକାର ଚାଷୀଙ୍କୁ ପ୍ରତାରଣା କରିଛି ବୋଲି ଉଲ୍ଲେଖ କରି ଜିଲ୍ଲାପାଳଙ୍କ ଜରିଆରେ ସରକାରକୁ ଆନ୍ଦୋଳନର ଚେତାବନୀ ପ୍ରଦାନ କରିଛି । ଏଥି ସହ ଧାନ ମଣ୍ଡିରେ ତୁରନ୍ତ କଟନୀ ଛଟନୀ ବନ୍ଦ ଓ ଧାନ କିଣା ସମୟ ବୃଦ୍ଧି କରାଯିବା ସହିତ ମାର୍କେଟ ୟାଡ଼ରୁ ସମସ୍ତ ଧାନ ତୁରନ୍ତ ଉଠାଯାଉ ଓ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ଦାବି କରି ବରଗଡ଼ ଜିଲ୍ଲା ବିଜେଡି ଜିଲ୍ଲାପାଳ ଅଫିସ ଘେରିଛି । ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର,ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା,ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ,ପୂର୍ବତନ ମନ୍ତ୍ରୀ ରୀତା ସାହୁ,ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ,ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ,ବରିଷ୍ଠ ବିଜେଡି ନେତା ଗୌର ହରି ମିଶ୍ର,ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ,ଟି କେ ମହଭମ୍,ଟାଉନ ବିଜେଡି ସଭାପତି କିଶୋର ମିଶ୍ର ବରଗଡ଼ ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକ , ସୁଶାନ୍ତ ସାହୁ ପ୍ରମୁଖ ବିଜେଡି ନେତୃ ମଣ୍ଡଳୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ଚାଷୀ ମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯାଉ ଅନ୍ୟଥା ଆଗାମୀ ଦିନରେ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ପ୍ରଦାନ କରିଥିଲେ । ତେବେ ଜିଲ୍ଲାପାଳ ତୁରନ୍ତ ଚାଷୀଙ୍କ ଧାନ ଉଠାଇବୁ ଓ ଚାଷୀଙ୍କ ସମସ୍ୟା ଗୁଡ଼ିକର ସମାଧାନ କରିବୁ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

## ଅନାସ୍ଥା ପ୍ରସ୍ତାବ ଆଗତର ଦିନକ ପୂର୍ବରୁ ତୋରାରେ ବଡ ଧରଣର ରାଜନୈତିକ ପରିବର୍ତ୍ତନ

ବରଗଡ,(ସବ୍ୟୁ): ଅନାସ୍ଥା ପ୍ରସ୍ତାବ ଆଗତର ଦିନକ ପୂର୍ବରୁ ବରଗଡ଼ ବିଧାନସଭା ଅନ୍ତର୍ଗତ ତୋରା ଗ୍ରାମରେ ହୋଇଛି ବଡ ଧରଣର ରାଜନୈତିକ ପରିବର୍ତ୍ତନ। ତୋରା ଗ୍ରାମ ପଞ୍ଚାୟତରେ ସରପଞ୍ଚଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବର ଭୋଟ୍ ଗ୍ରହଣର ଦିନକ ପୂର୍ବରୁ ମଙ୍ଗଳବାର ଗ୍ରାମ ପଞ୍ଚାୟତର ସମସ୍ତ ୧୬ ଜଣ ୱାର୍ଡ଼ ମେମ୍ବର ବିଧିବଦ୍ଧ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ସମସ୍ତ ସଭ୍ୟ ନିଜ ଅଞ୍ଚଳର ସ୍ୱାର୍ଥ ତଥା ବିକଶିତ ଗ୍ରାମ ବିକଶିତ ବରଗଡ଼ର ସ୍ଲୋଗାନରେ ପ୍ରଭାବିତ ହୋଇ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ବାସଭବନକୁ ଯାଇ ଯୋଗଦାନ କରିଥିଲେ । ତୋରା ଗ୍ରାମ ପଞ୍ଚାୟତର ସମସ୍ତ ୧୬ ଜଣ ୱାର୍ଡ ମେମ୍ବରଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ସେମାନେ ଏକତା, ସମନ୍ୱୟ ଓ ସଂଯୁକ୍ତ ଦୃଷ୍ଟିକୋଣ ସହିତ ଗ୍ରାମ ପଞ୍ଚାୟତର ସୁସଂଗଠିତ ଓ ଅବିରତ ବିକାଶ ପାଇଁ ପ୍ରତିଶୃତିବଦ୍ଧ। ଏହି ଏକତା ତୋରା ଗ୍ରାମ ପଞ୍ଚାୟତର ଉନ୍ନତି ଓ ପରିବର୍ତ୍ତନରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ବିଧାୟକ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

## ସାମୁହିକ ବିକାଶ ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବିପତ୍ର

ସୋନପୁର, (ସବ୍ୟୁ): ମନ୍ଦିର ମାଳିନୀ ତଥା ଦ୍ୱିତୀୟ ବାରଣାସୀ ଭାବରେ ପରିଚିତ ସୁବର୍ଣ୍ଣପୁର ସହର। ସୁବର୍ଣ୍ଣପୁର ସହରର ସମୂହ ଉନ୍ନତି ସକାଶେ ସହର ବାସୀଙ୍କ ତରଫରୁ ସଚେତନ ନାଗରିକ ମଞ୍ଚର ଏକ ପ୍ରତିନିଧି ମଣ୍ଡଳ ସର୍କିଟ ହାଉସ୍ ଠାରେ ଗୃହ କମିଟି ଅଧ୍ୟକ୍ଷ ଲକ୍ଷ୍ମଣ ବାଘଙ୍କୁ କମିଟିର ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତରେ ସାକ୍ଷାତ କରି ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛି ।ଦାବି ପତ୍ରରେ ଉଲ୍ଲେଖ ରହିଛି ଯେ ସୁବର୍ଣ୍ଣପୁର ସଦର ମହକୁମାରେ ପ୍ରସ୍ତାବିତ ମୋଡେଲ୍ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବହୁ ପ୍ରତୀକ୍ଷିତ ମହାନଦୀ ସେତୁ ଠାରୁ ତେଲନଦୀ ସେତୁ ପର୍ଯ୍ୟନ୍ତ ରିଂରୋଡ୍ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା। ସୋନପୁର ମହାବିଦ୍ୟାଳୟ,ସୋନପୁର ଓ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ , ସୋନପୁର ଉଭୟ କଲେଜକୁ ସରକାରୀ କଲେଜର ମାନ୍ୟତା ପ୍ରଦାନ କରି ଜିଲ୍ଲାର ଶିକ୍ଷା କ୍ଷେତ୍ରକୁ ସୁଦୃଢ କରିବା, କେନ୍ଦୁପତ୍ର ଡିଭିଜନ୍ କାର୍ଯ୍ୟାଳୟ ଖୋଲିବା, ମନ୍ଦିର ମାଳିନୀ ସୁବର୍ଣ୍ଣପୁର ସହରକୁ ଏକ ହେରିଟେଜ୍ ସହର ଭାବରେ ଗଢିତୋଳିବା ସହିତ ଜିଲ୍ଲାର ଚାରି ମୁଖ୍ୟ ପ୍ରବେଶ ପଥରେ ତୋରଣ ନିର୍ମାଣ କରି ମନ୍ଦିର ମାଳିନୀ ସହର ସ୍ୱାଗତ କରୁଛି ଲେଖାଯାଇ ସହରର ଶ୍ରୀବୃଦ୍ଧି କରିବା। ଜିଲ୍ଲାର ସଦର ମହକୁମାରେ ରହିଥିବା ରାଜା କୋଠା ଓ ଶଶୀସେନାର ସ୍ମୃତିବହନକରୁଥିବା ନିମୁହିଁ ମନ୍ଦିରକୁ ଐତିହ୍ୟ ସ୍ଥଳୀର ମାନ୍ୟତା ସହ ସରକାର ହାତକୁ ନେବା ଏବଂ ୫୭ ନମ୍ବର ଜାତୀୟ ରାଜପଥରୁ ରେଳଷ୍ଟେସନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏକ ରାସ୍ତା ନିର୍ମାଣ କରିବା ପାଇଁ କମିଟି ସମ୍ମୁଖରେ ଦୃଢ଼ ଭାବରେ ଦାବି ଉପସ୍ଥାପିତ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର,ମହେଶ ପୂଝାରୀ, ଅକ୍ଷୟ କୁମାର ସେଠୀ, ଦୁଃଖିରାମ ନାୟକ,ସୂର୍ଯ୍ୟ ନାରାୟଣ ଦାସ, ନବଘନ ସାଣ୍ଡ, ବିନୋଦ ମେହେର,ନରେନ୍ଦ୍ର କ୍ଷେତି ପ୍ରମୁଖ ଉପସ୍ଥିତ ଥିଲେ।

## ନିଶା ନିବାରଣ କାର୍ଯ୍ୟକ୍ରମ

ବଙ୍ଗୋମୁଣ୍ଡା,(ସବ୍ୟୁ) : ବଙ୍ଗୋମୁଣ୍ଡା ବ୍ଲକ ବିଭିନ୍ନ ଗ୍ରାମ ପଞ୍ଚାୟତରେ ନିଶା ନିବାରଣ ଉପରେ ଗାଁ ଗାଁ ବୁଲି ଓଡିଶା ସରକାରଙ୍କ ଓ ଅବକାରୀ ବିଭାଗ ପକ୍ଷରୁ ସଚେତନ ବାର୍ତ୍ତା ସଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାରର କୁପରିମାନ ବିଷୟରେ ଲୋକଙ୍କୁ ବୁଝାଉଥିଲେ। ବିଷାକ୍ତ ମଦ, ଚୋର ମଦ, ଭାଙ୍ଗ , ବିଡି,ଗୁଠଖା, ଘୁଡାଖୁ ନିଶା ନଖାଇବାକୁ ଗୀତ ମାଧ୍ୟମରେ ବଙ୍ଗୋମୁଣ୍ଡା ବ୍ଲକ ରେନ୍ଦୁରଞ୍ଜନ ବାଗ , ସୁଜାତା ମଲିକ,ମଞ୍ଜୁରୀ ଧରୁଆ,ନରେଶ କୁମାର ବେହେରା,ଉମାକାନ୍ତି ବେହେରା, ଜତୀନ୍ଦ୍ର ଛାତ୍ରୀଆ ସଂସ୍କୃତି କାର୍ଯ୍ୟକ୍ରମ କରିଥିଲେ।

## ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ସ୍କାର୍ଡ ପକ୍ଷରୁ ହୀରାକୁଦ କଲୋନୀ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଛି । ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ଉପସ୍ଥିତିରେ ୪ଗୋଟି ଘରକୁ ଉଚ୍ଛେଦ କରାଯାଇଥିଲା । ସୂଚନାଯୋଗ୍ୟ, ସମ୍ବଲପୁର ମ୍ୟୁନସିପାଲଟି ଛକ ଠାରୁ ହୀରାକୁଦ କଲୋନୀ ରାସ୍ତା ଦେଇ ଜେଲ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ କରାଯାଉଛି । ଏଭଳି ସ୍ଥଳେ ଜବରଦଖଲ ଉଚ୍ଛେଦ କରାଯାଉଥିବା ଜଣାପଡିଛି ।

# ସମିତି ସଭ୍ୟଙ୍କ ଆତ୍ମହତ୍ୟା ଅଭିଯୋଗ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଖୁଣ୍ଟିଆ ପଞ୍ଚାୟତର ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ବେକରେ ଫାଶୀ ଲଗେଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନା ମତେ ଖୁଣ୍ଟିଆ ପଞ୍ଚାୟତ ପିପଳପଡା ଗ୍ରାମର ଦେବେନ୍ଦ୍ର ଧରୁଆ ନିଜ ବାସଭବନ ବେକରେ ରଶି ଲଗାଇ ଝୁଲୁଥିବା ଦେଖି ପରିବାର ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ ଡାକ୍ତର ଖାନାକୁ ନେଇ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମିତି ସଭ୍ୟ କାହିଁକି ଆତ୍ମହତ୍ୟା କରିଛନ୍ତି ନା ମୃତ୍ୟୁ ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ଅସ୍ପଷ୍ଟ ରହିଛି। ତେବେ ମୃତକଙ୍କ ଭାଇ ଦିଗାମ୍ବର ଧରୁଆଙ୍କ ଅଭିଯୋଗ ମତେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ମୃତକଙ୍କୁ କୌଣସି କାରଣକୁ ନେଇ ଗତ କିଛିଦିନ ତଳେ ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ମୃତ ସମିତି ସଭ୍ୟ କୋକସରା ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ତେବେ ଏନେଇ ସେ ମାନସିକ ଚାପରେ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ମୃତ ସମିତି ସଭ୍ୟଙ୍କ ପରିଜନ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କୁ ସୂଚନା ଦେବାପରେ ଉପାଧ୍ୟକ୍ଷ କୋକସରା ଥାନାରେ ପହଞ୍ଚି ଜଣାଇବା ପରେ ପୁଲିସ ଏସ ଆଇ ଉଷା ହରିଜନ ଧର୍ମଗଡ଼ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । କୋକସରା ଥାନା କେଶ ନମ୍ବର ୯/୨୫ରେ ଏକ ମାମଲା ରୁଜୁ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସୂଚନା ଦେଇଛନ୍ତି । ତେବେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଶବ ବାହକ ଗାଡି ନଥିବା କାରଣରୁ କୋକସରା ବ୍ଲକ ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ଅସନ୍ତୋଷ ପ୍ରକାଶ କରିବା ସହ କୋକସରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଶବ ବାହକ ଗାଡିକୁ ମଗାଇବା ପରେ ମୃତଦେହକୁ ପିପଳପଡା ଗାଁକୁ ନେଇ ଶବ ସତ୍କାର କରିଥିବା ଜଣାପଡିଛି ।

## ଢାବା ଉପରେ ଚଢାଉ ୧୩୫ ବୋତଲ ମଦ ସହ ୪ ଗିରଫ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅଞ୍ଚଳରେ ମଦର ବହୁଳ ବ୍ୟବହାର ଯୋଗୁଁ ଅପରାଧ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଏହାକୁ ବନ୍ଦ କରିବା ଦିଗରେ ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ପଦକ୍ଷେପ ନେଉଛନ୍ତି । ସାଧାରଣତଃ ଢାବା,ରାସ୍ତାକଡ ପାନ ଦୋକାନ ତଥା ଛୋଟିଆ ଚାଳ ଘର କରି ଦେଶୀ ଓ ମହୁଲି ମଦ ବିକ୍ରି କରୁଥିବା ଖବର ସାମନାକୁ ଆସୁଛି । ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବୁଡେନ ପୋଲିସର ଗୋଟିଏ ଟିମ ବିଭିନ୍ନ ଢାବା ଗୁଡିକରେ ଚଢାଉ କରି ୧୯୦ ଗୋଟି ପାଉଚ ଓ ୧୩୫ ବୋତଲ ବିଦେଶୀ ମଦ ଜବତ କରିଥିଲେ । ଏ ସଂକ୍ରାନ୍ତରେ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରି (ବୁଡେନ ଥାନା କେସ୍ ନଂ୫୨/୨୫, ୫୩/୨୫, ୫୪/୨୫, ୫୫/୨୫) କୋର୍ଟଚାଲାଣ କରିଥିବା ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ସୂଚନା ମିଳିଛି ।

## ସମ୍ବଲପୁର ଜିଲ୍ଲାରେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ ୪୩୫ ଛାତ୍ରଛାତ୍ରୀ

ସମ୍ବଲପୁର,(ସବ୍ୟୁ): ଆସନ୍ତା ଜୁନ୍ ୩୦ତାରିଖ ଠାରୁ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୧୦ମ ଶ୍ରେଣୀ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହେବ । ଚଳିତବର୍ଷ ପରୀକ୍ଷାରେ ଅକୃତକାର୍ଯ୍ୟ ଓ ପରୀକ୍ଷା ଦେଇପାରି ନଥିବା ସମ୍ବଲପୁର ଜିଲ୍ଲାର ୮୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ନିମନ୍ତେ ୩୫୫ଜଣ ଫର୍ମ ପୂରଣ କରିଥିବା ଜଣାପଡିଛି । ଏଥିପାଇଁ ୩ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ପ୍ରଶ୍ନପତ୍ର ରଖିବା ପାଇଁ ଲେଡି ଲୁଇସ୍ ଗାର୍ଲ୍ସ ହାଇସ୍କୁଲ ସମ୍ବଲପୁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୁଚିଣ୍ଡା ଓ ରାଣୀ ଅନ୍ନପୂର୍ଣ୍ଣା ଗାର୍ଲ୍ସ ନୋଡାଲ ହାଇସ୍କୁଲ ରେଢାଖୋଲକୁ ନୋଡାଲ ସେଣ୍ଟର କରାଯାଇଛି । ପ୍ରଶ୍ନପତ୍ର ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ସହ ଆବଶ୍ୟକ ପୋଲିସ ମୁତୟନ କରାଯାଇଛି । କପି ରୋକିବା ପାଇଁ ବୋର୍ଡ ଓ ଜିଲ୍ଲାସ୍ତରରେ ସ୍କାର୍ଡ ଗଠନ କରାଯାଇଛି । ପରୀକ୍ଷା ଜୁଲାଇ ୧୦ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି ।

# ସାପ କାମୁଡ଼ାରେ ଭାଇ-ଭଉଣୀ ମୃତ

ବଲାଙ୍ଗିର,(ସବ୍ୟୁ) : ସୋମବାର ବିଳମ୍ବିତ ରାତିରେ ବଲାଙ୍ଗିର ସହର ମାଲଗୋଦାମ ପଡ଼ାରେ ବିଷାକ୍ତ ସାପ କାମୁଡ଼ାରେ ଚାଲିଯାଇଛି ଭାଇ ଭଉଣୀଙ୍କ ଜୀବନ । ରାତିରେ ଶୋଇଥିବା ସମୟରେ ଅବଦୁଲ ରେହେମନଙ୍କ ୭ବର୍ଷର ପୁଅ ଦୁଃଖୀଶ୍ୟାମ ନାଗ ଏବଂ ୪ବର୍ଷର ଝିଅ ମେହେକ ନାଗଙ୍କୁ ବିଷାକ୍ତ ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ସାପକୁ ଦେଖିଥିଲେ କିନ୍ତୁ ଦୁଇ ଭାଇ ଭଉଣୀ ସାପ କାମୁଡ଼ିନାହିଁ ବୋଲି କହିଥିଲେ । କିନ୍ତୁ କିଛି ସମୟ ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ହସ୍ପିଟାଲ ନେଇଥିଲେ । ହସପିଟାଲରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଦୁଇ ଭାଇଭଉଣୀଙ୍କ ମୃତ୍ୟୁକୁ ନେଇ ଅବଦୁଲ ରେହମନ୍ ପରିବାରରେ ଚଡକ ପଡିଛି ।

# ସମ୍ବଲପୁରୀ ଲୋକ ସାହିତ୍ୟ କର୍ମଶାଳା ଉଦ୍‌ଘାଟିତ



ସମ୍ବଲପୁର,(ସବ୍ୟୁ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ଆଗ୍ରା ସ୍ଥିତ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନର ପୂର୍ବୋତ୍ତର ଶିକ୍ଷଣ ସାମଗ୍ରୀ ନିର୍ମାଣ ବିଭାଗ ପକ୍ଷରୁ ସମ୍ବଲପୁରୀ ଲୋକ ସାହିତ୍ୟ ସମ୍ପର୍କିତ ୩ଦିନିଆ କର୍ମଶାଳା ଉଦ୍ଘାଟିତ ହୋଇଯାଇଛି । ବିଭାଗ ମୁଖ୍ୟ ପ୍ରଫେସର ଡ. ମିନାକ୍ଷୀ ଦୁବେ ଅଧ୍ୟକ୍ଷତା କରିଥିଲେ । ପଶ୍ଚିମବଙ୍ଗ ରାଜ୍ୟ ବିଶ୍ୱବିଦ୍ୟାଳୟର ହିନ୍ଦୀ ପ୍ରଫେସର ଡ. ଅରୁଣ କୁମାର ହୋତା, ଡ. ସିର୍ଦ୍ଧାର୍ଥ ପଣ୍ଡା, ଡ. ସ୍ୱୟଂ ପ୍ରକାଶ ପଣ୍ଡା ଓ ଡ. ରଶ୍ମୀରେଖା ଜେନା ପ୍ରମୁଖ ବକ୍ତାଭାବେ ଯୋଗ ଦେଇ ସମ୍ବଲପୁରୀ ଲୋକଗୀତ, କାହାଣୀ, ଲୋକୋକ୍ତି, ଲୋକକ୍ରୀଡା, ଲୋକନାଟ୍ୟ ଓ ନୃତ୍ୟାଦି ଲୋକ ସାହିତ୍ୟର ବିଭିନ୍ନ ବିଷୟର ପରିଚୟକୁ ହିନ୍ଦୀରେ ଅନୁବାଦ କରିବା ସହ ଏହାର ପ୍ରକାଶନ ନିମନ୍ତେ ସଂସ୍ଥାନକୁ ସହଯୋଗ କରୁଛନ୍ତି । ଏଥିରେ ସଂସ୍ଥାନର ଡ. ଶଶି ସେନଗାର ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ସଂସ୍ଥାନ ପକ୍ଷରୁ ଦେଶର ଅନେକ ପ୍ରାନ୍ତର ଲୋକ ସାହିତ୍ୟକୁ ନେଇ ଏତାଦୃଶ୍ୟ କାର୍ଯ୍ୟ କରାଯାଇଥାଏ ।

**AFFIDAVIT**

I RAJENDRA KUMAR AGRAHARI GUPTA, S/O- SIBALAL AGRAHARI, RESIDENT OF JAGANNATH NAGAR, PO/PS-BARPALI, DIST- BARGARH, ODISHA, PIN-768028 DECLARE BY THIS AFFIDAVIT NO : 271, DATED : 23.06.2025 THAT NOW ONWARDS I SHALL BE KNOWN AS RAJENDRA PRASD AGRAHARI FOR ALL PURPOSES.

**RAJENDRA PRASAD AGRAHARI**
**JAGANNATH NAGAR,**
**PO/PS - BARPALI,**
**DIST- BARGARH,**
**ODISHA, PIN-768028**

**CHANGE OF**

I, Nikshita Navanya Pande, D/o Motiram Pande, R/o 101, Block-E, Badriprasad Apartment Near Ganpati Hotel, Bargarh, Po/Ps : Bargarh, District : Bargarh, aged 28 years, hereby declare that my correct name is Nikshita Navanya Pande as per all educational records. However, in my Aadhaar Card (No. 6098 5096 8750), my name was wrongly mentioned as Nikhil Vinaya Pande. I have executed an affidavit on 06.02.2017 before the Notary Public, Bhubaneswar for necessary correction, and my name has now been rectified in the said Aadhaar Card. I declare that Nikshita Navanya Pande and Nikhil Vinaya Pande refer to the same person - myself.

**AFFIDAVIT**

I SANJAYA KUMAR AGRAHARI GUPTA, S/O- RAJENDRA KUMAR AGRAHARI, RESIDENT OF JAGANNATH NAGAR, PO/PS-BARPALI, DIST- BARGARH, ODISHA, PIN-768028 DECLARE BY THIS AFFIDAVIT NO : 272, DATED : 23.06.2025 THAT NOW ONWARDS I SHALL BE KNOWN AS SANJAY KUMAR AGRAHARI GUPTA, S/O- REJENDRA PRASAD AGRAHARI FOR ALL PURPOSES.

**SANJAY KUMAR AGRAHARI GUPTA**
**JAGANNATH NAGAR,**
**PO/PS - BARPALI,**
**DIST- BARGARH,**
**ODISHA, PIN-768028**

# ବିଧାନସଭାର ଗୃହ କମିଟିର କନ୍ଧମାଳ ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ



କନ୍ଧମାଳ,(ସବ୍ୟୁ): ଓଡ଼ିଶା ବିଧାନସଭାର ଗୃହ କମିଟୀ ସଦସ୍ୟଙ୍କ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଗୃହ କମିଟୀର ଅଧ୍ୟକ୍ଷ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଘଙ୍କ ନେତୃତ୍ୱରେ ଏକ ୯ ଜଣିଆ ଟିମକୁ ମନମୁଣ୍ଡା, ପଲସାଗୋରା, କଣ୍ଟାମାଳ ଆଦି ବିଭିନ୍ନ ଅଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ପରେ ଘଣ୍ଟାପଡ଼ା ତେଲ ନଦୀ ଖଣ୍ଡିରେ ଥିବା ପର୍ଯ୍ୟଟନସ୍ଥଳ ମାନ୍ୟତା ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିବାପରେ ସଚେତନ ନାଗରିକଙ୍କ ସହ ମନ୍ଦିରର ରକ୍ଷଣାବେକ୍ଷଣ, ପାଚେରୀ ନିର୍ମାଣ, ଏହାକୁ ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଓ ତେଲ ନଦୀ ଖଣ୍ଡରେ ପଥର ସୋଲିଙ୍ଗ ଆଦି ବିଷୟରେ ଆଲୋଚନା କରିଥିଲେ। ପରେ ଉମା ପଞ୍ଚାୟତର ରେଘାମୁଣ୍ଡାସ୍ଥିତ ଧବଳେଶ୍ବର ମନ୍ଦିରରେ ପ୍ରଭୁଙ୍କ ଦର୍ଶନ ପରେ ପାହାଡ଼ରେ ଶୋଭା ପାଉଥିବା ଭାଇବୋହୁ-ଦେଢ଼ଶୁର ପର୍ଯ୍ୟଟନସ୍ଥଳ ପରିଦର୍ଶନ କରିଥିଲେ । ଏହାକୁ ଆହୁରି ଆକୃଷ୍ଟ କରିବାପାଇଁ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଗୃହ କମିଟୀ ଟିମରେ ଅଧ୍ୟକ୍ଷ ଶ୍ରୀ ବାଘଙ୍କ ସହ ସଦସ୍ୟ କଣ୍ଟାମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ ,ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୋହନା ବିଧାୟକ ଦାଶରଥି ଗମାଙ୍ଗୋ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଦର୍ଶନ କରିଥିଲେ। ସେହିପରି ଜିଲ୍ଲା ପ୍ରଶାସନ ତରଫରୁ ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ ,ବ୍ଲକ ପ୍ରଶାସନ ପକ୍ଷରୁ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଭାରପ୍ରାପ୍ତ ବିଡିଓ ତଥା ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପୂର୍ବତନ ମଣ୍ଡଳ ସଭାପତି ପିନାକଧର ରଣା, ଜିଲ୍ଲା ଉପସଭାପତି ଚିତ୍ତରଞ୍ଜନ ପାତ୍ର,ପୂର୍ବତନ ସଭାପତି ବିପ୍ରଚରଣ ମହାନ୍ତି, ଜିଲ୍ଲା ଯୁବସଭାପତି ଅଟଳ ପ୍ରଧାନ, ଘଣ୍ଟାପଡ଼ାମଣ୍ଡଳ ସଭାପତି ଗୋପୀନାଥ କଅଁର,ଜିଲ୍ଲା ପରିଷଦ ସଦସ୍ୟା ପଦ୍ମାଳୟା ପ୍ରଧାନ, ଆଦିବାସୀ ନେତା ଡମ୍ବରୁ କହଁର, ସତ୍ୟନାରାୟଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦୁ କାଠ ବୋଝେଇ ଟ୍ରାକ୍ଟର ଜବତ, ଜଣେ ଗିରଫ



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ହରିଶଙ୍କର ବନ ବିଭାଗ ରେଞ୍ଜ ଅଧୀନ ତୁର୍ଲା ଗାଁ ନିକଟରେ ସୋମବାର ବିଳମ୍ବିତ ରାତିରେ ବନ ବିଭାଗ ଚଢାଉ କରି କେନ୍ଦୁ କାଠ ବୋଝେଇ ଏକ ଟ୍ରାକ୍ଟର ଜବତ କରିବା ସହିତ ଜଣକୁ ଗିରଫ କରିଛି। ସୂଚନା ଅନୁସାରେ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଏସିଏଫ୍ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ ତୁର୍ଲା ଗାଁ ନିକଟରେ ଚଢାଉ କରିଥିଲେ। ଚଢାଉ ବେଳେ କେନ୍ଦୁ କାଠ ବୋଝେଇ ଏକ ନମ୍ବର୍‌ ବିହୀନ ଟ୍ରାକ୍ଟର ଜବତ କରିଥିବା ବେଳେ ଟ୍ରାକ୍ଟର ଡ୍ରାଇଭର ଫେରାର ମାରିଥିବା ବେଳେ କାଠ ଚାଲାଣରେ ସହଯୋଗ କରିଥିବା ଅଭିଯୋଗରେ ତୁର୍ଲା ଗାଁ ର ମନିଲାଲ ଛତର (୪୭)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ରେଞ୍ଜ ଅଧିକାରୀ ନାଏକ ପ୍ରକାଶ କରିଛନ୍ତିଛ ଏନେଇ ହରିଶଙ୍କର ରେଞ୍ଜ ଓ ଆର କେସ ନମ୍ବର ୧୨୭/୨୦୨୫-୨୬ ରେ ଏକ ମାମଲା ରୁଜୁ କରିଥିବା ବେଳେ ୨୮ ଖଣ୍ଡ କେନ୍ଦୁ କାଠ ଗଣ୍ଡି ଜବତ ହୋଇଥିବା ଜଣାଯାଇଛି।ଚଢାଉ ବେଳେ ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ଖପ୍ରାଖୋଲ ବନପାଳ ସୁଧୀର ଜେନା, ବିପିନ ସାହୁ, ବନରକ୍ଷୀ ରାଜେନ୍ଦ୍ର ଧରୁଆ,ସଞ୍ଜୀବ ପଧାନ ସହିତ ପାରା କର୍ମଚାରୀ ସାମିଲ ଥିଲେ।

(ଶ୍ରୀମଭଗବଦ୍ ଗୀତା ୧୬/୨୪)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ)

**ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ ।**
**ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତ୍ତୁମିହାର୍ହସି ।।୨୪।।**

ଅତଏବ କେଉଁଟି କାର୍ଯ୍ୟ, କେଉଁଟି ଅକାର୍ଯ୍ୟ, ଏହି ତତ୍ତ୍ୱ ନିର୍ଣ୍ଣୟ ବିଷୟରେ ଶାସ୍ତ୍ର ହିଁ ତୁମର ପ୍ରମାଣ, ଅତଏବ ତୁମେ ଶାସ୍ତ୍ରବିଧାନୋକ୍ତ କର୍ମ ଜାଣି (ନିଜର ଅଧିକାର ଅନୁସାରେ) କର୍ମରେ ପ୍ରବୃତ୍ତ ହୁଅ ।।୨୪।।

# ଧନ୍ୟବାଦ, ରାଜ୍ୟପାଳ ମହୋଦୟ

ସମ୍ପାଦକୀୟ

ଓଡ଼ିଶାର ରାଜ୍ୟପାଳଙ୍କୁ ଧନ୍ୟବାଦ ଯେ ସେ ରାଜ୍ୟର ଅଫିସରମାନଙ୍କୁ ସେମାନଙ୍କ ଅଜ୍ଞାନତା ବିଷୟରେ ତାଗିଦ୍ କରି ଦେଇଛନ୍ତି । ଲୋକଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁସବୁ ଉପାଦେୟ ଯୋଜନା ସବୁ କରିଛନ୍ତି, ତାହାକୁ ଅଫିସରମାନେ ନିଜେ ଠିକ୍ ବୁଝି ନାହାନ୍ତି କିମ୍ବା ଠିକ୍ ଭାବେ ଶିକ୍ଷିତ ଓ ଜନସାଧାରଣଙ୍କ ଦ୍ୱାରା ସେମାନେ କାର୍ଯ୍ୟକାରୀ କରୁ ବି ନାହାନ୍ତି । ଏହା ବାସ୍ତବରେ ଦୁଃଖଦାୟକ ଘଟଣା । ଆମ ଓଡ଼ିଶାର ରାଜ୍ୟପାଳ ଶ୍ରୀ ହରିବାବୁ କମ୍ଭମପତି ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ରାଜଭବନ ପରିସରରେ ଗତ ୨୩ (ଜୁନ୍ ୨୦୨୫)ରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ରାଜ୍ୟପାଳ ଶ୍ରୀ କମ୍ଭମପତି ଆଲୋଚନା କରୁଥିବାବେଳେ ଅନୁଭବ କରିଥିଲେ ଯେ କେବଳ ସାଧାରଣ ବର୍ଗର ନୁହେଁ, ଅନେକ ଶିକ୍ଷିତ ବର୍ଗର ଲୋକେ ମଧ୍ୟ ବିଭିନ୍ନ ଜନହିତକର ସରକାରୀ ଯୋଜନା ସମ୍ବନ୍ଧରେ କିଛି ଜାଣିପାରୁ ନାହାନ୍ତି । ଏହାର କାରଣ ରାଜ୍ୟର ସରକାରୀ ଅଫିସରମାନେ ବିଭିନ୍ନ ଜନହିତକର ଯୋଜନା ବିଷୟରେ କିଛି ଜାଣି ନାହାନ୍ତି । ରାଜ୍ୟପାଳ ମହୋଦୟ 'ଅଟଳ ବିମାନ ଯୋଜନା' ଓ 'ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି' ଯୋଜନା ପ୍ରଭୃତିର ଦୃଷ୍ଟାନ୍ତ ଦେଇ କହିଥିଲେ ଯେ ଏହି ସବୁ ଯୋଜନା ବିଷୟରେ ଘରର ମୁରବୀମାନେ ମଧ୍ୟ ଅବଗତ ନାହାନ୍ତି । ଫଳରେ ଏହାର ସୁଫଳ ଲୋକମାନେ ପାଇପାରୁ ନାହାନ୍ତି । ଅଫିସର ବା କର୍ତ୍ତୃପକ୍ଷମାନେ ଏ ସବୁ ବିଷୟରେ ଅବଗତ ହୋଇ ଲୋକଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ଏଥିରେ ସେମାନେ ଯେପରି ଉପକୃତ ହୋଇପାରିବେ, ସେପରି ବ୍ୟବସ୍ଥା କରାଯିବା ଦରକାର ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ସେ ଜଣେ ଉଚ୍ଚ ଶିକ୍ଷିତ ଇଞ୍ଜିନିୟର । ଇଞ୍ଜିନିୟରିଂ କଲେଜରେ ଅଧ୍ୟାପନା କରିଥିଲେ । ଏହା ପୂର୍ବରୁ ଛାତ୍ର ନେତା ମଧ୍ୟ ସେ ଥିଲେ । ସେ ବିଶାଖାପାଟଣା(୧) ନିର୍ବାଚନ ମଣ୍ଡଳୀରୁ ବିଧାୟକ ଓ ବିଶାଖାପାଟଣା ଲୋକସଭା ଆସନରୁ ସାଂସଦ ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ । ତାଙ୍କର ଜନସାଧାରଣଙ୍କ ତଥା ଅଫିସରମାନଙ୍କ ସହ ନିବିଡ଼ ସଂପର୍କ ଓ ଅଭିଜ୍ଞତା ଯୋଗୁଁ ଅଧିକାରୀମାନଙ୍କ ଅଜ୍ଞାନତାକୁ ସେ ସହଜରେ ଧରି ପାରିଛନ୍ତି । ବିଗତ ସରକାର କ୍ଷମତାଚ୍ୟୁତ ହେବାର ଅନ୍ୟତମ ମୁଖ୍ୟ କାରଣ ହେଉଛି ଏହି ଅମଲାତାନ୍ତ୍ରିକ ଶାସନରେ ଜନସାଧାରଣ ତଥା ଶିକ୍ଷିତ ବର୍ଗଙ୍କୁ ହେୟ ଜ୍ଞାନ କରାଯିବା ।

ଏକଦା ବିଶାଖାପାଟଣା ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ଥିଲା । ଦଶପଲ୍ଲା ରାଜାଙ୍କର ଅନେକ ଅଞ୍ଚଳ ସେଠାରେ ଥିଲା । ଏବେ ଦଶପଲ୍ଲା ରାଜାଙ୍କର ରାଜବାଟୀ ଓ ଦଶପଲ୍ଲା ନାମରେ ଏକ ହୋଟେଲ ମଧ୍ୟ ସେଠାରେ ଅଛି । ଓଡ଼ିଶାରେ ରାଜ୍ୟପାଳ ଭାବେ ଜଣେ ଆନ୍ଧ୍ର ଅଞ୍ଚଳର ବ୍ୟକ୍ତି ଓଡ଼ିଆଙ୍କ ସ୍ୱାଭିମାନ ଓ ଅସ୍ମିତାକୁ ନିଶ୍ଚୟ ଉପଲବ୍ଧି କରିଥିବେ ।

ତେବେ ଆହୁରି କେତେକ ଜନହିତକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଅମଲାତାନ୍ତ୍ରିକ ପ୍ରଶାସନ ବାଧା ସୃଷ୍ଟି କରି ଆସୁଛନ୍ତି । ଫଳରେ ପି.ଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଏ ସବୁ ବିଷୟରେ ଜନସାଧାରଣ ଓ ଶିକ୍ଷିତ ସଂପ୍ରଦାୟ ଚାହିଁଲେ ମଧ୍ୟ ସେମାନଙ୍କୁ ସୂଚନା ଦେଇ ମାର୍ଗ ପ୍ରଦର୍ଶନ କରିବାକୁ ସରକାରୀ ଅଧିକାରୀ ବା କର୍ମଚାରୀ ଆଗେଇ ଆସୁ ନାହାନ୍ତି । ମୋଟର ଯାନ ଆଇନକୁ ପରିବହନ କର୍ତ୍ତୃପକ୍ଷ ଠିକ୍ ଭାବେ କାର୍ଯ୍ୟକାରୀ କରୁନାହାନ୍ତି ଅଥଚ ସାଧାରଣ ଓ ଶିକ୍ଷିତ ଲୋକଙ୍କୁ ମିଛ ସତ କହି, ଆଇନ ବିଷୟରେ ବିଭ୍ରାନ୍ତ କରି ଜରିମାନା ଆଦାୟ କରୁଛନ୍ତି । ଥାନା ଓ ଡାକ୍ତରଖାନାରେ ମଧ୍ୟ ଦୁର୍ନୀତିର ଗନ୍ଧ ବାରି ହୋଇ ପଡୁଛି । ମାନନୀୟ ରାଜ୍ୟପାଳ ମହୋଦୟ ଏସବୁ ପ୍ରତି ଦୃଷ୍ଟି ଦେବାକୁ ହେବ । ନଚେତ ଏଗାର ବର୍ଷର କେନ୍ଦ୍ରୀୟ ଓ ବର୍ଷକର ରାଜ୍ୟର ଶାସନ ଠିକ୍ ଭାବେ ଅଗ୍ରଗମନ କରିପାରିବ ନାହିଁ । ଏତିକି ଅନୁରୋଧ ମାନ୍ୟବର ରାଜ୍ୟପାଳଙ୍କୁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ବଢୁଛି ନାରୀ ନିର୍ଯାତନା: ନିରାପତ୍ତା ଦେବ କିଏ?



ପ୍ରହଲାଦ କୁମାର ସିଂହ

ବଳାତ୍କାର ସମେତ ବିଭିନ୍ନ କିସମର ଅପରାଧ ଓ ଆତଙ୍କବାଦୀ କାର୍ଯ୍ୟକଳାପ ପରିପ୍ରେକ୍ଷୀରେ ଆମେରିକୀୟମାନେ ଭାରତକୁ ଆସିବା ବେଳେ ଅଧିକ ସତର୍କତା ଅବଲମ୍ବନ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ମନ୍ତ୍ରାଳୟ ଚେତାବନୀ ଜାରି କରିଛି । ଭାରତରେ ବଳାତ୍କାର ଭଳି ଜଘନ୍ୟ ଅପରାଧ ଦ୍ରୁତଗତିରେ ବଢୁଥିବା ଦୃଷ୍ଟିରୁ ଆମେରିକୀୟ ମହିଳାମାନେ ଭାରତର କେତେକ ଅଞ୍ଚଳକୁ ଏକୁଟିଆ ଯାତ୍ରା ନକରିବା ଲାଗି ସେଠାକାର ସରକାର ଯେଉଁ ସତର୍କବାଣୀ ଶୁଣାଇଛନ୍ତି ସେଥିରେ ଓଡ଼ିଶାର ନାମ ରହିଛି । ଓଡ଼ିଶା ଛଡ଼ା ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ମେଘାଳୟ ଓ ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶର ପୂର୍ବାଞ୍ଚଳକୁ ସେମାନେ ଆସିବା ପୂର୍ବରୁ ଆବଶ୍ୟକୀୟ ଅନୁମତି ନେବାକୁ ଏହି ସତର୍କବାଣୀରେ କୁହାଯାଇଛି । ଏହାଛଡ଼ା ଜମ୍ମୁ-କାଶ୍ମୀର, ଭାରତ-ପାକ୍ ସୀମା ଏବଂ କେନ୍ଦ୍ରୀୟ ଓ ପୂର୍ବ ଭାରତର କିଛି ଅଞ୍ଚଳକୁ ଭ୍ରମଣବେଳେ ଅତିରିକ୍ତ ସତର୍କତା ଅବଲମ୍ବନ କରିବାକୁ ଯେଉଁ ପରାମର୍ଶ ଦିଆଯାଇଛି ତାହାକୁ କେନ୍ଦ୍ରକରି ଓଡ଼ିଶାରେ ରାଜନୈତିକ ବୟାନବାଜି ବଢ଼ିବାରେ ଲାଗିଛି । କେହି କେହି ମଧ୍ୟ କହୁଛନ୍ତି ଯେ ଆମେରିକା ପ୍ରଶାସନର ଏଭଳି ମାର୍ଗ ନିର୍ଦ୍ଦେଶିକା ଯୋଗୁ ଓଡ଼ିଶାର ଛବି ସମଗ୍ର ବିଶ୍ୱରେ ମଳିନ ହୋଇଛି। କେହି ସ୍ୱୀକାର କରୁ ବା ନକରୁ ଗତ କିଛି ଦଶନ୍ଧି ଭିତରେ ଯେ ଓଡ଼ିଶା ସମେତ ସମଗ୍ର ଦେଶରେ ଅପରାଧର ସ୍ଥିତି ଗମ୍ଭୀର ଥିବାବେଳେ ନାରୀମାନଙ୍କ ନିରାପତ୍ତା ଦିନକୁ ଦିନ ଅଧିକ ବିପନ୍ନ ମନେ ହେଉଛି। ନାରୀ ସ୍ୱାଧୀନତା ଓ ସମାନତା ସଂପର୍କରେ ବହୁ ଘୋଷଣା ହେଉଥିବା ଏବଂ ମହିଳାମାନଙ୍କ ପ୍ରତି ଅପରାଧ ନିୟନ୍ତ୍ରଣ ଲାଗି କଠୋର ଆଇନ୍ ମାନ କାର୍ଯ୍ୟକାରୀ ହେଉଥିବା ସତ୍ତ୍ୱେ ସମସ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି ।

କୁହାଯାଉଥିଲା ସ୍ୱାଧୀନ ଭାରତରେ ଲୋକେ ଏତେ ସୁଶୃଙ୍ଖଳ ହେବେ ଏବଂ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଏଭଳି ମାର୍ଜିତ ହେବ ଯେ ରାତି ଅଧରେ ଜଣେ ଯୁବତୀ କୌଣସି ସ୍ଥାନକୁ ଯାଇ ନିରାପଦରେ ଫେରି ଆସିପାରିବ । ଆମ ପୁରାଣ, ଶାସ୍ତ୍ର ଆଦିରେ ମହାଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା, କାଳୀ, ପାର୍ବତୀ, ସୀତା ଆଦିଙ୍କ ବନ୍ଦନା କରାଯାଇଥାଏ । ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ, ମନ୍ଦୋଦରୀଙ୍କ ଭଳି ମହିୟସୀମାନଙ୍କ ନାମ ସ୍ମରଣ କଲେ ପାପ କ୍ଷୟ ହୁଏ ବୋଲି କୁହାଯାଇଥାଏ । କେବଳ ସେତିକି ନୁହେଁ, 'ଯେଉଁଠି ନାରୀମାନେ ପୂଜନୀୟା ସେଠାରେ ଦେବତାମାନେ ଅବସ୍ଥାନ କରନ୍ତି' ବୋଲି ଶାସ୍ତ୍ର ଘୋଷଣା କରିଥିବାବେଳେ ଭାରତର ସଂସ୍କୃତି ଓ ଐତିହ୍ୟକୁ ନେଇ ଆମେ ଗର୍ବ କରୁ । ଦେଶର ସ୍ୱାଧୀନତା ସଂଗ୍ରାମରେ ନାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଇତିହାସର କଥାବସ୍ତୁ । **ଏସବୁ ସତ୍ତ୍ୱେ ଅଧ ରାତି ତ ଦୂରର କଥା ଦିନ ଦ୍ୱିପ୍ରହରରେ ଘରଠାରୁ କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ଯିବା ପାଇଁ ନାରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଗଣମାଧ୍ୟମରେ ବି ବାରମ୍ବାର ଏ ସଂକ୍ରାନ୍ତୀୟ ଦୁଃସମ୍ବାଦ ପ୍ରକାଶ ପାଉଛି । ଏମିତିକି ମହାରାଷ୍ଟ୍ରରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଝିଅକୁ ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ରାସ୍ତାରେ ଅସଦାଚରଣ କରାଯାଇଥିବା ସଂକ୍ରାନ୍ତରେ ଖୋଦ୍ କେନ୍ଦ୍ରମନ୍ତ୍ରୀ ରକ୍ଷା ଖଡ଼ସେ ପୋଲିସ ନିକଟରେ ଅଭିଯୋଗ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଦାବି ଉଠାଇଥିଲେ । ଏହି ଅଭିଯୁକ୍ତମାନେ ଜଣେ ବିଧାୟକଙ୍କ ସହଯୋଗୀ ବୋଲି କୁହାଯାଉଛି । କେନ୍ଦ୍ରମନ୍ତ୍ରୀଙ୍କ ଝିଅ ଯେଉଁଠି ଅସୁରକ୍ଷିତ, ସେଠି ସାଧାରଣ ପରିବାରର ଝିଅ-ବୋହୂଙ୍କ ସୁରକ୍ଷା କଥା ପଚାରେ କିଏ ? ଆଉ ଜଣେ କେନ୍ଦ୍ରମନ୍ତ୍ରୀ କିଛିବର୍ଷ ତଳେ କହିଥିଲେ ଯେ ନିଶା ରାକ୍ଷସ ଯୋଗୁ ତାଙ୍କ ନାତି ବାପା ଛେଉଣ୍ଡ ହୋଇଥିବା ବେଳେ ବୋହୂ ମୁଣ୍ଡରୁ ସିନ୍ଦୁର ଲିଭିଛି ।**

କିଛିମାସ ତଳେ ହିମାନୀ ନରୱାଲ୍ ନାମକ ଜଣେ ଯୁବତୀଙ୍କ ମୃତ ଶରୀର ହରିଆନାର ଏକ ବସ୍‌ଷ୍ଟାଣ୍ଡ ନିକଟରେ ମିଳିଥିଲା । ରାହୁଲ ଗାନ୍ଧିଙ୍କ ଭାରତଯୋଡ଼ ଯାତ୍ରାରେ ହିମାନୀ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ନୈନା ସାହାନୀଙ୍କ ଭଳି ଜଣେ କଂଗ୍ରେସ ଯୁବନେତ୍ରୀଙ୍କୁ ଖଣ୍ଡ ଖଣ୍ଡ କରି କାଟି ଦିଲ୍ଲୀର ଏକ ତନ୍ଦୁରୀ ଚୁଲିରେ ପୋଡ଼ା ଯାଇଥିଲା । କିଛିବର୍ଷ ତଳେ ଓଡ଼ିଶାରେ ଜଣେ ମନ୍ତ୍ରୀଙ୍କ ବିରୋଧରେ ତାଙ୍କ ଦଳର ଜଣେ ନାରୀନେତ୍ରୀ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ । ଦିଲ୍ଲୀର ନିର୍ଭୟା ଘଟଣାଠାରୁ ପଶ୍ଚିମବଙ୍ଗର ଅଭୟା ଘଟଣା ଦେଶର ଆତ୍ମାକୁ ଦୋହଲାଇ ଦେଇଥିଲା । ଓଡ଼ିଶାର ଛବିରାଣୀ, ପରୀ, ବେବିନା, ଇତିଶ୍ରୀ ଆଦିଙ୍କ ପ୍ରତି ଘଟିଥିବା ଜଘନ୍ୟ ଅପରାଧ ଇତିହାସର କଳା ଅଧ୍ୟାୟ ହୋଇ ରହିଛି ।

*ବ୍ୟବସ୍ଥାଗତ ତ୍ରୁଟି ଯୋଗୁ ଆମ ରାଜ୍ୟ ଓ ଦେଶରେ ମାମଲା ସଂଖ୍ୟା ବଢ଼ି ବଢ଼ି ଚାଲିଛି । ସାରା ଦେଶର ବିଭିନ୍ନ ଅଦାଲତରେ ୫କୋଟିରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ପାଖାପାଖି ୨୧ଲକ୍ଷ ବୋଲି ସରକାର ସ୍ୱୀକାର କରୁଛନ୍ତି । କେବଳ ସେତିକି ନୁହେଁ, ଏହି ମାମଲା ଭିତରୁ ଆମ ରାଜ୍ୟରେ ଅପରାଧିକ ମାମଲା ସଂଖ୍ୟା ପ୍ରାୟ ୧୩ଲକ୍ଷ ବୋଲି କୁହାଯାଉଛି । ଅନେକ ଅପରାଧିକ ମାମଲା ୨୦-୩୦ବର୍ଷ ଧରି ଗଡୁଛି ।*

କୁନ୍ଦୁଲିର ପୀଡ଼ିତା ନବମ ଶ୍ରେଣୀର ଝିଅଟି କାନ୍ଦି କାନ୍ଦି ଆତ୍ମହତ୍ୟା କରିଦେଲା ପଛେ ଆମ ବ୍ୟବସ୍ଥା ତାକୁ ନ୍ୟାୟ ଦେଇପାରିଲା ନାହିଁ । ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜଣେ ଯୁକ୍ତଦୁଇ ବାଣିଜ୍ୟ ଛାତ୍ରୀ ଅଧ୍ୟାପକଙ୍କ ଅସଦାଚରଣରେ ବ୍ୟଥିତ ହୋଇ ଆତ୍ମହତ୍ୟା କରିଥିବା ଖବର ବି କିଛିଦିନ ତଳେ ପ୍ରକାଶ ପାଇଥିଲା। ମଦ ନିଶାରେ ଚୁର୍ ଥାଇ ହିତାହତ ଜ୍ଞାନ ହରାଇ ନିଜ ଝିଅକୁ ବଳାତ୍କାର କରିଥିବା ଅପରାଧରେ ବାଣପୁର ଅଞ୍ଚଳର ଜଣେ ଅପରାଧୀକୁ ନିକଟରେ ଅଦାଲତ ଦଣ୍ଡିତ କରିଛି । ଆମ ରାଜ୍ୟରେ କୁନି କୁନି ଝିଅମାନଙ୍କୁ ବି ବଳାତ୍କାର ଓ ହତ୍ୟା କରିବା ଭଳି ଅନେକ ଅଭାବନୀୟ ଘଟଣା ଘଟୁଛି ।

ମହିଳାମାନଙ୍କ ବିରୋଧରେ ଅପରାଧ ଅକ୍ଷମଣୀୟ ଏବଂ ଅପରାଧୀମାନଙ୍କୁ ଛଡ଼ାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରୁଥିବା ବେଳେ ଏଭଳି ଅପରାଧ ଦେଶର ଆତ୍ମାକୁ ଚହଲାଇ ଦେଇଛି ବୋଲି ସୁପ୍ରିମକୋର୍ଟ ଉଦ୍‌ବେଗର ସହ କହିଛନ୍ତି । ରାଷ୍ଟ୍ରପତି ମଧ୍ୟ ଏଭଳି ଅପରାଧର ନିନ୍ଦା କରିଛନ୍ତି । ହାଇଦ୍ରାବାଦ୍ ନିକଟରେ ଜଣେ ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ପରେ ଜୀଅନ୍ତା ପୋଡ଼ି ମାରିବା, ଗୁଜରାଟର ବିଲ୍‌କିସ୍ ବାନୋ ଘଟଣାଠାରୁ ଉତ୍ତରପ୍ରଦେଶର ହାଥରସ୍ ଓ ଉନ୍ନାଓ, ଜାମ୍ମୁ-କାଶ୍ମୀରର କାଠୁଆ ଆଦିରେ ଯେଉଁ କଳଙ୍କିତ ଅଧ୍ୟାୟ ସୃଷ୍ଟି ହୋଇଛି ତାହା ବ୍ୟବସ୍ଥାର ଆତ୍ମାକୁ କେତେ ଚହଲାଇଛି ସେ ସଂପର୍କରେ ଦଳମତ ନିର୍ବିଶେଷରେ ଲୋକେ ସମୀକ୍ଷା କରିବା ଆବଶ୍ୟକ । ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷା ପାଇଁ ଦେଶରେ ପ୍ରତିବର୍ଷ ଲକ୍ଷ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଅବସ୍ଥା କାହିଁକି ବିଗୁଡୁଛି ସେ ସଂପର୍କରେ ବି ଆତ୍ମସମୀକ୍ଷା କରିବାର ବେଳ ଆସିଛି ।

ସରକାରୀ ରିପୋର୍ଟ ମୁତାବକ ଆମ ଦେଶରେ ପ୍ରାୟ ଦୁଇ ତୃତୀୟାଂଶ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି । ଆମ ରାଜ୍ୟରେ ତ ନାବାଳିକା ଛାତ୍ରୀ ସନ୍ତାନ ପ୍ରସବ କରିବା ଭଳି ଦୁଃସମ୍ବାଦ ବାରମ୍ବାର ପ୍ରକାଶିତ ହେଉଛି । ମହିଳା କର୍ମଚାରୀଙ୍କୁ ନିର୍ଯାତନା ଦେବା ଅଭିଯୋଗର ତାଲିକା ବେଶ୍ ଲମ୍ବା। କଂଗ୍ରେସ ହେଉ କି ବିଜେଡି କିମ୍ବା ବିଜେପି ନେତୃତ୍ୱାଧୀନ ସରକାର ଅମଳରେ ଏଭଳି ଅଭାବନୀୟ ଘଟଣାମାନ ଲଗାତାର ଭାବେ ଘଟି ଚାଲିଛି ଏବଂ ଏସବୁକୁ ପୁଞ୍ଜି କରି ରାଜନୈତିକ ବିବୃତି ଯୁଦ୍ଧ ପାରମ୍ପରିକ ଭାବେ ଚାଲୁଥିବାବେଳେ ପ୍ରତିକାର ପାଇଁ ବ୍ୟାକୁଳତା ଦେଖାଯାଏ ନାହିଁ।

ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟର ଜାତୀୟ ଅପରାଧ ନଥି ସଂସ୍ଥାନର ସର୍ବଶେଷ କ୍ରାଇମ୍ ଇନ୍ ଇଣ୍ଡିଆ-୨୦୨୨ ରିପୋର୍ଟ ପ୍ରକାଶ ପାଇଥିଲା ୨୦୨୩ ଡିସେମ୍ବର ମାସରେ । ୨୦୨୩ ଓ ୨୦୨୪ ବର୍ଷର ଏହି ରିପୋର୍ଟ ଏ ଯାବତ୍ ପ୍ରକାଶ ପାଇନାହିଁ । ୨୦୨୨ ଶେଷ ସୁଦ୍ଧା ସାରା ଦେଶରେ ମହିଳାମାନଙ୍କ ପ୍ରତି ଘଟିଥିବା ଅପରାଧ ସଂକ୍ରାନ୍ତୀୟ ୨୧,୮୪,୭୬୯ ମାମଲା ବିଚାରାଧୀନ ଥିଲା। ଏହି ସଂଖ୍ୟା ଏବେ ୨୬ଲକ୍ଷକୁ ଟପିଯାଇଥିବ ବୋଲି ଆଶଙ୍କା କରାଯାଏ। ଏହି ସରକାରୀ ତଥ୍ୟ ମୁତାବକ ୨୦୨୨ ବର୍ଷରେ ଏଭଳି ମାମଲା ଭିତରୁ ମାତ୍ର ୧,୮୧,୮୩୩ଟିର ଫଏସଲା ହୋଇଥିବାବେଳେ ସେଥିରୁ ମୋଟେ ୩୮,୧୩୬ଟି ଦଣ୍ଡ ବିଧାନ ହୋଇଥିଲା । କେନ୍ଦ୍ର ସରକାରଙ୍କ ତଥ୍ୟ ମୁତାବକ ସମଗ୍ର ଦେଶରେ ଉକ୍ତ ବର୍ଷରେ ମହିଳାମାନଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରୁ ମାତ୍ର ୭.୭ ପ୍ରତିଶତ ଫଏସଲା ହୋଇଥିବାବେଳେ ଦଣ୍ଡବିଧାନ ହାର ଥିଲା ୨୫.୩ ପ୍ରତିଶତ। ଏହି ରିପୋର୍ଟରେ ଓଡ଼ିଶା ସଂକ୍ରାନ୍ତରେ ଦିଆଯାଇଥିବା ତଥ୍ୟ ବେଶ୍ ଉଦ୍‌ବେଗଜନକ । ୨୦୨୨ ଶେଷ ସୁଦ୍ଧା ଓଡ଼ିଶାରେ ମହିଳାଙ୍କ ପ୍ରତି ଅପରାଧିକ ମାମଲାରୁ ୧,୬୯,୫୭୨ଟି ବିଚାର ପ୍ରତୀକ୍ଷାରେ ଥିବାବେଳେ ଏବେ ଏହି ସଂଖ୍ୟା ୨ଲକ୍ଷ ଟପିଥାଇପାରେ ବୋଲି ବେସରକାରୀ ଭାବେ ଆଶଙ୍କା କରାଯାଉଛି । ମହିଳାଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲା ଭିତରୁ ଓଡ଼ିଶାରେ ୨୦୨୨ ବର୍ଷରେ ମାତ୍ର ୭୩୯୩ଟି ଫଇସଲା ହୋଇଥିବାବେଳେ ୬୭୧ଟିରେ ଅଭିଯୁକ୍ତଙ୍କ ପ୍ରତି ଦଣ୍ଡବିଧାନ ହୋଇଥିଲା ଓ ୬୬୦୦ରୁ ଅଧିକ ମାମଲାରେ ଅଭିଯୁକ୍ତ ଖସି ଯାଇଥିଲେ । ଏହି ସରକାରୀ ତଥ୍ୟ ମୁତାବକ ମହିଳାଙ୍କ ପ୍ରତି ଅପରାଧିକ ମାମଲାରେ ଓଡ଼ିଶାରେ ଫଏସଲା ହାର ୨୦୨୨ ବର୍ଷରେ ମାତ୍ର ୪.୨ ପ୍ରତିଶତ ଥିବାବେଳେ ଦଣ୍ଡବିଧାନ ହାର ଥିଲା ୯.୨ ପ୍ରତିଶତ । କ୍ରାଇମ୍ ରେଟ୍ ରିପୋର୍ଟ ଅଫ୍ ଇଣ୍ଡିଆ-୨୦୨୪ର ଅନ୍ୟ ଏକ ତଥ୍ୟ ମୁତାବକ ପୂର୍ବ ବର୍ଷ ତୁଳନାରେ ଦେଶରେ ଅପରାଧିକ ମାମଲା ସଂଖ୍ୟା ୦.୫୬ ପ୍ରତିଶତ ହ୍ରାସ ପାଇଥିବାବେଳେ ବଳାତ୍କାର ମାମଲା ୧.୧ ପ୍ରତିଶତ ଓ ଅପହରଣ ମାମଲା ୫.୧ ପ୍ରତିଶତ ବଢ଼ିଛି । ଉତ୍ତରପ୍ରଦେଶ, କେରଳ, ମହାରାଷ୍ଟ୍ର, ଦିଲ୍ଲୀ ଓ ବିହାର ଭଳି ରାଜ୍ୟରେ ଅପରାଧ ହାର ଢେର ବଢ଼ିଥିବା ସ୍ଥଳେ ଓଡ଼ିଶାରେ ମଦ ସମେତ ମାରାତ୍ମକ ନିଶାର କୁପ୍ରଭାବ ଯୁବ ସମାଜ ଉପରେ ପଡ଼ିବା ସହିତ ବିଭିନ୍ନ କିସମର ଅପରାଧ ଘଟୁଥିବା ଏଥିରେ କୁହାଯାଇଛି ।

ବ୍ୟବସ୍ଥାଗତ ତ୍ରୁଟି ଯୋଗୁ ଆମ ରାଜ୍ୟ ଓ ଦେଶରେ ମାମଲା ସଂଖ୍ୟା ବଢ଼ି ବଢ଼ି ଚାଲିଛି । ସାରା ଦେଶର ବିଭିନ୍ନ ଅଦାଲତରେ ୫କୋଟିରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ପାଖାପାଖି ୨୧ଲକ୍ଷ ବୋଲି ସରକାର ସ୍ୱୀକାର କରୁଛନ୍ତି । କେବଳ ସେତିକି ନୁହେଁ, ଏହି ମାମଲା ଭିତରୁ ଆମ ରାଜ୍ୟରେ ଅପରାଧିକ ମାମଲା ସଂଖ୍ୟା ପ୍ରାୟ ୧୩ଲକ୍ଷ ବୋଲି କୁହାଯାଉଛି । ଅନେକ ଅପରାଧିକ ମାମଲା ୨୦-୩୦ବର୍ଷ ଧରି ଗଡୁଛି । ରାଜନୈତିକ ଚାପ, ସରକାରୀ କଳର ଦୁର୍ବଳତା, ମାମଲାର ତଦନ୍ତ ଓ ପରିଚାଳନାରେ ତ୍ରୁଟି, ବିଳମ୍ବିତ ବିଚାର ପ୍ରକ୍ରିୟା, ଆଇନ୍‌ର ଦୁରୁପଯୋଗ, ରାଜକ୍ଷମା ଆଳରେ ଅପରାଧୀମାନଙ୍କୁ କାରାମୁକ୍ତ କରିବା ଏବଂ ସର୍ବୋପରି ସାମାଜିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ନୈତିକ ବ୍ୟବସ୍ଥାର ଅବକ୍ଷୟ ଯୋଗୁ ଅପରାଧ ବଢୁଛି। ଭଗବାନ ବୁଦ୍ଧଙ୍କ ଠାରୁ ମହାତ୍ମା ଗାନ୍ଧୀଙ୍କ ପର୍ଯ୍ୟନ୍ତ ଯେଉଁ ମାଟିରେ ସମଗ୍ର ବିଶ୍ୱକୁ ସତ୍ୟ, ଅହିଂସା, କରୁଣା, ସେବା ଓ ଭାଇଚାରାର ସନ୍ଦେଶ ଦେଇଥିଲେ ସେଠି ଆଜି ମିଥ୍ୟାଚାର, ହିଂସା, ପ୍ରତାରଣା ଆଦିର ଘୂର୍ଣ୍ଣିଝଡ଼ରେ ଜନଜୀବନ ବିପର୍ଯ୍ୟସ୍ତ। ଅପରାଧୀମାନେ ଧନବଳ, କ୍ଷମତା ଓ ରାଜନୈତିକ ପୃଷ୍ଠପୋଷକତାରେ ସେମାନଙ୍କ ଅପରାଧିକ ସାମ୍ରାଜ୍ୟ ବଢ଼ାଇ ସାଧାରଣ ଲୋକଙ୍କ ଧନଜୀବନ ସହିତ ଖେଳୁଥିବା ବେଳେ ପୁଲିସ ଓ ବିଚାରପତିଙ୍କ ଉପରେ ବି ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ସକଳ ଦୁଷ୍କୃତିର ଜନନୀ ବୋଲି କୁହାଯାଉଥିବା ମଦ ଓ ଅନ୍ୟାନ୍ୟ ନିଶାକୁ ନିବାରିତ କରିବା ପରିବର୍ତ୍ତେ ଖୋଦ୍ ସରକାର ପ୍ରସାରିତ କରୁଥିବାରୁ କେତେ ମହିଳାଙ୍କ ସିନ୍ଥିରୁ ସିନ୍ଦୁର ଲିଭୁଛି, କେତେ ଶିଶୁ ବାପା-ମା ଛେଉଣ୍ଡ ହେଉଛନ୍ତି, କେତେ ମହିଳା ହତ୍ୟା ଓ ଆତ୍ମହତ୍ୟାର ଶିକାର ହେଉଛନ୍ତି ତାର ହିସାବ କ୍ଷମତାର ବଡ଼ପଣ୍ଡାମାନେ ଦେବାକୁ ନାରାଜ । ଏହି ଭିତ୍ତିଭୂମିରେ ନିର୍ଯାତିତା ନାରୀମାନଙ୍କୁ ନ୍ୟାୟ ଦେବ କିଏ?

**(ଲେଖକ ଜଣେ ଗାନ୍ଧିବାଦୀ ଓ ସମ୍ବାଦପତ୍ରର ଲେଖକ ଭାବେ ପରିଚିତ)**
**ମୋ-୯୪୩୭୦୧୭୩୯୫**
*E-mail: prahalladsinha@gmail.com*

# ଜଳୌକା ବାବା ବୈକୁଣ୍ଠନାଥଙ୍କ ଦିବ୍ୟଧାମ ଯାତ୍ରାକୁ ସ୍ମରଣ କରି

ମନୋରଞ୍ଜନ ମହାନ୍ତି

ମାଳିକାର ପ୍ରବାଦ ପୁରୁଷ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ୧୯୨୦ ମସିହା ଜାନୁଆରୀ ମାସ ୨୦ ତାରିଖ କଟକ ଜିଲ୍ଲା ଟାଙ୍ଗି ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ଜମିଦାର ଚୌଧୁରୀ ପରିବାରରେ ଧରାବତରଣ କରିଥିଲେ । ତାଙ୍କ ନାମ ଥିଲା ବଟକୃଷ୍ଣ । ପିଲାଟି ଦିନରୁ ମା'-ବାପ' ଛେଉଣ୍ଡ ହୋଇ ମାତୁଳାଳୟରେ ମାମୁଁଙ୍କ ତତ୍ତ୍ୱବଧାନରେ ଆଇଙ୍କ ଦ୍ୱାରା ଜମିଦାର ଢ଼ାଞ୍ଚାରେ ଅତି ଅୟସରେ ଲାଳିତ ପାଳିତ ହୋଇଥିଲେ (କାରଣ ସେ ଦୁଇ ପରିବାରର ଏକମାତ୍ର ଉତ୍ତରାଧିକାରୀ ଥିଲେ) ମଧ୍ୟ ବାଲ୍ୟକାଳରୁ ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୁଦ୍ଧ ହୋଇ ସର୍ବଦା ଶାସ୍ତ୍ର ଆଲୋଚନା, ସାଧୁସଙ୍ଗ, ଭଜନ ଓ କୀର୍ତ୍ତନ କରିବାରେ ସମୟ ଅତିବାହିତ କରୁଥିଲେ ।

ସେ ସଂଗୀତ ସଂରଚନା କରିବା ସହ ସ୍ୱର ସଂଯୋଜନା ମଧ୍ୟ କରୁଥିଲେ । ଏହି ସମୟରେ ସେ ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ର ଯଥା ହାରମୋନିଅମ, ତାନପୁରା, ବେହେଲା, ବୀଣା, ବେଞ୍ଜୁ, ଏକତାରା, ବଂଶୀ, ମୃଦଙ୍ଗ, ଢୋଲକି, ପଖାଉଜ, ତବଲା, ଖଞ୍ଜଣୀ ଇତ୍ୟାଦି ବଜାଇବାରେ ସିଦ୍ଧହସ୍ତ ହୋଇଯାଇଥିଲେ ।

ମାମୁଁମାନେ ବଟକୃଷ୍ଣଙ୍କର ବୈରାଗ୍ୟଭାବ ଲକ୍ଷ୍ୟକରି କଲିକତାରେ ଥିବା ସେମାନଙ୍କର ବ୍ୟବସାୟ ସମ୍ଭାଳିବାକୁ ଛାଡିଥିଲେ ।

କିନ୍ତୁ ଯିଏ ସ୍ୱର୍ଗୀୟ ଏବଂ ଈଶ୍ୱରୀୟ ଚିନ୍ତାଧାରକୁ ପ୍ରତିଫଳିତ କରିବାକୁ ଜନ୍ମ ନେଇଛନ୍ତି ସେ ବା କିପରି ଏହି ସାଂସାରିକ ଭୋଗ ବିଳାସପୂର୍ଣ୍ଣ ଜୀବନଯାପନ କରି ପାରିବେ ? ତେଣୁ ଦିନକୁ ଦିନ ତାଙ୍କର ସଂସାରପ୍ରତି ବୈରାଗ୍ୟ ଭାବ ପ୍ରକଟ ହେବାରୁ ମାମୁଁମାନଙ୍କ ଅନୁମତି କ୍ରମେ ତୀର୍ଥାଟନରେ ସାରା ଭାରତ ଭ୍ରମଣ କରି ସାରି ତତ୍କାଳୀନ ପୂର୍ବବଙ୍ଗର କମାର୍ଜନୀ ବନ୍ଦର ନିକଟରେ ଥିବା ସାଧୁ ନିରଞ୍ଜନ ବ୍ରହ୍ମଚାରୀଙ୍କଠାରୁ ଦୀକ୍ଷା ଗ୍ରହଣ କରି ସନ୍ନ୍ୟାସୀଭାବେ ବୈକୁଣ୍ଠନାଥ ନାମରେ ଆତ୍ମପ୍ରକାଶ କଲେ ।



ଦୀକ୍ଷା ଗ୍ରହଣ ପରେ ଗୁରୁ ନିରଞ୍ଜନ ବ୍ରହ୍ମଚାରୀଙ୍କ ଉପଦେଶକ୍ରମେ ପୂର୍ବ ବଙ୍ଗରୁ ଫେରି କଟକ ଜିଲ୍ଲା ଟାଙ୍ଗୀ ଥାନା ନିକଟରେ ବହି ଯାଉଥିବା ପୁଣ୍ୟତୋୟା ବିରୂପା ନଦୀ କୂଳସ୍ଥ ଜଳୌକା ପାହାଡ଼ ମାଣିନାଗ ଗୁମ୍ଫାକୁ 'ଉଭା ଅମାବାସ୍ୟା' ଦିନ ପ୍ରବେଶ କରି ତପସ୍ୟାରେ ନିମଗ୍ନ ରହିଲେ ।

ସେଠାରୁ ସିଦ୍ଧି ଲାଭ କରି ଜନମାନସରେ ଦିବ୍ୟ ବାଣୀ, ଭଜନ, ଜଣାଣ, ଛାନ୍ଦ, ଚଉତିଶା-ହିନ୍ଦୀ, ବଙ୍ଗଳା ଏବଂ ଓଡ଼ିଆ ଭାଷା ମାଧ୍ୟମରେ ପରିପ୍ରକାଶ କରି ପ୍ରଚାର କଲେ ।

ତାଙ୍କ ଦ୍ୱାରା ପ୍ରଣୀତ 'ତ୍ରୟୋଦଶ ବାଣୀ' ସର୍ବଜନ ବିଦିତ ଏବଂ ଗ୍ରହଣୀୟ ମଧ୍ୟ । ପରେ ପରେ ସତ୍ୟସେବା ମଣ୍ଡଳମାନ ପ୍ରତିଷ୍ଠା କରି ତାଙ୍କର ଅମୃତ ବାଣୀକୁ ଭକ୍ତଜନଙ୍କୁ ପ୍ରଦାନ କଲେ ।

ଜଳୌକା ବ୍ୟତୀତ କେନ୍ଦ୍ରାପଡା ଜିଲ୍ଲାସ୍ଥ ଗରାପୁର ଗ୍ରାମରେ, ଜଗତସିଂହପୁର ଜିଲ୍ଲାସ୍ଥ ବେଲବଣ,ଢେଙ୍କାନାଳ ଜିଲ୍ଲାସ୍ଥ ମହୁଲପାଳ ଗ୍ରାମରେ ଏବଂ ଭୁବନେଶ୍ୱର ଠାରେ ଭକ୍ତମାନଙ୍କ ଅନୁରୋଧରେ ଆଶ୍ରମମାନ ପ୍ରତିଷ୍ଠା କରି ବର୍ଷର ବିଭିନ୍ନ ସମୟରେ ଅବସ୍ଥାନ କରି ସତସଙ୍ଗ ମାଧ୍ୟମରେ ଉପଦେଶମାନ ପ୍ରଦାନ କରି ସାଂସାରିକ ଦୁଃଖ କଷ୍ଟ ଲାଘବ କରିବାକୁ ସତତ ଚେଷ୍ଟିତ ଥିଲେ । ତାଙ୍କ ଜୀବନ କାଳ ମଧ୍ୟରେ ସେ ସାହସ୍ରାଧିକ ଭଜନ, ଜଣାଣ, କୀର୍ତ୍ତନ, ଛାନ୍ଦ, ଚଉତିଶା ସହିତ ଦିବ୍ୟ ଅମୃତବାଣୀ ବିଭିନ୍ନ ଭାଷାରେ ରଚନା କରିଯାଇଛନ୍ତି ଯାହାକି ୧୯୬୦ ମସିହାରୁ ଆଜି ପର୍ଯ୍ୟନ୍ତ କଟକ ଆକାଶବାଣୀ ଏବଂ ଦୂରଦର୍ଶନ କେନ୍ଦ୍ରରୁ ପ୍ରାୟ ପ୍ରତିଦିନ ପ୍ରସାରିତ ହୋଇଆସୁଛି । ଓଡିଶାର ବହୁ ସ୍ୱନାମଧନ୍ୟ ସଂଗୀତଜ୍ଞ ବାବାଙ୍କର ସାନ୍ନିଧ ଲାଭ କରିବା ସହ ବାବାଙ୍କ ରଚିତ ଭଜନ ଗାନ କରିଛନ୍ତି । ବାବାଙ୍କ ଅମୂଲ୍ୟ ରଚନାଗୁଡିକ ବୈକୁଣ୍ଠ ରଚନାବଳୀରେ ସଂଗୃହୀତ ହୋଇ ରହିଛି ।

ଆଜି 'ଉଭା ଅମାବାସ୍ୟା' ତିଥିରେ ସେହି ମହାନ ପ୍ରଜ୍ଞା ପୁରୁଷ ସନ୍ଥବ୍ରହ୍ମଙ୍କର ୨୫ ତମ ଦିବ୍ୟଧାମ ଗମନ ଦିବସ ତଥା ସ୍ମରଣ ମହୋତ୍ସବ ପାଳନ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସଂସାରର ମଙ୍ଗଳ ପାଇଁ ଆମେମାନେ ପ୍ରାର୍ଥନା କରୁଛୁଁ ।

**ମୋ- ୯୪୩୭୨୮୭୯୨୨**

# ଦୈନନ୍ଦିନ ଜୀବନରେ ଯୋଗ

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଯୋଗ ଏକ ସୁଅଭ୍ୟାସ ବା ସାଧନା । କୁରୁକ୍ଷେତ୍ର ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ଶିଷ୍ୟ ଅର୍ଜୁନଙ୍କୁ ଯୋଗର ୧୮ ଅଧ୍ୟାୟ ବୁଝାଇ ନଥାନ୍ତେ । ଯେଉଁ ଯୋଗ ଯୁଦ୍ଧ କ୍ଷେତ୍ରରେ ଆବଶ୍ୟକ ହେଉଛି, ଦୈନନ୍ଦିନ ଜୀବନରେ ତାର ଆବଶ୍ୟକତା ନାହିଁ କେମିତି? ଅନେକ ଲୋକ ଯୋଗ ଉପରେ ବଡ଼ ବଡ଼ ଶୁଷ୍କ ଭାଷଣ ଦିଅନ୍ତି, ଅନେକ ଲୋକ ଯୋଗ ବିଷୟରେ ପଢ଼ନ୍ତି, ଶୁଣନ୍ତି, ସାଧନା ବି କରନ୍ତି । କିନ୍ତୁ ଏପରି କେତେକ ଲୋକ ଅଛନ୍ତି, ଯୋଗକୁ ଜୀବନଯାପନର କଳା ମନେକରି ଦୈନନ୍ଦିନ ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ ହିଁ ତାର ପ୍ରୟୋଗ କରନ୍ତି । ସତ କହିଲେ, ଏହିମାନେ ହିଁ ପ୍ରକୃତ ଯୋଗୀ । ଯୋଗ ଏମିତି ଏକ ବିଦ୍ୟା ଦୈନନ୍ଦିନ ଜୀବନରେ ପ୍ରତିଟି ମୁହୂର୍ତ୍ତରେ ହିଁ ତାର ଆବଶ୍ୟକତା ଅଛି । ଶ୍ରୀମଦ୍ ଭଗବଦ ଗୀତାର ଯୋଗ ତ ଏଇଠାରୁ ଆରମ୍ଭ ହୋଇଛି । ସାଂସାରିକ ଜୀବନ ବିତାଉଥିବା ମୋହଗ୍ରସ୍ତ ଅର୍ଜୁନ ଯେତେବେଳେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କୁ କହିଲେ - *'କାର୍ପଣ୍ୟ ଦୋଷୋପହତ ସ୍ୱଭାବଃ, ପୃଚ୍ଛାମି ତ୍ୱାଂ ଧର୍ମ ସଂମୂଢ଼ଚେତାଃ। ଯେଚ୍ଛେୟଃ ସ୍ୟାନ୍ନିଶ୍ଚିତଂ ବ୍ରୁହିତନ୍ମେ, ଶିଷ୍ୟସ୍ତେହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ । '* ଅର୍ଥାତ୍ ହେ ପ୍ରଭୁ! ମୋ ହୃଦୟ ଦୁର୍ବଳତାରେ ବଶୀଭୂତ ହୋଇଯାଇଛି। ମୋ ମନ କର୍ତ୍ତବ୍ୟ ବିଷୟରେ ଭ୍ରାନ୍ତ ହୋଇଯାଇଛି। ମୁଁ ଆପଣଙ୍କୁ ପଚାରୁଛି, ମୋ ପକ୍ଷରେ କ'ଣ ଶ୍ରେୟ, ତାହା ନିଶ୍ଚିତ ରୂପେ ବୁଝାଇ ଦିଅନ୍ତୁ । ଭଗବାନ ସେତେବେଳେ ତାଙ୍କୁ କହିଲେ- 'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ। ଅହଂ ତ୍ୱା ସର୍ବପାପୋଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। ।' ଅର୍ଥାତ୍ ହେ ଅର୍ଜୁନ! ସମସ୍ତ ଦେହଧର୍ମ ତ୍ୟାଗ କରି ତୁମେ କେବଳ ମୋର ଶରଣ ନିଅ। ମୁଁ ତୁମକୁ ସବୁ ପାପରୁ ମୁକ୍ତ କରିଦେବି । ତୁମେ ଶୋକ କରନାହିଁ । ମୋର ଶରଣ ନିଅ, ଅର୍ଥାତ୍ ନିଜକୁ ଦେହ, ପ୍ରାଣ, ମନ ନ ଭାବି ଆତ୍ମା ବୋଲି ଭାବି ତାହାରି ଶରଣ ନିଅ । ଭଗବାନ କଥା ଅର୍ଜୁନ ବୁଝିଗଲେ । ସେ ନିଜ ଜୀବନରଥର ସଞ୍ଚାଳନ ଦାୟିତ୍ୱ ଭଗବାନଙ୍କ ଉପରେ ନ୍ୟସ୍ତ କରିଦେଲେ । ନିଜ ଭିତରେ ଥିବା କାମ, କ୍ରୋଧ, ଲୋଭ ଆଦି ମନ୍ଦଗୁଣ ସହିତ, ଅବିଦ୍ୟା ସହିତ ସଂଘର୍ଷ କରିବାକୁ ଲାଗିଲେ । ଏହିଭଳି ସଂଘର୍ଷ କରି ସେ ଜଣେ ମହାନ ଯୋଦ୍ଧା ବା ଯୋଗୀରେ ପରିଣତ ହେଲେ । ଏଥରୁ ଆମର ଅନେକ କିଛି ଶିକ୍ଷା କରିବାର ଅଛି ।

ନିଜର ସ୍ୱରୂପ ଭୁଲିଯାଇଥିବା ବ୍ୟକ୍ତି ହିଁ ନିଜକୁ ଦୁର୍ବଳ ମନେକରି ଭୟଭୀତ ହୋଇଥାଏ । ଜଣେ ଯେତେବେଳେ ନିଜର ସ୍ୱରୂପକୁ ଜାଣିଯାଏ, ନିଜର ପ୍ରଯତ୍ନ ଓ ପୁରୁଷାର୍ଥ ଉପରେ ବିଶ୍ୱାସ ରଖି କାର୍ଯ୍ୟ କରିଯାଏ, ସେ ଦିନେ ନିଶ୍ଚିତ ରୂପେ ସଫଳ ହୁଏ । ଆମ ଭିତରେ ଯେତେ ଦୋଷ ଦୁର୍ବଳତା ମନ୍ଦ ଗୁଣ ଥିଲେ ବି ଆମେ ଯଦି ପ୍ରଯତ୍ନ କରିବା, ତେବେ ଅର୍ଜୁନଙ୍କ ପରି ଯୋଗୀଟିଏ ହୋଇପାରିବା। ଏଥିରେ ସନ୍ଦେହର ଅବକାଶ ନାହିଁ। ତେବେ ଖାଲି ପ୍ରଯତ୍ନ ପୁରୁଷାର୍ଥରେ କାମ ହୁଏନା, ପରମ ଗୁରୁ ଭଗବାନଙ୍କ କୃପା ଆମ ଉପରେ ଥିବା ଆବଶ୍ୟକ । ଏ ସମ୍ପର୍କରେ କଠୋପନିଷଦ କହନ୍ତି ଈଶ୍ୱର ଯାହାଙ୍କ ପ୍ରତି କୃପା କରନ୍ତି, ସେହି ବ୍ୟକ୍ତି ହିଁ ପରମାତ୍ମାଙ୍କୁ ଲାଭ କରିପାରନ୍ତି। ଈଶ୍ୱରଙ୍କ କୃପା ସେହି ବ୍ୟକ୍ତିକୁ ମିଳେ, ଯିଏ ନିଜର ଦିନଚର୍ଯ୍ୟାରେ ନିୟମବଦ୍ଧ ହୁଏ । ଈଶ୍ୱରୀୟ ନିୟମରେ ଜୀବନ ନିର୍ବାହ କରେ । ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ କରିବାକୁ ପୁରୁଷାର୍ଥ କରେ ।

**କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,ମୋ-୯୪୩୮୨୭୬୭୬୦**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଟ୍ରମ୍ପଙ୍କ...

ଆଣବିକ ବୈଜ୍ଞାନିକ ଅଛନ୍ତି। ସେହିଭଳି ଇରାନର ଇସ୍ରାଏଲ ଉପରେ ଆକ୍ରମଣ ପରେ ୭ ଜଣଙ୍କର ମୃତ୍ୟୁ ଘଟିଛି। ଇରାନର ମିଶାଇଲ ଏକ ଆବାସିକ କମ୍ପ୍ଲେକ୍ସରେ ମାଡ କରିଥିଲା। ସ୍ଥାନୀୟ ସମୟ ୭.୩୦ରୁ ଯୁଦ୍ଧ ବିରତି ହେବ ବୋଲି ଇରାନ ଟେଲିଭିଜନରେ ପ୍ରକାଶ ପାଇଛି। କିଛିଘଣ୍ଟା ପୂର୍ବରୁ ଇରାନର ପ୍ରମୁଖ କୁଟନୀତିଜ୍ଞମାନେ କହିଥିଲେ ଯେ ଆମେ ଏୟାର ଷ୍ଟ୍ରାଇକ୍ ବର୍ତ୍ତମାନ ବନ୍ଦ କରିବାକୁ ଯାଉଛୁ। କିନ୍ତୁ ବର୍ତ୍ତମାନ ସୁଦ୍ଧା ସାମରିକ ଅପରେସନ୍ ବନ୍ଦ ନେଇ କୌଣସି ଚୁକ୍ତି ହୋଇନଥିବା ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଇସ୍ରାଏଲ ପ୍ରଥମେ ବେଆଇନ୍ ଭାବେ ଇରାନୀୟଙ୍କ ଉପରେ ଯେଉଁ ଆକ୍ରମଣ କରୁଛି ତାକୁ ବନ୍ଦ କରୁ। ଆମର ଆକ୍ରମଣ କରିବାର କୌଣସି ଉଦ୍ଦେଶ୍ୟ ନାହିଁ। ତେବେ ସାମରିକ ଅପରେସନ୍ ବନ୍ଦ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ପରେ ଗ୍ରହଣ କରାଯିବ। ଟ୍ରମ୍ପଙ୍କ ଯୁଦ୍ଧ ବିରତି ପ୍ରସ୍ତାବ ସେତେବେଳେ ଆସିଥିଲା ଯେତେବେଳେ ଇରାନ ପକ୍ଷରୁ ଆମେରିକାର କତାରରେ ଥିବା ସାମରିକ ଘାଟି ଉପରେ ଆକ୍ରମଣ ହୋଇଥିଲା। ତେବେ ଉଭୟ ଦେଶ ଯୁଦ୍ଧ ବିରତି ଉଲ୍ଲଂଘନ କରିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ସେ କହିଛନ୍ତି ଯେ ଦୁଇ ଦେଶ ଏବେ ଲଢ଼ିବାକୁ ଚାହୁଁଛନ୍ତି। ମାତ୍ର ସେମାନେ ଜାଣିନାହାନ୍ତି ଏହାର ଫଳ କ'ଣ ହେବ। ଇରାନ ଓ ଇସ୍ରାଏଲ ଉଭୟେ ଯୁଦ୍ଧ ବିରତିକୁ ଉଲ୍ଲଂଘନ କରିଛନ୍ତି। ମୁଁ ଏମାନଙ୍କ ଉପରେ ଖୁସି ନୁହଁ। ଇରାନ ଉପରେ ଖୁସି ନଥିବାବେଳେ ବାସ୍ତବିକ ପକ୍ଷେ ଇସ୍ରାଏଲ ଉପରେ ଅତ୍ୟନ୍ତ ଅସୁଖି ଅଛି। ଇସ୍ରାଏଲ ଚୁପ୍ ହୋଇ ବସୁ ବୋଲି ମୁଁ ଚାହୁଁଛି। ତେଣୁ ଯେତେବେଳେ ନିଷ୍ପତ୍ତି ହୋଇଛି ପାଇଲଟମାନେ ଘରକୁ ଫେରି ଆସିବା ଦରକାର ଓ ଅସ୍ତ୍ରଶସ୍ତ୍ର ବୋଝେଇ ବିମାନଗୁଡ଼ିକ ରହିବା ଦରକାର। ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମେ ଇରାନ ଉପରେ ପୁଣି ଆକ୍ରମଣ କରିବୁ। ତେବେ ରାଷ୍ଟ୍ରପତି ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତ୍ୟାନାହୁଙ୍କ ସହ ଆଲୋଚନା କରି ଆକ୍ରମଣ ବନ୍ଦ କରିବାକୁ ଉଲ୍ଲେଖ କରିଛନ୍ତି। ଟ୍ରମ୍ପ କହିବାର କିଛି ସମୟ ପରେ ଆକ୍ରମଣ ହୋଇଥିଲା। ଇରାନର ମିଶାଇଲ ଆକ୍ରମଣରେ ଇସ୍ରାଏଲର ବହୁ କ୍ଷତି ହୋଇଛି। ଇସ୍ରାଏଲ ସରକାରଙ୍କ ନୀତି ଅନୁଯାୟୀ ସେମାନେ ମଧ୍ୟ ଏହାର ଜବାବ ଦେଇଛନ୍ତି। ତେବେ ଶେଷରେ ଉଭୟେ ଦେଶ ଅସ୍ତ୍ର ବିରତି ଲାଗି ରାଜି ହୋଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ...

ଓଡିଶା ଭିଜନ ୨୦୩୬ ଓ ୨୦୪୭ ପ୍ରଦାନ କରିଥିଲେ । ସମୃଦ୍ଧ ଓଡିଶା ଗଠନ ପାଇଁ ସରକାରଙ୍କ ରୋଡମ୍ୟାପ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ ।

ରାଜ୍ୟପାଳ ଶ୍ରୀ କମ୍ଭମପାଟି କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନର ନେତୃତ୍ୱ ନେଇ ପ୍ରଥମ ବର୍ଷରେ ଅନେକ ଲୋକାଭିମୁଖୀ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ରାଜ୍ୟର ଅନେକ ବିକାଶମୂଳକ ଯୋଜନା ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।

## ଗୋଷ୍ଠୀ...

କରିଛି। କହିବାକୁ ଗଲେ, ମଙ୍ଗଳବାର ଶାନ୍ତିପ୍ରିୟ ବାରିପଦା ସହର ଅଶାନ୍ତ ହୋଇପଡିଛି। ସବୁଠାରୁ ପରିତାପର ବିଷୟ ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଞ୍ଚଳରେ ଜଣେ ମଦ ଦୋକାନୀ କର୍ମଚାରୀଙ୍କ ଠାରୁ ଟଙ୍କା ଲୁଟ୍ ଉଦ୍ୟମ ଓ ଯୁବକଙ୍କୁ ଗୁଳିମାଡ କରି ଲହୁଲୁହାଣ କରି ଦୁର୍ବୃତ୍ତ ମାନେ ଫେରାର ହେବା ଘଟଣାର ୨୪ଘଣ୍ଟା ନପୁରୁଣୁ ଉକ୍ତ ଅଞ୍ଚଳରେ ବ୍ୟାଙ୍କ ଡକାୟତି ହେବା ଘଟଣା ସମଗ୍ର ପୋଲିସ ପ୍ରଶାସନର ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ ତଥା ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା କୁଚେଇ ସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କରେ ୬ଜଣ ଦୁର୍ବୃତ୍ତ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ବ୍ୟାଙ୍କରୁ ୮ ଲକ୍ଷରୁ ଉର୍ଦ୍ଧ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଚମ୍ପଟ ମାରିବା ପୂର୍ବରୁ ବ୍ୟାଙ୍କର ମୁଖ୍ୟ ଦ୍ୱାରକୁ ତାଲା ପକାଇ ଦେଇଥିଲେ। ପୋଲିସ ଦୁର୍ବୃତ୍ତଙ୍କ ଟେର ନପାଇବା ଘଟଣା ସମସ୍ତଙ୍କୁ ଚକିତ୍ କରିଛି। ସେହିପରି ବାରିପଦା ଟାଉନଥାନା ଅନ୍ତର୍ଗତ କାଳିକାପୁର ଅଞ୍ଚଳରେ ପୂର୍ବ ଶତ୍ରୁତାକୁ ନେଇ ଦିନଦ୍ୱିପ୍ରହରରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ମାରଣାସ୍ତ୍ର ବୁଲିବା, ହଣାକଟା ହେବା ଓ ଗୁଳିମାଡ ଘଟଣା ସମଗ୍ର ସହରକୁ ଅଶାନ୍ତ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜାନ ପ୍ରକାଶ ପାଇଛି। ଏହି ଗୋଷ୍ଠୀ ସଂଘର୍ଷରେ କାଳିକାପୁର ଅଞ୍ଚଳର ମା' ସାବିତ୍ରୀ ଘଡେଇ ଓ ପୁଅ ରାଜୁ ଘଡେଇ ଏବଂ ଶୂନଗଡିଆ ଅଞ୍ଚଳର ଦୁଇଭାଇ ଆକାଶ ମୁଖୀ ଓ କୁନ୍ଦନ ମୁଖୀ ଲହୁଲୁହାଣ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଥିବାବେଳେ ଗୁଳି ମାଡରେ ଆହତ ହୋଇଥିବା ରାଜୁ ଘଡେଇଙ୍କ ଚିକିତ୍ସା ସମୟରେ ମୃତ୍ୟୁ ହୋଇଛି । ଗୁରୁତର ଥିବା ସାବିତ୍ରୀ, ଆକାଶ ଓ କୁନ୍ଦନଙ୍କୁ ଚିକିତ୍ସା ପାଇଁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଏହି ଘଟଣା, ଦୁଇଟି ପୃଥକ ସ୍ଥାନରେ ଘଟିଥିବାବେଳେ ଉକ୍ତ ସ୍ଥାନରେ ପୋଲିସ ପ୍ରଶାସନ ପହଞ୍ଚି ଘଟଣାର ଛାନଭିନ୍ନ କରିଥିଲେ। କିନ୍ତୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଯୁବକଙ୍କ ମୃତ୍ୟୁ ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାକୁ ପ୍ରସମିତ କରିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଡିଆଇଜି ସତ୍ୟଜିତ୍ ନାଏକ ଓ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ସହ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ଗୋଷ୍ଠୀ ସଂଘର୍ଷରେ ସମ୍ପୃକ୍ତ ଥିବା କିଛି ଦୁର୍ବୃତ୍ତଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ କରାଯାଉଥିବା ପୋଲିସ ସୁତ୍ରରୁ ପ୍ରକାଶ। ସବୁଠାରୁ ସମ୍ବେଦନଶୀଳ ବିଷୟ ଯେ, ବିଭିନ୍ନ ସମୟରେ ସହର ତଥା ଆଖପାଖ ଅଞ୍ଚଳରେ କଥା କଥାକେ ବନ୍ଧୁକ ବାହାରିବା ଘଟଣା । ଯାହାକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଥିବାବେଳେ ସହର ମଧ୍ୟକୁ ବନ୍ଧୁକ କିପରି ଆସୁଛି ଏହି ଘଟଣାର ଖୋଳତାଡ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଆଉ କିଛିଦିନ ପରେ ବାରିପଦା ସହରରେ ପ୍ରସିଦ୍ଧ ରଥଯାତ୍ରା ଥିବାବେଳେ ଓ ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାବେଳେ ଲୋକଙ୍କ ସୁରକ୍ଷାକୁ ନେଇ କିପରି ପ୍ରାଥମିକତା ଦିଆଯିବ, ସେନେଇ ପୋଲିସ ପାଇଁ ବଡ ଚ୍ୟାଲେଞ୍ଜର ବିଷୟ ପାଲଟିଛି।

## ଆଠଗଡରେ...

ହେବା ପରେ କାର୍ଯ୍ୟାଳୟ ସମ୍ମୁଖ ରଣକ୍ଷେତ୍ର ପାଲଟି ଯାଇଥିଲା । ପୋଲିସ ପକ୍ଷରୁ ଉଭୟ ପକ୍ଷ ଙ୍କୁ ବୁଝାସୁଝା କରିବା ପରେ ମଧ୍ୟ ଉତ୍ତେଜନା ପ୍ରଶମିତ ନ ହେବାରୁ ଘଟଣା ସ୍ଥଳରେ ୧୬୩ ଜାରି କରା ଯାଇଥିଲା । ଏହା ପରେ ବି ପରିସ୍ଥିତି ଅଣାୟତ୍ତ ହେବାରୁ ଉଭୟ ପକ୍ଷ ଙ୍କୁ ଘଉଡାଇବା ପାଇଁ ପୋଲିସ ପକ୍ଷରୁ ଲାଠି ଚାଳନା କରାଯାଇଥିଲା । ଢେଲାପଥର ମାଡ଼ରେ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତି, ସବ୍ ଇନ୍ସପେକ୍ଟର ବିଶ୍ୱଜିତ ଜେନାଙ୍କ ସମେତ ୪ ଜଣ ସୁରକ୍ଷା କର୍ମୀ ଆହତ ହୋଇ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ପରେ ଅଧିକ ଚିକିତ୍ସା ପାଇଁ କଟକ ପଠାଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି । କାର୍ଯ୍ୟାନୁଷ୍ଠାନ ବେଳେ ପୋଲିସ ପକ୍ଷରୁ ଶତାଧିକ ବିଜେଡି ଏବଂ ବିଜେପି କର୍ମୀଙ୍କୁ ଗିରଫରି ନିଜ ହେପାଜତକୁ ନେଇଛି ।

## ରାହୁଲଙ୍କୁ...

ନିର୍ବାଚନ କମିଶନ ଏହାକୁ ମନା କରିଦେଇଥିଲେ। କମିଶନ ଉଲ୍ଲେଖ କରିଥିଲେ ଯେ ନିର୍ବାଚନ କମିଶନ ନିର୍ବାଚନ ଆଇନ୍ ଯାହାକି ସଂସଦରେ ପାରିତ ହୋଇଛି ତଦନୁଯାୟୀ କାର୍ଯ୍ୟ କରୁଛନ୍ତି। ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରରେ ନିର୍ବାଚନ ବିକେନ୍ଦ୍ରୀକରଣ କରାଯାଇଛି। ମହାରାଷ୍ଟ୍ରରେ ୧ ଲକ୍ଷ ୧୮୬ ବୁଥ୍ ସ୍ତରୀୟ ଅଫିସର, ୨୮୮ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର, ୧୩୯ ସାଧାରଣ ପର୍ଯ୍ୟବେକ୍ଷକ, ୪୧ ପୋଲିସ ପର୍ଯ୍ୟବେକ୍ଷକ, ୭୧ ବ୍ୟୟ ପର୍ଯ୍ୟବେକ୍ଷକ ଓ ୨୮୮ ଜଣ ରିଟର୍ଣ୍ଣିଂ ଅଫିସର ମନୋନୀତ ଥିଲେ। ନିର୍ବାଚନ ପରିଚାଳନା ନେଇ ଯାହା ଉଠିଛି କଂଗ୍ରେସ ପ୍ରାର୍ଥୀମାନେ କୋର୍ଟରେ ଦାଖଲ କରିପାରିଥାନ୍ତେ। ସେମାନଙ୍କର ଏହି ଅଧିକାର ରହିଛି। ଯଦି ଏବେବି ଆପଣଙ୍କ ପାଖରେ ଏହି ପ୍ରସଙ୍ଗ ରହିଛି ତେବେ ନିର୍ବାଚନ କମିଶନଙ୍କୁ ଲେଖନ୍ତୁ ଓ ବ୍ୟକ୍ତିଗତ ଭାବେ ଭେଟନ୍ତୁ। ସବୁ ପ୍ରସଙ୍ଗରେ ଆଲୋଚନା ହେବ। କଂଗ୍ରେସ ନେତା ପ୍ରବୀଣ ଚକ୍ରବର୍ତ୍ତୀ କହିଛନ୍ତି ଯେ ଦିନେ ଦୁଇଦିନ ମଧ୍ୟରେ କଂଗ୍ରେସ ସଠିକ୍ ଉତ୍ତର ଦେବ। ନିର୍ବାଚନ କମିଶନଙ୍କ ସଚିବାଳୟ ପକ୍ଷରୁ ବିରୋଧୀ ଦଳ ନେତାଙ୍କୁ ଏହି ଚିଠି ଆସିଛି। ଏହି ଚିଠିକୁ ଦଳୀୟ କାର୍ଯ୍ୟାଳୟ ମଧ୍ୟ ଗ୍ରହଣ କରିଛି। ଇଗଲ କମିଟିର ବୁଧବାର ବୈଠକ ବସିବ ଓ ଗଣମାଧ୍ୟମକୁ ସୂଚନା ଦିଆଯିବ।

## ରାଜରାସ୍ତାରେ...

ମୌସୁମୀ ବର୍ଷା ମାଡ଼ି ଆସିଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି । ମଣ୍ଡିରେ ପଡ଼ିଥିବା ଧାନ ତଳିଆ ବର୍ଷା ପାଣିରେ ଧାନ ବସ୍ତା ଭିଜି ଗଜା ହୋଇ ଗଲାଣି । ତଥାପି ଚାଷୀଙ୍କ ଧାନ ଉଠାଯାଉନାହିଁ । ଟୋକନ ବ୍ୟବସ୍ଥାରେ ଲାଭ ହେବାକୁ ଥିବା ଚାଷୀଙ୍କ ଗୋଟିଏ ସପ୍ତାହ ପାଇଁ ବଢ଼ାଯାଇଛି । ହେଲେ ଗତ ମାସେ ହେଲା ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷାରେ ଥିବା ବେଳେ ତାଙ୍କ ଧାନ ଉଠାଯାଇ ପାରି ନାହିଁ । ଆଜି ଚାଷୀ ମାନେ ଏକ ଖବରକୁ ନେଇ ଗୋଡଭଗା ମାର୍କେଟୟାର୍ଡ ସମ୍ମୁଖରେ ରାସ୍ତାରୋକ କରିଥିଲେ । ବରଗଡ଼ ଜିଲ୍ଲାର ଲହଣ୍ଡା, ଜଙ୍ଗେଡ ଓ ପାହାଡ ଶ୍ରିଗିଡା ମାର୍କେଟ ଇଞ୍ଚାର୍ଜ୍ ମାନଙ୍କ ଠାରୁ ଚାଷୀମାନେ ଜାଣିବାକୁ ପାଇଲେ ଯେ, କୌଣସି ଚାଷୀ ଠାରୁ ଶତ ପ୍ରତିଶତ ଧାନ କିଣାଯିବ ନାହିଁ ୭୦ ପ୍ରତିଶତ କିଣାଯିବ । ତାକୁ ଭିତ୍ତି କରି ଗୋଡ଼ଭଗା ମାର୍କେଟୟାର୍ଡ କୁ ୪.୩୦ ସମୟରେ ଆସି ରାଜ ରାସ୍ତାରେ ଧାନ ସହ ଟ୍ରାକଟର ରଖି ରାସ୍ତାରୋକ କରିଥିଲେ । ଏଠାରେ ଉଲ୍ଲେଖନୀୟ ଘଟଣା ଏହା ଯେ ଏ ଗୁଜବ କଲା କିଏ ? ରାସ୍ତା ରୋକରେ ଚାଷୀ ମାନଙ୍କ ସହ ଗୋଡଭଗା ଆଖ ପାଖ ଅଞ୍ଚଳର ନେତା ମାନେ ଥିବା ଦେଖିବାକୁ ମିଳିଥିଲା । ଏହି ଗୁଜବ ବାବଦରେ ଉପ ଜିଲ୍ଲାପାଳ ତଥା ଅତାବିରା ନିୟନ୍ତ୍ରିତ ବଜାର କମିଟିର ସଭାପତି ପ୍ରସନ୍ନ କୁମାର ପାଣ୍ଡେଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସରକାରୀ ସ୍ତରରୁ ଏପରି କୌଣସି ନିର୍ଦ୍ଦେଶ ଆସିନାହିଁ ।ଏହା ସମ୍ପୂର୍ଣ୍ଣ ଭାବେ ଗୁଜବ , ଆଉ ଚାଷୀ ମାନଙ୍କୁ ଯେଉଁମାନେ ଏହି କଥା କହିଛନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ପ୍ରାୟ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ରାସ୍ତା ରୋକ ଯୋଗୁଁ ସମ୍ବଲପୁର ବରଗଡ଼ ରାସ୍ତା ଜାମ ହୋଇଯାଇଥିଲା । ପ୍ରାୟ ୮ ଟା ସମୟରେ ରାସ୍ତାରୋକ ଉଠିଥିଲା । ଉପଜିଲ୍ଲାପାଳଙ୍କ କହିବା ଅନୁଯାୟୀ ଆସନ୍ତା ୩୦ ତାରିଖ ସୁଦ୍ଧା ମାର୍କେଟ ଭିତରେ ଯେତିକି ଧାନ ଅଛି ସବୁକୁ ନିଶ୍ଚିତ ଭାବେ ସରକାର କିଣିବେ । ଚାଷୀଙ୍କ ସହ ଆଲୋଚନା ପାଇଁ ଉପ ଜିଲ୍ଲାପାଳ ଶ୍ରୀ ପାଣ୍ଡେଙ୍କ ସହ ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା, ଡେପୁଟି କଲେକ୍ଟର ମଦନ ପଣ୍ଡା ତଥା ପୋଲିସ ପ୍ରଶାସନ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ୩୦ ତାରିଖ ସୁଦ୍ଧା ଟୋକନ ଥିବା ସମସ୍ତ ଚାଷୀଙ୍କ ଧାନ କିଣାଯିବ ବୋଲି ଉପ ଜିଲ୍ଲାପାଳ ନିର୍ଭର ପ୍ରତିଶୃତି ଦେବାପରେ ସାଢ଼େ ୭ଟାରେ ଚାଷୀଙ୍କ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର

ଊପଦା ,(ସବ୍ୟୁ) : ସୋମବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶି ମୟୂର ବିକାଶ ଏବଂ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂହ ,ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଡ. ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରି ଡ଼ା ପ୍ରଭାତ କୁମାର ବେହେରା, ପ୍ରମୁଖଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଊପଦା ବ୍ଲକ ଅଧିନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତରୁ ୫୮ ଜଣ ଅଭିଯୋଗକାରୀ ନିଜ ନିଜର ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରି ଥିଲେ । ଏଥିରେ ୫୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା,ପି. ଏମ.ଆବାସ ଗୃହ ଯୋଜନା ରାସନ କାର୍ଡ,ସ୍ୱାସ୍ଥ୍ୟ,ବିଦ୍ୟୁତ୍, ରାସ୍ତା,ପାନୀୟ ଜଳ,ଡ୍ରେନେଜ୍, ଦିବ୍ୟଙ୍ଗ ଭତ୍ତା ,ଆଇନ ସମ୍ପର୍କିତ ହୋଇଥିବା ବେଳେ ୮ ଗୋଟି ସାମୁହିକ ଅଭିଯୋଗ ମିଳିଥିଲା । ଉକ୍ତ ଶିବିରରେ ୯ ଗୋଟି ଅଭିଯୋଗର ତତକାଳ ଫୈଶିଲା କରାଯାଇଥିଲା ।

# ହନୁମାନ ମନ୍ଦିର ଓ ଔଷଧ ଦୋକାନରୁ ସିରିଜ ଚୋରି

ନୀଳଗିରି,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ଦକ୍ଷିଣନରସିଂହପୁର ପଞ୍ଚାୟତ ଖଡ଼ିପଦା ଗ୍ରାମରେ ଥିବା ହନୁମାନ ମନ୍ଦିରରୁ ଲୁଟ୍ ହୋଇଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ସୋମବାର ରାତିରେ କିଛି ଲୁଟେରା ମନ୍ଦିରରୁ ଠାକୁରଙ୍କ ସୁନାଗହଣା ଓ ଦାନବାକ୍ସ ଲୁଟି ନେଇଥିବା ବେଳେ ପାଖପଡ଼ିଆରେ ଦାନବାକ୍ସଟିକୁ ଭାଙ୍ଗି ଫୋପାଡି ଦେଇଥିଲେ ।ମଙ୍ଗଳବାର ସକାଳେ କିଛି ଗ୍ରାମବାସୀ ମନ୍ଦିର ଚାବିଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ । ପରେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି । ଅନୁରୂପ ଭାବେ ସେହିଦିନ ବିଳମ୍ବିତ ରାତିରେ ନୀଳଗିରି କଚେରୀ ବଜାର ଦୁର୍ଗାମନ୍ଦିର ସନ୍ନିକଟ ରଘୁନାଥ ମେଡ଼ିସିନ ଷ୍ଟୋରର ସ୍କାଏଲାଇଟ ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନରେ ଥିବା କ୍ୟାସବାକ୍ସ ଭାଙ୍ଗି ନଗଦ ୪୫ହଜାର ଟଙ୍କା ନେଇଯାଇଥିବା ମେଡିସିନଷ୍ଟୋର ମାଲିକ ଭଗିରଥ ଷଡ଼ଙ୍ଗୀ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ତେବେ ପ୍ରତ୍ୟେକ ରାତିରେ ପୋଲିସର ପେଟ୍ରୋଲିଂ ଚାଲିଥିବା ବେଳେ ବାରମ୍ବାର ଏଭଳି ଚୋରୀହେବା ଘଟଣା ନେଇ ଅଞ୍ଚଳବାସୀ ଉଦବେଗ ପ୍ରକାଶ କରିଛନ୍ତି ।ଅପରପକ୍ଷେ ବାରମ୍ବାର ଚୋରିକୁ ନେଇ ଦୋକାନୀମାନଙ୍କ ମନରେ ଭୟ ସୃଷ୍ଟିହୋଇଛି ।

# ଶିବ ମନ୍ଦିରରୁ ଚୋରି

ସୋର, (ସବ୍ୟୁ) :ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମରେ ଥିବା ଶିବ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡିଛି । ସୁଚନା ଅନୁସାରେ ଦୟାନିଧିପୁର ଗ୍ରାମରେ ଥିବା ଶିବ ମନ୍ଦିରର ପୁଜାରୀ ବିଦ୍ୟାଧର ଦାଶ ଆଜି ସକାଳେ ପୂଜା କରିବା ପାଇଁ ଆସିବା ପରେ ମନ୍ଦିରର ଚାବି ଭଙ୍ଗାଯାଇ ୮ କିଲୋରୁ ଅଧିକ ଓଜନର ଦୁଇଟି ପିତ୍ତଳ ନାଗ,ପିତ୍ତଳ ବାଲଫି ସମେତ ୮ ଟି ସୁନା ଚିତା ଓ ପୂଜାରେ ବ୍ୟବହୃତ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇ ମନ୍ଦର କମିଟିକୁ ଜଣାଇଥିଲେ । ମାତ୍ର ସୋରରେ ଦିନକୁ ଦିନ ଚୋର ମାନଙ୍କ ପ୍ରାଦୁର୍ଭାବ ବଢୁଥିବା ବେଳେ ପୁଲିସର ନିଷ୍କ୍ରିୟତା ପାଇଁ କମିଟି ପକ୍ଷରୁ ସୋର ଥାନାରେ କୌଣସି ଅଭିଯୋଗ ଦିଆଯାଇନଥିବା ମନ୍ଦିର କମିଟିର ସଭାପତି ପ୍ରଶାନ୍ତ ରାଉତ ଅସନ୍ତୋଷ ପ୍ରକାଶ କରିଛନ୍ତି । ସୋର ପୁଲିସର ନଷ୍କ୍ରିୟତା ପାଇଁ ପ୍ରତିଦିନ ଚୋରି ହେଉଥିବା ବେଳେ ପୁଲିସ ପକ୍ଷରୁ ନିରବତା ପାଇଁ ଲୋକେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଚୋର ମାନଙ୍କୁ ସାବାଡ କରିବା ସହିତ ଲୋକ ମାନଙ୍କୁ ସୁରକ୍ଷା ଦେବାକୁ ସାଧାରଣରେ ଦାବି ହୋଇଛି ।

# ପାଣିରେ ବୁଡି ଜଣେ ମୃତ

ବେତନଟୀ ,(ସବ୍ୟୁ) : ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମର ଉଲଡିହ ଗ୍ରାମରେ ମଙ୍ଗଳବାରି ସକାଳେ ଗ୍ରାମ ନିକଟସ୍ଥ ପୋଖରୀରୁ ଏକ ଶବ ଉଦ୍ଧାର କରିଛି । ଉଦ୍ଧାର ଶବଟି ଉଲଡିହ ଗ୍ରାମର ରେଣ୍ଟା ଟୁଡୁ (୬୫)ବୋଲି ଜଣାପଡିଛି । ସୋମବାର ସନ୍ଧ୍ୟା ପରେ ସେ ନିଖୋଜ ରହିଥିବା ଘର ଲୋକଙ୍କ ଠାରୁ ପ୍ରକାଶ । ରାତିରେ ଖୋଜା ଖୋଜି କରାଯାଇଥିଲେ ମଧ୍ୟ ପତ୍ତା ମିଳି ନ ଥିଲା । ମଙ୍ଗଳବାର ସକାଳେ ଶୌଚ କରିବାକୁ ଯାଇଥିବା ଲୋକଙ୍କ ଠାରୁ ଖବର ମିଳିବା ପରେ ବୈଶିଙ୍ଗା ଥାନାକୁ ଖବର ଦିଆ ଯାଇଥିଲା ।ପ୍ରକାଶ ଥାଉକି ମୃତକ ରେଣ୍ଟା ସୋମବାର ଏକ ବିବାହ ଭୋଜିରେ ଯୋଗଦେଇ ବିଳମ୍ବିତ ରାତିରେ ଫେରି ଶୌଚ ପାଇଁ ଯାଇଥିବା ବେଳେ ପାଣିରେ ବୁଡିଯାଇ ଆଉ ଉଠି ପାରି ନଥବା ମୃତକ ରେଣ୍ଟାର ସ୍ତ୍ରୀଙ୍କ ଲିଖିତ ଅଭିଯୋଗ ଅନୁଯାଇ ବୈଶିଙ୍ଗା ପୋଲିସ ଶବ ଉଦ୍ଧାର କରିବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା । । ଅପରାହ୍ନରେ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ଗ୍ରାମ ଶ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

# ରଥଯାତ୍ରା ପାଇଁ ସହରର ବିଭିନ୍ନସ୍ଥାନ ତଦାରଖ

ନୀଳଗିରି,(ସବ୍ୟୁ) : ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚଳିତ ବର୍ଷ ରଥଯାତ୍ରା ଆସନ୍ତା ୨୭ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏନେଇ ନୀଳଗିରି ପ୍ରଶାସନ ଓ ପୋଲିସପକ୍ଷରୁ ମିଳିତ ତଦାରଖ କରାଯାଇଥିଲା । ରଥଦାଣ୍ଡର ଉଭୟପାଶର୍ବରେ ଥିବା ଦୋକାନ ଗୁଡ଼ିକୁ ଯାଇ ସ୍ଥିତି ପରଖିଥିଲେ ।ବିଶେଷକରି ରଥଟଣା ସମୟରେ ବାଧା ନଉପୁଜିବା ପାଇଁ ରାସ୍ତାପାଶର୍ବ ପର୍ଯ୍ୟନ୍ତ ମାଡିଆସିଥିବା ଦୋକାନୀମାନଙ୍କୁ ଦୋକାନ ରାସ୍ତାଠାରୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ । ଏତଦଭିନ୍ନ ରଥଟଣା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେରଖି ଯେଭଳି ଶ୍ରଦ୍ଧାଳୁ ଓ ଭକ୍ତମାନେ ରଥଦାଣ୍ଡରେ ସହଜରେ ଚଳପ୍ରଚଳ କରିପାରିବେ ସେଥିପାଇଁ ଦୋକାନୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।ଉଠାଦୋକାନୀ ଏବଂ ସ୍ଥାୟୀ ଦୋକାନରେ ବିକ୍ରି କରାଯାଉଥିବା ଖାଦ୍ୟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବାସିଖାଦ୍ୟ ବିକ୍ରି ନକରିବାକୁ ବାରଣ କରିଥିଲେ । ଏହାବାଦ ଦୋକାନର ପାଶର୍ବବର୍ତ୍ତି ସ୍ଥାନରେ ଅଳିଆଆବର୍ଜନା ନପକାଇ ଡଷ୍ଟବିନରେ ପକାଇବାକୁ ଆଦେଶ ଦେଇଥିଲ ।ଏହି ମିଳିତ ତଦାରଖ ଟିମରେ ନୀଳଗିରି ତହସିଲଦାର ସୋନମ ଦାସ,ଏନଏସି ଭାରାପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ପୂର୍ତ୍ତବିଭାଗ ଅଧିକାରୀ ଶ୍ରୀନିବାସ ଜେନା, ଏସଡ଼ିପିଓ ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଯାତ୍ରା ରାଜନନ୍ଦିନୀର ଆଖାଡା ପୂଜା

ଭଦ୍ରକ,(ସବ୍ୟୁ):ଭଦ୍ରକ ଜିଲ୍ଲାରୁ ଜନ୍ମ ଲାଭ କରିଥିବା ଯାତ୍ରା ରାଜନନ୍ଦିନୀ ଚତୁର୍ଥ ବର୍ଷରେ ପଦାର୍ପଣ କରିଛି । ଭଦ୍ରକ କଳାର ମାଟି । ଭଦ୍ରାକମାଟିରେ ଜନ୍ମିତ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ଏଇ ମାଟିର ସୁପୁତ୍ର । ତେଣୁ ଯାତ୍ରାର ଆର୍ଥିକ ଲାଭ ଉପରେ ଅଧିକ ଗୁରୁତ୍ୱ ନଦେଇ ଓଡିଆ କଳା ସଂସ୍କୃତିକୁ ଉଦଜୀବିତ କରି ଅଶ୍ଳୀଳତା ବା ଅଙ୍ଗ ପ୍ରଦର୍ଶନ ଠାରୁ ଦୂରେଇ ରହି ନାଟକ ପରିବେଷଣ ପାଇଁ ଭଦ୍ରକ ମାନ୍ୟବର ସାଂସଦ ଅଭିଭାବରେ ଯୋଗଦେଇ ପରାମର୍ଶ ଦେଇଥିଲେ । ଏବର୍ଷ ବଛା ବଛା ଆଗଧାଡିର ସୁନାମଧନ୍ୟ କଳାକାରମାନଙ୍କୁ ନେଇ ଯାତ୍ରା ରାଜନନ୍ଦିନୀ ତାର ଯାତ୍ରା ପରିଶେଷଣ କରିବାକୁ ପ୍ରତିଶୃତିବଦ୍ଧ ଓ ଦର୍ଶକମାନେ ଯାତ୍ରା ଦେଖିବା ପାଇଁ ଆସିଲେ ସେମାନଙ୍କର ଶତ ପ୍ରତିଶତ ମନୋରଞ୍ଜନ ଦେବାର ଗ୍ୟାରେଣ୍ଟି ଦେବା ସହ ସୁନାମଧନ୍ୟ ଲେଖକ ଓ ଆଗଧାଡିର ନିର୍ଦ୍ଦେଶକମାନଙ୍କୁ ନେଇ ସପରିବାର ବସି ଦେଖିଲା ଭଳି ନାଟକ ନାଟକ ପ୍ରସ୍ତୁତ ହୋଇଛି ବୋଲି ଏହାର ପ୍ରଯୋଜକ ଇଂ.ସ୍ତୁତିରଞ୍ଜନ ପଲାଇ ନିଜର ମତ ରଖିଥିଲେ । ଭଦ୍ରକ ଇଚ୍ଛାପୂର ଛକ ନିକଟରେ ଏବର୍ଷ ଯାତ୍ରା ରାଜନନ୍ଦିନୀ ତାର ଆଖଡା ସାଲ କରିଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ତ୍ୟାଗଭୂମି ସଭାପତି ଅଜୟ ନାୟକ,ସ୍ଥାନୀୟ ବ୍ରହ୍ମପୁର ଗ୍ରାମ ପଂଚାୟତର ସରପଂଚ ନରହରି ସାହୁ,ପୂର୍ବତନ ସରପଂଚ ମହେଶ୍ୱର ପଲାଇ,ସମିତି ସଭ୍ୟ ପ୍ରତିନିଧି ଅଜୟ ପଲାଇ ପ୍ରମୁଖ ଯୋଗ ଦେଇଥିଲେ । ଯାତ୍ରା ରାଜନନ୍ଦିନୀର ପରାମର୍ଶଦାତା ତଥା ବରିଷ୍ଠ ଅଧିବକ୍ତା ଗଦାଧର ବଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉ'ାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ପରିଚାଳକ ପ୍ରଦୀପ କୁମାର ମିଶ୍ର ଓରଫ ଭାନୁ ବାବୁ,ବରିଷ୍ଠ କଳାକାର ସଞ୍ଜୟ ଭୋଳ,ଟୁନିଆ ମଲ୍ଲିକ,ସଞ୍ଜୟ,ପହଲି,ମାମା,ଦିପୁ ପ୍ରମୁଖ ଅନେକ କଳାକାର ଉପସ୍ଥିତ ରହିଥିଲେ । ସକାଳେ ମାସାରଳା, ମାବିରଜା, ମାତାରିଣୀ,ମାଭଦ୍ରକାଳୀ ଓ ବାବା ଆଖଣ୍ଡଳମଣୀଙ୍କ ପିଠରୁ ଆଜ୍ଞାମାଳ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା ।

# ଗୋରୁଗାଡି ଜବତ : ୩ ବେପାରୀ ଗିରଫ

ନୀଳଗିରି ,(ସବ୍ୟୁ) : ମଙ୍ଗଳବାର ସକାଳେ ଏକ ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହିତ ଏଥିରେ ସଂପୃକ୍ତ ୩ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି ବରହମପୁର ପୋଲିସ । ସୂଚନା ଅନୁଯାୟୀ ଓଡ଼ି ୧୧କ୍ୟୁ ୮୫୮୩ନଂ ଗାଡ଼ିରେ ୫ଟି ଗାଇ ଏବଂ ଗୋଟିଏ ବାଛୁରୀ ବୋଝେଇ କରି ଉଦଳା ଅଭିମୁଖେ ଯାଉଥିବା ବେଳେ ବରହମପୁର ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଆରବନ୍ଧ ରାସ୍ତାରେ ଗାଡ଼ିଟିକୁ ଅଟକ ରଖି ଥାନାକୁ ଆଣିଥିଲେ । ଏହି ଘଟଣାରେ ମୟୂରଭଞ୍ଜ ଜିଲ୍ଲା ଉଦଳାଥାନା ମଣ୍ଡଳ ଗ୍ରାମର ସଂଗ୍ରାମ ଟୁଡୁଙ୍କ ପୁଅ ନନ୍ଦକିଶୋର ଟୁଡୁ(୪୧), ବରହମପୁର ଥାନା ଶାଳଡହର ଅଞ୍ଚଳର ଜିତୁ ମାଝୀ (୪୦) ଏବଂ ପିରୁ ମୁର୍ମୁ(୪୫) ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏନେଇ ବରହମପୁର ଥାନାରେ କେଶ ନମ୍ବର ୮୩/୨୫ରେ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି ।


**AFFIDAVIT**

By virtue of an affidavit in the court of Executive Magistrate, Bhubaneswar. I, Padmabati Devi, W/o- Sadhu Charan Sahoo, At- Khasamahal, Po/Ps- Jatni, Dist- Khordha, Odisha-752050. Declare that this affidavit no.09, dated. 21.06.2025. I have changed my name from Padmabati Sahoo to Padmabati Devi. Henceforth, She shall be known as Padmabati Devi for all purposes.

Sd/- Padmabati Devi

**AFFIDAVIT**

By virtue of an affidavit sworn before Notary Public, Rairakhol, dated 24th June 2025. I, Anjali Pradhan, Address of village- Dimirimunda, PO-Kadaligarh, PS-Rairakhol, Dist. Sambalpur, Odisha, 768106, declare that I have changed my name from Prabhasini Pradhan to Anjali Pradhan. Henceforth, I shall be known as Anjali Pradhan for all purposes.

Anjali Pradhan (New Name)

**AFFIDAVIT**

I, Saumitra Senapati, S/o- Late Banshidhar Senapati, resident of At- Sithalo, Po.- Kasarda, Ps.- Niali, Dist.- Cuttack, Pin-754105, Odisha, declared by this affidavit No. 55AA 022092, dtd. 31/03/2021 that, now onwards I shall be known as **SOUMITRA SENAPATI** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Tangi of Dist. Khurda on 19.06.2025. I Monika Pradhan, Village Upimara Patana, Tangi, Po : Tangi, Dist : Khurda, PIN - 752023 declare that I have changed my name from Manika Pradhan to Monika Pradhan. Henceforth I shall be known as MONIKA Pradhan for all purposes.

Monika Pradhan

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଏସଟିଇ-ଚକ୍ରଧରପୁର/ଦକ୍ଷିଣ ପୂର୍ବ ରେଳପଥ ନିମ୍ନ ସୂଚିତ ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହା ୧୪.୦୭.୨୦୨୫ ଅପରାହ୍ନ ୧୫.୦୦ ଘଟିକାରେ ଖୋଲାଯିବାର ଅଛି । ଏହି ଟେଣ୍ଡରଗୁଡ଼ିକ ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ.-୧, ଟେଣ୍ଡର ନୋଟିସ ନଂ : ଏସ୍‌ଟି-ସିକେପି-ଓଟି-୨୫-୨୬-୩୩ ତାରିଖ ୨୦.୦୬.୨୦୨୫ । କାର୍ଯ୍ୟର ନାମ : ଏସଏସଇ/ଟେଲି/ଚକ୍ରଧରପୁର ଅନ୍ତର୍ଗତ ସେକ୍ସନରେ ଅନ୍ୟାନ୍ୟ ଟେଲିଫୋନ କାର୍ଯ୍ୟ ସହାଳେ ବଳକା କାର୍ଯ୍ୟ ସମ୍ପାଦନ । ଟେଣ୍ଡର ମୂଲ୍ୟ : ଟ. ୧୧,୪୧,୬୨୪.୮୫ । ଅମାନତ ଅର୍ଥ : ଟ. ୩୮,୮୦୦/- । ସମାପ୍ତି ସମୟ : ୧୨ (ବାର) ମାସ । କ୍ର.ନଂ.୨, ଟେଣ୍ଡର ନୋଟିସ୍ ନଂ : ଏସ୍‌ଟି-ସିକେପି-ଓଟି-୨୫-୨୬-୩୪, ତାରିଖ : ୨୦.୦୬.୨୦୨୫ । କାର୍ଯ୍ୟର ନାମ : ଏସଏସଇ/ଟେଲି/ଡାଙ୍ଗୁଆପୋଶି ଅଧୀନରେ ଅପରେସନ ପାଇଁ ୧ ଟନ କ୍ଷମତା ବିଶିଷ୍ଟ ୧ଟି ଟ୍ରକ ନିୟୋଜିତ ପାଇଁ ବଳକା କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ଟ. ୧୩,୬୫,୬୫୪.୯୦ । ଅମାନତ ଅର୍ଥ : ଟ. ୨୭,୩୦୦/- । ସମାପ୍ତି ସମୟ : ୨୪ (ଚବିଶ) ମାସ । ୱେବସାଇଟ http://www.ireps.gov.in ରେ ସବିଶେଷ ଟେଣ୍ଡର ଦେଖିପାରିବେ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଇସ୍ୟୁ କରାଯିବ । (PR-306)

**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur Pin-768017 (Odisha)
**Notice for cancellation of Tender**
T.Notice No. TPWODL/PJ/O/SU/2500000995 Date : 21.06.2025
**The Tender referred above for "Rate contract for Supply of 11KV DO Fuse with DD Link" is here by Cancelled.**
Sd/- HoD-Contracts and Procurement

ଏଫ୍.ନଂ.୧-୧/ବିଜ୍ଞାପନ ୧୭୬/୨୦୨୫/ଆର-ଆଇ
ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୧୬
(ରିକ୍ରୁଟିମେଣ୍ଟ-୧ ସେକ୍ସନ)
ତାରିଖ : ୧୩.୦୬.୨୦୨୫

**ବିଜ୍ଞପ୍ତି**

୧. ଭୁବନେଶ୍ୱର ଓ ଶିଲଂ ସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପାଇଁ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ୦୨ଟି ଅଧକ୍ଷ ପଦବୀ (ଗ୍ରୁପ ଏ) ପଦବୀ ପୂରଣ ପାଇଁ ଏକ ବିଜ୍ଞାପନ ନଂ. ୧୭୬/୨୦୨୫ ଜାରି କରାଯାଇଛି । ଯୋଗ୍ୟତା ସର୍ତ୍ତାବଳୀ ଓ ଅନ୍ୟାନ୍ୟ ବିବରଣୀ ପାଇଁ ଦୟାପୂର୍ବକ ଏନ୍‌ସିଇଆରଟି ୱେବସାଇଟ୍ : www.ncert.nic.in (ଲିଙ୍କ୍ ଆନାଉନ୍ସମେଣ୍ଟ - ଭାକାନ୍ସି-ଏକେଡେମିକ୍ ବେଖାନ୍ସି) ଦେଖିପାରିବେ ।

୨. ରୋଜଗାର ସମାଚାରରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖ ଠାରୁ ୨୧ ଦିନ ମଧ୍ୟରେ ବିଜ୍ଞାପନ ନଂ. ୧୭୬/୨୦୨୫ ଅନୁଯାୟୀ ସମ୍ପୂର୍ଣ୍ଣ ଆବେଦନପତ୍ର ଗ୍ରହଣ କରାଯିବ ।

ଅଣ୍ଡର ସେକ୍ରେଟାରୀ
ଆର.ଆଇ ସେକ୍ସନ
CBC 21104/12/0002/2526

MM-100
OFFICE OF THE DEPUTY DIRECTOR, SIMILPAL, (NORTH) WILDLIFE DIVISION
AT-MATIAGARH CHHAKA, PO- K. JASHIPUR
DIST-MAYURBHANJ, ODISHA - 757091
Tel : 06797-295030, Email-dfo.similipalnorthwl@odisha.gov.in / ddsimilipalnorth@gmail.com
Office Order No. 74 //, Dated. 21.06.2025
01st Corrigendum to Bid invited vide this Office Tender Call Notice No. 1921, dtd. 10.06.2025

In pursuance to this Office Tender Call Notice No. 1921, dtd. 10.06.2025, due to unavoidable circumstances all the committee member constituted for supply and installation of Solar High Mast Light are hereby absent in the time of opening of technical bid. So the Date & time of opening of technical bid is re-schedule on dtd. 25.06.2025 at 12.30 P.M.

| Sl. No. As per Original TCN | Items | As per Original TCN | As per 01st Corrigendum to TCN & DTCN |
|---|---|---|---|
| 5 | Date & time of opening of technical bid | Dt. 21.06.2025 at 12.30 hours onwards | Dt. 25.06.2025 at 12.30 hours onwards |

Yours faithfully
Sd/- Deputy Director,
Similipal (North) WL Division, Jashipur
OIPR : 08133/11/0017/2526

B-232
OFFICE OF THE SUPERINTENDING ENGINEER
JAGATSINGHPUR (R&B) DIVISION, JAGATSINGHPUR
E-mail I.D. - eerbjspr@gmail.com
GOVERNMENT OF ODISHA ('e' PROCUREMENT NOTICE)
Bid Identification No S.E., JSP (R&B)-04 of 2025-26
TENDER CALL NOTICE

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rae basis bid in **Single Cover System** in ONLINE MODE from eligible contractor for Building works as mentioned below.
2. No. of work : 01 No.
3. Nature of work : Civil, E.I & PH work
4. Class of Contractor : "B"
5. Tender Paper Cost : Rs. 6000/- (Online)
6. Available of bid documents in the website : From 30/06/2025 to 5 PM of 15/07/2025
7. Date of Opening of Bid : 11 AM of 16/07/2025

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- (Er. Sarbendu Sutar)
Superintending Engineer,
Jagatsinghpur (R&B) Division
OIPR : 34093/11/0021/2526

B-225
GOVERNMENT OF ODISHA : OFFICE OF THE SUPERINTENDING ENGINEER
BOLANGIR (R&B) DIVISION : BOLANGIR
Mail Id : eepwd.bgr@rediffmail.com eepwd.bgr@gmail.com Ph. No. 06652-232374
BID IDENTIFICATION No. BGR R&B/06/2025-26
No. 4193 // Dtd. 18.6.25

1. The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in **Single** cover system in ONLINE MODE for construction of building work detailed in the table below from eligible contractors.
2. Nature of work : Civil and Electrical Work
3. No of tender : 8 Nos. of Civil work and 2 Nos. Electrical work
4. Tender Cost : Rs. 2000/-, Rs. 4000/-, Rs. 6000/- (Tender paper cost)
5. Class of Contractor : "B" Class, "C" Class, "D" Class (Registered with CDMS) (For Civil work) MV/HT/"Specialized agency having MOU with associate electrical contractor (MV/HT or Above) having valid license from ELBO.
6. Date & Time of sale & Receipt of Bids : From Dt. 01.07.25, 11.00 A.M. Dt. 10.07.25 up to 5.00 P.M.
7. Date of opening bid : Dt. 11.07.25 at 11.30 A.M.
8. The bidder have to participate in ONLINE bidding only. Further details can be seen from the website : http://tendersodisha.gov.in

Sd/- Superintending Engineer
Bolangir (R&B) Division
OIPR : 34028/11/0030/2526

O-331
Government of Odisha
Office of the Superintending Engineer,
Rural Works Division-II, Dhenkanal, Kamakhyanagar
E-Mail : rw_kamakhyanagar@yahoo.co.in
e-procurement Notice No. 04/Building Work / 2025-26

1. No. of the work : Building Work
2. Total No. of Works : 01 (One) No
3. Tender Cost : Rs. 50.42 lakhs.
4. Class Contractor : B & equivalent
5. Period of Completion : 3 Calendar Months.
6. Availability of Tender online for bidding : 03.07.2025 at 11.00 A.M. to 17.07.2025 up to 5.00 P.M.
7. Last Date & Time of seeking tender clarification : 16.07.2025 up to 4.00 PM
8. Date & Time of opening of Technical Bid : 18.07.2025 at 11.00 AM
9. Date & Time of opening of Financial Bid : Intimated later on

Other Details can be seen from the website http://tendersorissa.gov.in

Sd/- Superintending Engineer
Rural Works Division-II, Dkl
Kamakhyanagar
OIPR : 25094/11/0027/2526

O-322
GOVERNMENT OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION, KUCHINDA
E-mail :- eerw_kuchinda@yahoo.com
"e" Procurement Notice for Building Works
Identification No Online Tender / 01/RWD, Kuchinda / 2025-26

The Superintending Engineer, Rural Works Division, Kuchinda on behalf of Governor of Odisha invites online percentate rate bid from experienced & eligible bidders for 01 (One) no. of Building works in the District of Sambalpur for the year 2025-26.

1. Nature of the work : Building Works.
2. Total Numbr of Works : 1 Nos.
3. Class of Contractor : "C" & "B" Class of Contractor
4. Period of Completion : 06 Calendar Months.
5. Availability of Tender online For bidding : Dt. 02.07.2025 to Dt. 15.07.2025
6. Last date & time of seeking tender clarification : Dt. 14.07.2025 at 5.00 A.M.
7. Date & time of opening tender : Dt. 16.07.2025 at 11.00 A.M.

- Other details can be seen from Detailed notice Inviting Tenders, available in website www.tenderodisha.gov.in
- Corrigendum if any shall only be published in the above website.

Sd/- Executive Engineer
Rural Works Division, Kuchinda
OIPR : 25151/11/0023/2526

### ପୁରୀକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଭିଡ଼ିଓ ବାର୍ତ୍ତା

# ରଥଯାତ୍ରାରେ 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ'କୁ ବର୍ଜନ କରିବା ପାଇଁ ପରାମର୍ଶ

ଭୁବନେଶ୍ୱର, (ସବ୍ୟୁ): ପବିତ୍ର ରଥଯାତ୍ରାର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏକ ଭିଡ଼ିଓ ବାର୍ତ୍ତା ଜାରି କରି ରଥଯାତ୍ରାରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ତଥା ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ସାମଗ୍ରୀକୁ ବର୍ଜନ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ଏହି ସଚେତନତା ବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗକୁ ରଥଯାତ୍ରା ଆସୁଛି । ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନର ଅବସର ହେଉଛି ରଥଯାତ୍ରା । ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ପୁରୀରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଘୋଷଯାତ୍ରାକୁ ଭବ୍ୟ ଭାବରେ ପାଳନ କରିବା ପାଇଁ କାମରେ ଲାଗିଛନ୍ତି । ରଥଯାତ୍ରାରେ ଜଗତର ନାଥ - ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ ଦେଉଳର ରତ୍ନ ସିଂହାସନ ଛାଡି ବଡଦାଣ୍ଡକୁ ଆସିବେ । ମହାପ୍ରଭୁଙ୍କ ସହ ପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନ ରଥରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ଚତୁର୍ଦ୍ଧାମୂରତିଙ୍କ ଦିବ୍ୟ ଦର୍ଶନ ଲାଭ କରିବା ପାଇଁ ବିଶ୍ୱର କୋଣ ଅନୁକୋଣରୁ ଭକ୍ତମାନେ ପୁରୀ ଆସିବେ । ରଥ ଭିଡ଼ିବା ପାଇଁ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ । ବିଶେଷ ଭାବରେ ରଥଯାତ୍ରା ସମୟରେ ପୁରୀକୁ ଆସୁଥିବା ଜନସାଧାରଣ ଓ ପର୍ଯ୍ୟଟକମାନେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ଅଧିକ ବ୍ୟବହାର କରିଥାନ୍ତି । ଭକ୍ତମାନେ ଭୋଗ ଓ ଫୁଲ ପାଇଁ ପଲିଥିନ, ପାଣି ବୋତଲ, ପାଣି ଗ୍ଲାସ ଏବଂ ଖାଦ୍ୟ ସାମଗ୍ରୀ ନେବା ପାଇଁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଆଦିର ବ୍ୟବହାର କରିଥା'ନ୍ତି । ଏହା ଦ୍ୱାରା ପୁରୀ ବଡଦାଣ୍ଡ ଦୂଷିତ ହେବା ସହ ପ୍ରଦୂଷଣର ପ୍ରଭାବ ସ୍ଥାନୀୟ ପରିବେଶ ଉପରେ ପଡିଥାଏ । ଗୋ-ମାତା, ପଶୁ ପକ୍ଷୀ ଏହାର ପ୍ରତ୍ୟକ୍ଷ ଶୀକାର ହୁଅନ୍ତି । ସମୁଦ୍ର, ପୋଖରୀ, ନାଳ ଉପରେ ମଧ୍ୟ ଏହାର ପ୍ରଭାବ ପଡିଥାଏ ।



କେନ୍ଦ୍ରମନ୍ତ୍ରୀ କହିଛନ୍ତି ଆଜି ପରିବେଶ ସୁରକ୍ଷା ; ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି । ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି । ଯେତେବେଳେ "ଆମେ ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା"ର କଳ୍ପନା କରୁଛେ, ସେହି ସମୟରେ ଏହା ପ୍ରମୁଖ ପ୍ରସଙ୍ଗ ଭାବରେ ଉଭା ହେଉଛି । ଭାରତ ସରକାର ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ସାମଗ୍ରୀକୁ ବନ୍ଦ କରିବା ପାଇଁ ବିହିତ ପଦକ୍ଷେପ ନେଉଛନ୍ତି । ପୂଜ୍ୟ ଗାନ୍ଧିଜୀଙ୍କ ଆଗ୍ରହର ବିଷୟ ଥିଲା - ସ୍ୱଚ୍ଛତା, ପରିବେଶ ସୁରକ୍ଷା ଏବଂ ଜୀବନ ସୁରକ୍ଷା । ଏହି ତିନୋଟି ଲକ୍ଷ୍ୟକୁ ହାସଲ କରିବା ପାଇଁ ହେଲେ ଆମକୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏଥିପାଇଁ ଆମେ ସମସ୍ତେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ବ୍ୟବହାରକୁ କମ କରିବା । ପୁରୀରେ ଜୁନ ୨୭ ତାରିଖ "ରଥଯାତ୍ରା"ରୁ ଜୁଲାଇ ୫ "ବାହୁଡ଼ା ଯାତ୍ରା" ପର୍ଯ୍ୟନ୍ତ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକକୁ ବର୍ଜନ କରିବା । ପୁରୀକୁ ଆସୁଥିବା ଜନସାଧାରଣ ତଥା ଭକ୍ତମାନଙ୍କ ମଧ୍ୟରେ ଏଥିପ୍ରତି ସଚେତନତା ତିଆରି କରିବା । ଭକ୍ତିଭାବ ଓ ନିଷ୍ଠା ସହକାରେ ପୁରୀର ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ସଂକଳ୍ପ ନେବା । ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ରି-ୟୁଜ୍ ଏବଂ ରି-ସାଇକ୍ଲିଂ କରିବା ପାଇଁ ପୁଣି ଥରେ ବ୍ୟାପକ ଜନଆନ୍ଦୋଳନ ଆରମ୍ଭ କରିବା ପାଇଁ ଶ୍ରୀ ପ୍ରଧାନ ଅପିଲ କରିବା ସହ ଏ ଦିଗରେ ସାମାଜିକ ସଂଗଠନ ବିଶେଷ ଭାବରେ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ଆଗେଇ ଆସିବା ପାଇଁ ଅନୁରୋଧ କରିଛନ୍ତି । ଏହି ପ୍ରୟାସ ; ଆମର ଆଗାମୀ ପିଢିର ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ଏକ ବଡ଼ ଓ ପ୍ରଭାବଶାଳୀ ପଦକ୍ଷେପ ହେବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆପଣମାନଙ୍କ ଜୀବନ ସୁଖ ଓ ସମୃଦ୍ଧମୟ ହେଉ । ରଥଯାତ୍ରାରେ ମହାପ୍ରଭୁଙ୍କ ମାନବୀୟ ଲୀଳାର ମହାନ ବାର୍ତ୍ତା ଅଧିକ ସୁଦୂରପ୍ରସାର ହେଉ ବୋଲି ସେ କାମନା କରିଛନ୍ତି ।

## ଡଃ ତିରୁପତି ପାଣିଗ୍ରାହୀଙ୍କୁ ଟାଇମସ୍ ହେଲ୍ଥ୍ ଆଇକନ୍ ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ପୂର୍ବ ଭାରତର ପ୍ରଥମ ଘରୋଇ ହସ୍ପିଟାଲ୍ ତଥା ଓଡିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀଙ୍କୁ ଟାଇମସ୍ ହେଲ୍ଥ୍ ଆଇକନ୍‌ର 'ପୂର୍ବ ଭାରତରେ ଡାକ୍ତରୀ ପ୍ରଗତି ଏବଂ ସାମାଜିକ ଉନ୍ନତିର ପ୍ରତୀକ ସମ୍ମାନରେ ବଲିଉଡ୍‌ର ଅଭିନେତ୍ରୀ ରବିନାଟଣ୍ଡନଙ୍କ ଦ୍ୱାରା ସମ୍ମାନିତ କରାଯାଇଛି । ଟାଇମସ୍ ହେଲ୍ଥ୍ ଆଇକନ୍ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଯୋଗ ଦେଇ ଶିକ୍ଷାସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡିଶା ପୂର୍ବଭାରତରେ ଅଗ୍ରଣୀଭୂମିକା ନେଇଛି ଏବଂ ଡାକ୍ତରମାନେ ସମାଜର ପ୍ରକୃତ ହିରୋ ବୋଲି କହିଛନ୍ତି । ଏହା ସହିତ ରାଜ୍ୟରେ ସ୍ୱାସ୍ଥ୍ୟ ସେବାକ୍ଷେତ୍ରରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ମୁଖ୍ୟ ଭୂମିକା ନେଇଥିବାରୁ ଏହି କାର୍ଯ୍ୟକ୍ରମରେ ହାଇଟେକ୍ ଗ୍ରୁପ୍‌କୁ 'ସମନ୍ୱିତ ଡାକ୍ତରୀ ଶିକ୍ଷା ଏବଂ ବ୍ୟାପକ ରୋଗୀ ଯତ୍ନ କ୍ଷେତ୍ରରେ ଉତ୍କର୍ଷତା' ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଉତ୍ସବରେ ହାଇଟେକ୍ ଗ୍ରୁପ୍‌ର ଉପ-ନିର୍ଦ୍ଦେଶକ ଅନିଲ୍ କୁମାର ପାଣିଗ୍ରାହୀ, ହାଇଟେକ୍ ହସ୍ପିଟାଲ୍ ର ଜେନେରାଲ୍ ମେଡିସିନ୍ ବିଭାଗର ପ୍ରଫେସର୍ ଡକ୍ଟର ସଂଜୟ କୁମାର ଜାଙ୍ଗୀଦ୍, ଡ. ଦୀପକ୍ କୁମାର ଦାଶ, ହୃଦ୍‌ରୋଗ ବିଭାଗୀୟ ମୁଖ୍ୟ ତଥା ନିର୍ଦ୍ଦେଶକ ଓ ଡିନ୍ ପ୍ରଫେସର୍ ଡ. ଅକ୍ଷୟ କୁମାର ସାମଲ, ସାଇକାଟ୍ରିକ୍ ବିଭାଗର ପ୍ରଫେସର୍ ଡ. ଅମ୍ରିତ ପଟ୍ଟଯୋଶୀଙ୍କ ସହ ସି.ଓ.ଓ ଜ୍ୟୋତିର୍ମୟ ପଣ୍ଡା, ବ୍ରାଣ୍ଡିଙ୍ଗ୍ ବିଭାଗୀୟ ମୁଖ୍ୟ ବିକ୍ରମ କୁମାର ସିଂ ଉପସ୍ଥିତ ରହି ଆୱାର୍ଡ ଗ୍ରହଣ କରିଛନ୍ତି ।



### ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ବେଙ୍ଗାଲୁରୁରେ

## ପ୍ରଥମ ଇଭି କନ୍‌ସେପ୍ଟ ଷ୍ଟୋର ଉଦ୍‌ଘାଟନ କଲା

ଭୁବନେଶ୍ୱର (ସବ୍ୟୁ) : ବିଦ୍ୟୁତ୍‌ଚାଳିତ ଗମନା ଗମନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ଭାରତରେ ତାହାର ପ୍ରଥମ ଇଭି କନ୍‌ସେପ୍ଟ ଷ୍ଟୋର ଉଦ୍‌ଘାଟନ କରିଛି, ଯାହା ବେଙ୍ଗାଲୁରୁର ମାଲେଶ୍ୱରମ୍‌ସ୍ଥିତ ମନ୍ତ୍ରୀ ସ୍କୋୟାର ମଲ୍‌ରେ ଅବସ୍ଥିତ। ଗ୍ରାହକଙ୍କୁ ଏକ ତଲ୍ଲୀନକାରୀ ଏବଂ ଭବିଷ୍ୟ ଅନୁଭୂତି ପ୍ରଦାନ କରିବାକୁ ଏହି ଧରଣର ପ୍ରଥମ କନ୍‌ସେପ୍ଟ ଷ୍ଟୋର ଭାବରେ ଏହାକୁ ଡିଜାଇନ କରାଯାଇଛି, ଯାହା ସେମାନଙ୍କୁ ହୋଣ୍ଡାର ଯାନବାହନ ଦୁନିଆ, ପ୍ରଯୁକ୍ତି ଏବଂ ନବସୃଜନ ସମ୍ପର୍କରେ ଝଲକ ପ୍ରଦାନ କରୁଛି। ଏଚଏମଏସଆଇ ମଧ୍ୟ ଆକ୍ଟିଭା ଇ: ନିମନ୍ତେ ଏକ ନୂତନ ବାସ୍ ଲାଇଟ ପ୍ଲାନ ଘୋଷଣା କରିଛି ଯେଉଁଠାରେ ଗ୍ରାହକମାନେ ମାସକୁ ମାତ୍ର ୬୭୮ ଟଙ୍କା ପ୍ରଦାନ କରି ପ୍ରଥମ ଥର ପାଇଁ ଇଭି ମାଲିକାନା ହାସଲ କରିବାର ସହଜ ସୁଯୋଗ ପାଇପାରିବେ । ଭବିଷ୍ୟ ସମ୍ପର୍କରେ ଏକ ଝଲକ: ହୋଣ୍ଡାର ଇଭି କନ୍‌ସେପ୍ଟ ଷ୍ଟୋର ଭିତରେ ହୋଣ୍ଡାର ନୂଆ ଇଭି କନ୍‌ସେପ୍ଟ ଷ୍ଟୋରକୁ କମ୍ପାନୀର ପ୍ରଯୁକ୍ତିଗତ ପ୍ରଗତିର ସମ୍ମୋହନକାରୀ ଅନୁଭୂତି ପ୍ରଦାନ କରିବାକୁ ଡିଜାଇନ କରାଯାଇଛି। ବିଦ୍ୟୁତ୍‌ଚାଳିତ ଗମନା ଗମନ ଠାରୁ ବ୍ୟକ୍ତିଗତ ଉଡାଣ ପର୍ଯ୍ୟନ୍ତ ଏହା ହୋଣ୍ଡାର ବୈଶ୍ୱିକ ନବସୃଜନର ଆତ୍ମାକୁ ଧରିରଖିଛି ।

## ମହାପ୍ରଭୁଙ୍କ ମୋଦକ ଚୋରି ଘଟଣାକୁ କାହିଁକି ଚପାଇବାକୁ ଚାହୁଁଛନ୍ତି ମନ୍ତ୍ରୀ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ମହାପ୍ରଭୁଙ୍କ ଚିକିତ୍ସା ଲାଗି ପ୍ରଯୁଜ୍ୟ ମୋଦକ ଚୋରି ହେବାର ଅଭିଯୋଗକୁ ଚପାଇଦେବା ପାଇଁ ରାଜ୍ୟ ଆଇନମନ୍ତ୍ରୀ ଓ ଶ୍ରୀମନ୍ଦିରର ପ୍ରଶାସନ ଉଦ୍ୟମ କରୁଛନ୍ତି ବୋଲି ବିଜେଡ଼ି ଅଭିଯୋଗ କରିଛି। ମଙ୍ଗଳବାର ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ, ମହାପ୍ରଭୁଙ୍କ ଗୁପ୍ତ ସେବାର ଅଂଶ ଭାବେ କବିରାଜ ସେବକମାନେ ଦଶମୂଳ ମୋଦକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜମା ଦେଇଥାଆନ୍ତି । କିନ୍ତୁ ଦୁଃଖର ବିଷୟ ଭୋଗ ନିମନ୍ତେ ମୋଦକ ନେବା ସମୟରେ ମୋଦକ ଚୋରି ହୋଇଥିବା ଜଣାପଡିଲା । ବଡଠାକୁରଙ୍କ ବାଡଗ୍ରାହୀ ଏ ବିଷୟ ଲିଖିତ ଆକାରରେ ଜଣାଇଲା ପରେ ମଧ୍ୟ, ଆଇନମନ୍ତ୍ରୀ ଓ ମୁଖ୍ୟ ପ୍ରଶାସକ ଏହାକୁ ଚପାଇ ଦେବା ଉଦ୍ଦେଶ୍ୟରେ ଚୋରି ହୋଇନାହିଁ କହିବା ସରକାରଙ୍କ ଅପାରଗତାକୁ ଦର୍ଶାଉଛି ।

ଡ. ମହାନ୍ତି ଆହୁରି ମଧ୍ୟ କହିଥିଲେ ଯେ, ଗତବର୍ଷେ ରଥଯାତ୍ରା ସମୟରେ ବଡ ଠାକୁର ପଡିଯିବା ଘଟଣାର ରିପୋର୍ଟ ଆଜି ଯାଏଁ ମିଳିଲା ନାହିଁ । ସମୀକ୍ଷା ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ରଥ ଯାତ୍ରା ସୁରୁଖୁରୁରେ ହେବ ଏବଂ ଭଲ ଅନୁଭୂତି ନେଇ ଭକ୍ତମାନେ ଫେରିବେ । କିନ୍ତୁ ଘରେ ନପଶୁଣୁ ମୁଣ୍ଡରେ ଚାଳବାଜିବା ନ୍ୟାୟରେ ରଥଯାତ୍ରା ଆରମ୍ଭ ହେବା ପୂର୍ବରୁ ମହାପ୍ରଭୁଙ୍କ ଗୁପ୍ତ ସେବାରେ ମାରା ହୋଇଥିବା ମୋଦକ ଲାଗିହେବା ଦ୍ୱାରା ଭକ୍ତମାନଙ୍କ ମନ ଆନ୍ଦୋଳିତ ହୋଇଛି । ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଠାକୁରଙ୍କ ଯାତ୍ରାରେ ଏହି ବିଭ୍ରାଟ ଦେଖାଦେଇଛି । ତେଣୁ ଶ୍ରୀଜଗନ୍ନାଥଙ୍କୁ ନେଇ ଅନେକ ମିଛ ପ୍ରଚାର କରି କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ଆଇନମନ୍ତ୍ରୀ ନୈତିକ ଦାୟିତ୍ୱବହନ କରି ନିଜ ପଦରୁ ଇସ୍ତଫା ଦିଅନ୍ତୁ ।

## ବାସୁଆଘାଇରୁ ହଟିଲା ଜବରଦଖଲ

ଭୁବନେଶ୍ୱର(ସବ୍ୟୁ): ବଡ଼ଗଡ଼ ଥାନା ଅନ୍ତର୍ଗତ ବାସୁଆଘାଇ ମୌଜାରେ ହୋଇଥିବା ବେଆଇନ ଜବରଦଖଲ ହଟିଛି । ଏହି ଉଚ୍ଛେଦ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ କରାଯାଇଛି । ବିଡିଏର ବଡ଼ଗଡ଼ ପ୍ଲଟେଡ ସ୍କିମରେ ବାସୁଆଘାଇ ମୌଜା ଅନ୍ତର୍ଗତ ପ୍ଲଟ ନମ୍ବର-୩ର ଚାରିପଟେ ଗଢ଼ି ଉଠିଥିଲା ବେଆଇନ ଜବରଦଖଲ । ବିଡିଏ ସଚିବଙ୍କ ନିର୍ଦ୍ଦେଶକ୍ରମେ ଏହି ଉଚ୍ଛଦ ହୋଇଥିଲା । ଉଚ୍ଛେଦରେ ୬ଟି ଆଜବେଷ୍ଟସ ନିର୍ମିତ ଦୋକାନ, ୨ଟି ଆଜବେଷ୍ଟସ ଘର ଓ ଗୋଟିଏ କ୍ୟାବିନ ମାଟିରେ ମିଶିଥିଲା । ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା । ଏହି ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ ଓ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ ।

## ସଂସ୍କୃତି ମନ୍ତ୍ରୀଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚିତ



ଭୁବନେଶ୍ୱର (ସବ୍ୟୁ): କଳିଙ୍ଗ ଷ୍ଟାଡିଅମ ଭିତରେ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଆଜି ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକାକୁ ଉନ୍‌ମୋଚନ କରିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଏହି ଅବସରରେ ଓଡିଆ ଅସ୍ମିତା ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉପରେ ସଂସ୍କୃତି ବିଭାଗ, ଓଡିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସମ୍ମିଳନୀ ମିଳିତ ଭାବରେ କାମ କରିବା ପାଇଁ ଶ୍ରୀଯୁକ୍ତ ସୂରଜ ପ୍ରସ୍ତାବ ଦେଇଥିଲେ। ସର୍ବପ୍ରଥମେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାନ୍ୟବର ମନ୍ତ୍ରୀଙ୍କୁ ଉତ୍ତରୀୟ ଓ ମଧୁବାବୁଙ୍କ ଫଟୋ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ଉତ୍କଳ ସମ୍ମିଳନୀ ସଭାପତି ଅନନ୍ତ ପ୍ରସାଦ ଜେନା, ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ସମାଚାର ପତ୍ରିକାର ମୁଖ୍ୟ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା, ଶାଖା ଉପଦେଷ୍ଟା ନିରଞ୍ଜନ ଦାଶ ଓ ନିମାଇଁ ଚରଣ ଦାସଙ୍କ ସହିତ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଉନ୍‌ମୋଚନ କାର୍ଯ୍ୟକ୍ରମରେ ଭାଗନେଇଥିଲେ ।

### ଗୋଟିଏ ସରକାରୀ କ୍ୱାର୍ଟର୍ସରୁ ତୃତୀୟଥର ଗହଣା ଲୁଟ୍

ଭୁବନେଶ୍ୱର, (ସବ୍ୟୁ) : ଗୋଟିଏ ସରକାରୀ କ୍ୱାର୍ଟର୍ସରୁ ତୃତୀୟଥର ଗହଣା ଓ ନଗଦ ଟଙ୍କା ଲୁଟ୍ ହୋଇଛି । ପୂର୍ବରୁ ଦୁଇଥର ଏହିପରି ଲୁଟ୍ ହୋଇଥିଲା, ଲୁଟେରାଙ୍କୁ ପୋଲିସ ଗିରଫ କରିପାରିନାହିଁ । ଯାହା ଫଳରେ ତୃତୀୟଥର ପାଇଁ କବାଟ ଭାଙ୍ଗି ଲୁଟେରା ଲକ୍ଷାଧିକ ଟଙ୍କାର ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ତିନି ନମ୍ବର ଠାରେ ଥିବା ସରକାରୀ କ୍ୱାର୍ଟର୍ସରେ ରୁହନ୍ତି ପୁଷ୍ପଲତା ସାମଲ ଓ ତାଙ୍କ ଝିଅ । ସୋମବାର ସେ ଘରେ ନଥିବା ସୁଯୋଗରେ ବିଳମ୍ବିତ ରାତିରେ ଲୁଟେରା କବାଟ ଭାଙ୍ଗି ଘର ଭିତରକୁ ଯିବା ପରେ ଆଲମାରୀ ପ୍ରଭୃତି ଭାଙ୍ଗି ଗହଣା ଓ ଟଙ୍କା ଲୁଟି ନେଇଛନ୍ତି । ଘରର ସମସ୍ତ ଆସବାବପତ୍ର ଆଡେସାଡେ ପଡିଥିବା ଦେଖିବାକୁ ମିଳିଥିଲା । ପୋଲିସ ଅଭିଯୋଗ କରିବା ସମ୍ପର୍କରେ ପଚାରିବାରୁ ଅଭିଯୋଗ କରିଛି, ହେଲେ କ'ଣ ହେବ ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ । କାରଣ ପୂର୍ବରୁ ଦୁଇଥର ଲୁଟ୍ ସମ୍ପର୍କରେ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି ପୋଲିସ କାହାରିକୁ ଗିରଫ କରିନାହିଁ । ଲୁଟେରାମାନେ କ୍ୱାର୍ଟର୍ସ ବୁଲି ରେକି କରୁଛନ୍ତି । ଯେଉଁ କ୍ୱାର୍ଟର୍ସ ତାଲା ପଡୁଛି, ସେ କ୍ୱାର୍ଟର୍ସରୁ ଲୁଟ୍ ହେବା ନିଶ୍ଚିତ ବୋଲି ପୁଷ୍ପଲତା କହିଛନ୍ତି ।

## ଆଇସିସି ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କୃଷି ଅନ୍ତର୍ଜାତୀୟ ସମ୍ମିଳନୀ- ୨୦୨୫

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ଚାମ୍ବର ଅଫ୍ କର୍ମସ(ଆଇସିସି) ପକ୍ଷରୁ ଏମଏସଏମଇ କୃଷି ଆନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ ରାଜ୍ୟରେ ଏବେ ଅଧିକ ଧାନ ହେଉଛି। ଯେତିକି ରାଇସ ମିଲ ଅଛି ତା ଠୁ ଆହୁରି ଅଧିକ ଆବଶ୍ୟକତା ରହିଛି। ଛତିଶଗଡ଼ରେ ୨୬ ଶହ ରାଇସ ମିଲ ଥିବା ବେଳେ ଆମ ରାଜ୍ୟରେ ମାତ୍ର ୧୪ ଶହ ମିଲ ଅଛି ଓ ଅନେକ ଛୋଟ ମିଲ ମଧ୍ୟ ରହିଛି। ଏଣୁ ରାଇସ ମିଲର ଆବଶ୍ୟକତା ରହିଛି। ମିଲ ଅଭାବ ଥିବାରୁ ଧାନ ସଂଗ୍ରହ କରିବାରେ ଅସୁବିଧା ହେଉଛି। ରାଜ୍ୟରେ ଆହୁରି ୪ ଶହ ରୁ ୫ ଶହ ରାଇସ ମିଲ ଆବଶ୍ୟକ। ସାଧାରଣ ଜନତା ମିଲ ଖୋଲିଲେ ସରକାର ୫୦ ପ୍ରତିଶତ ସବସିଡି ଦେବେ। ରାଜ୍ୟରେ ଏବେ ଉତ୍ପାଦିତ ଚାଉଳ ରୁ ରାଜ୍ୟର ଆବଶ୍ୟକତା ଏବଂ ଏଫସିଆଇକୁ ମିଶାଇଲେ ୪୬ ଲକ୍ଷ ମେଟ୍ରିକ୍ ଟନ୍ ଯାଉଛି। ବଳକା ୧୨ ରୁ ୧୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଆମ ପାଖେ ରହୁଛି। ବଳକା ଚାଉଳ ରଖିବା ପାଇଁ ନୂଆ ଗୋଦାମ କରୁଛନ୍ତି ସରକାର୍। ନୂଆ ପଲିସି ଖୁବଶୀଘ୍ର ଆସିବ। ବଳକା ଚାଉଳ କୁ ରପ୍ତାନି କରାଯିବ ଏବଂ ଇଥନାଲ କମ୍ପାନୀ କୁ ସବସିଡି ରେ ଦିଆଯିବ। ଏନେଇ ସରକାର ଚିନ୍ତା କରୁଛନ୍ତି। ଚାଷୀ ଙ୍କୁ ସରକାର ପ୍ରତିଶ୍ରୁତି ଦେଇଛନ୍ତି ଚାଷ କଲେ ସରକାର ଧାନ ନେବେ ଏବଂ ଚାଉଳ କରିବେ। ଚାଷୀ କୌଣସି ଅସୁବିଧାରେ ପଡ଼ିବ ନାହିଁ। ଟୋକନ୍ ଦିଆଯାଇଛି ତାହା ଲାପ୍ସ ହେବ ନାହିଁ ବୋଲି ସେ କହିଥିଲେ।



ଏମଏସଏମଇ ତଥା ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଓଡିଶାରେ ଏମ୍‌ଏସ୍‌ଏମ୍‌ଇକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବା ସହ ବହୁ ଗୁଡାଏ ଯୋଜନା ଅଣାଯାଇଛି। ଯାହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଯେଉଁ ଅସୁବିଧା ଥିଲା ତାକୁ ଦୂର କରାଯାଇ ପାରିଛି। ସ୍ୱତନ୍ତ୍ର ଭାଷଣ ଦେଇ, ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଯୁଗ୍ମ ସଚିବ ମର୍ସି ଏପାଓ, ରପ୍ତାନି ବୃଦ୍ଧି କରିବା ଲକ୍ଷ୍ୟରେ ମନ୍ତ୍ରଣାଳୟର ଆନ୍ତର୍ଜାତୀୟ ସହଯୋଗ (ଆଇସି) ଯୋଜନା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ସ୍ୱାଗତ ଭାଷଣରେ, ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ବରିଷ୍ଠ ଉପାଧ୍ୟକ୍ଷ ଧର୍ମାଦିତ୍ୟ ପଟ୍ଟନାୟକ, ଆଇସିସିର ଶତବାର୍ଷିକୀ ବର୍ଷରେ ଏହି ସମ୍ମିଳନୀର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀରାମ ପଣ୍ଡା, ସଂଯୋଜକ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ କମିଟି, ଆଇସିସି ଓଡ଼ିଶା ଏବଂ ପରିଚାଳନା ନିର୍ଦ୍ଦେଶକ, ମିଟ୍ସ ମେଘାଳୟ ଫୁଡ୍ ପାର୍କ। ଡକ୍ଟର ପ୍ରଦୀପ୍ତ ମହାନ୍ତି, ସଦସ୍ୟ - କୋର ଏବଂ ପରାମର୍ଶଦାତା କମିଟି, ଆଇସିସି ଓଡ଼ିଶା ଏବଂ ଅଧ୍ୟକ୍ଷ, ଏସଏନଏମ୍ ଗ୍ରୁପ୍, ଶିଳ୍ପ 4.0 କୁ କୃଷି-ଏମଏସଏମଇ ରେ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକର ଏମଏସଏମଇ-ଡିଏଫଓର ଆଇଇଏସ୍ ଉପନିର୍ଦ୍ଦେଶକ ନୀତିଶ ମାନ୍, ଡ.ପ୍ରଶାନ୍ତ କୁମାର ରେଡ୍ଡୀ, ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା ସରକାରଙ୍କ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ଏନଏଫଟିଇଏମ-ଟି ନିର୍ଦ୍ଦେଶକ ପ୍ରଫେସର ଭି. ପଲାନିମୁଥୁ ମଧ୍ୟ ଭର୍ଚୁଆଲ୍ ଭାବରେ ସମ୍ବୋଧିତ ହୋଇଥିଲେ। ସେ ମୂଲ୍ୟ ଶୃଙ୍ଖଳ ବିକାଶ, ପ୍ରଯୁକ୍ତିବିଦ୍ୟା-ଚାଳିତ ପ୍ରକ୍ରିୟାକରଣ ଏବଂ କ୍ଷମତା ନିର୍ମାଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆଇସିସି ଓଡ଼ିଶାର କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ କମିଟିର ସହ-ସଂଯୋଜକ କର୍ଣ୍ଣେଲ ସୁଜନ ମହାନ୍ତି ଏବଂ ଆଇସିସି ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଲ ମିଳିତ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ୟୁକୋ ବ୍ୟାଙ୍କର କୃଷି, ଏମ୍‌ଏସ୍‌ଏମ୍‌ଇ ଓ ସମ୍ବଳ ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କୃଷି , ଏମ୍‌ଏସ୍‌ଏମ୍‌ଇ ଓ ସମ୍ବଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ଦ୍ୱାରା ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଥିଲା। ଯାହା ଓଡିଶାରେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ ଆର୍ଥିକ ସଶକ୍ତିକରଣ ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିଥିଲା। ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗୀ, ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଏମ୍‌ଏସ୍‌ଏମ୍‌ଇ ଏବଂ କୃଷି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ। ଏହି ମହୋତ୍ସବରେ ଋଣ ସୁବିଧା, ଡିଜିଟାଲ ବ୍ୟାଙ୍କିଂ ସଚେତନତା ଏବଂ ସମ୍ବଳ ସଂଗ୍ରହ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଏଥିରେ ଉତ୍ପାଦ ପ୍ରଦର୍ଶନୀ, ଆର୍ଥିକ ସାକ୍ଷରତା ଅଧିବେସନ ଏବଂ ତୁରନ୍ତ ଋଣ ମଞ୍ଜୁରୀ ଭଳି କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଥିଲା। ଏହି ଅବସରରେ କୋଲକାତାସ୍ଥିତ ୟୁକୋ ବ୍ୟାଙ୍କ ପ୍ରଧାନ କାର୍ଯ୍ୟାଳୟ ଅସୁଲି ଏବଂ ଆଇନ ବିଭାଗର ମହାପ୍ରବନ୍ଧକ ଅଙ୍କିତ ରାଣା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭାଗବତ ସିଂ ଭାକୁନି ଏବଂ କଟକ ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଶ୍ରୀମତୀ ବର୍ଷା ଉପସ୍ଥିତ ଥିଲେ। ବିଭିନ୍ନ ସରକାରୀ ଯୋଜନା ଅଧିନରେ ହିତାଧିକାରୀମାନଙ୍କୁ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ମହିଳା ସଶକ୍ତିକରଣ, ଗ୍ରାମୀଣ ଉଦ୍ୟୋଗ ଏବଂ ସ୍ଥାୟୀ କୃଷିକୁ ସମର୍ଥନ କରିବା ପାଇଁ କୃଷି , ଏମ୍‌ଏସ୍‌ଏମ୍‌ଇ ଓ ସମ୍ବଳ ସହିତ ଜଡିତ ବ୍ୟାଙ୍କର ବିଭିନ୍ନ ଯୋଜନା ପିପିଟି ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ମହୋତ୍ସବ ଅବସରରେ ୟୁକୋ ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଫଳ କାହାଣୀଗୁଡିକୁ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା ଯାହା ଦର୍ଶାଇଥିଲା ଯେ କିପରି ସୁଗମ ଆର୍ଥିକ ଏବଂ ଦକ୍ଷତା ନିର୍ମାଣ କାର୍ଯ୍ୟକ୍ରମଗୁଡିକ ସକାରାତ୍ମକ ପରିବର୍ତ୍ତନ ଆଣିପାରେ। ପରିଶେଷରେ ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



## ଜୁଲାଇ ପହିଲାରୁ ବଢ଼ିବ ଟ୍ରେନ ଭଡ଼ା

ଭୁବନେଶ୍ୱର(ସବ୍ୟୁ): ରେଳଯାତ୍ରୀଙ୍କ ପାଇଁ ମହଙ୍ଗା ହେବ ଟ୍ରେନ ଯାତ୍ରା । ଦୀର୍ଘ ବର୍ଷ ପରେ ଭାରତୀୟ ରେଳବାଇ ଚଳିତ ବର୍ଷ ଜୁଲାଇ ୧ରୁ ଟ୍ରେନ ଭଡ଼ାରେ ସଂଶୋଧନ କରୁଛି । ତେବେ ଲୋକାଲ୍ ଟ୍ରେନ ଭଡ଼ା ଅପରିବର୍ତ୍ତିତ ରହିଛି । କେବଳ ଦୂର ଯାତ୍ରା କରୁଥିବା ଯାତ୍ରୀଙ୍କ କ୍ଲାସ୍ ଓ ଦୂରତା ଆଧାରରେ ଭଡ଼ା ବୃଦ୍ଧି କରାଯିବ । ଯଦିଓ ଟ୍ରେନ ଯାତ୍ରା ମହଙ୍ଗା ହେବାକୁ ଯାଉଛି, କିନ୍ତୁ ଏହା କେବଳ କିଛି ଯାତ୍ରୀଙ୍କ କ୍ଷେତ୍ରରେ । ସଂଶୋଧିତ ଭଡ଼ା ଜୁଲାଇ ପହିଲାରୁ ଲାଗୁ କରାଯିବ । ଲୋକାଲ୍ ଟ୍ରେନ ଏବଂ ମାସିକ ସିଜନ ଟିକେଟରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ପାଇଁ ଭଡ଼ା ଅପରିବର୍ତ୍ତିତ ରହିବ । ଅନ୍ୟ ଯାତ୍ରୀଙ୍କ ଭଡ଼ାରେ ସାମାନ୍ୟ ବୃଦ୍ଧି କରାଯିବ ।

ନନ୍-ଏସି ମେଲ୍ କିମ୍ବା ଏକ୍ସପ୍ରେସ ଟ୍ରେନରେ ଯାତ୍ରା କରୁଥିଲେ କିଲୋମିଟର ପିଛା ୧ ପଇସା ବୃଦ୍ଧି ହେବ । ଅର୍ଥାତ ୧୦୦୦ କିଲୋମିଟର ଯାତ୍ରା ପାଇଁ ଆପଣଙ୍କୁ ଅଧିକ ୧୦ ଟଙ୍କା ଦେବାକୁ ପଡିବ । ସେହିପରି ସବୁ ଏସି ପାସେଞ୍ଜର ବା ଏସି କ୍ଲାସରେ (ଟାୟାର-୩, ଟାୟାର-୨ ଓ ଫାଷ୍ଟ କ୍ଲାସ୍ ଏସି) ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଭଡ଼ା କିଲୋମିଟର ପିଛା ୨ ପଇସା ବୃଦ୍ଧି ପାଇବ । ଏହାର ଅର୍ଥ ୧୦୦୦ କିଲୋମିଟର ଯାତ୍ରା ପାଇଁ ଆପଣ ୨୦ ଟଙ୍କା ଅଧିକ ଭଡ଼ା ଦେବେ । ହେଲେ ଆପଣ ଯଦି ସାଧାରଣ ସେକେଣ୍ଡ କ୍ଲାସ୍‌ରେ ୫୦୦ କିଲୋମିଟର ଯାଏଁ ଯାତ୍ରା କରୁଛନ୍ତି ତାହେଲେ ଭଡ଼ା ବଢିବ ନାହିଁ ।

## ନୋଏଡାରେ ମାଲାବାର ଖୋଲିଲା ନୂଆ ଶୋ ରୁମ



ଭୁବନେଶ୍ୱର, (ସବ୍ୟୁ): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ତାହାର ୪୦୦ତମ ଶୋ'ରୁମ୍ ନୋଏଡାର ସେକଟର ୧୮ରେ ଖୋଲିଛି । ବର୍ତ୍ତମାନ ୬୩,୦୦୦ କୋଟି ଟଙ୍କାର ବ୍ୟବସାୟ ଏବଂ ୧୩ଟି ଦେଶରେ ଉପସ୍ଥିତି ସହିତ, ବ୍ରାଣ୍ଡଟି ୭୮,୦୦୦ କୋଟିକୁ ରାଜସ୍ୱ ବୃଦ୍ଧି କରିବା ଏବଂ ୬୦ଟି ଶୋ'ରୁମ୍ ଖୋଲିବା ପାଇଁ ଲକ୍ଷ୍ୟ ରଖିଛି । ଚଳିତ ଆର୍ଥିକ ବର୍ଷରେ ୧୫ଟି ଦେଶ ଏବଂ ୨୨ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳ ଭାରତରେ ଏହାର ଉପସ୍ଥିତିକୁ ବିସ୍ତାର କରିବ । ମାଲାବାର ଏହାର ଖୁଚୁରା ବ୍ୟବସାୟକୁ ବୃଦ୍ଧି କରିବା ସହିତ, ଏହା ନିଯୁକ୍ତି ସୃଷ୍ଟି କରିବାକୁ ପ୍ରତିବଦ୍ଧ ରହିଛ । ଏହାର ବିଶ୍ୱସ୍ତରୀୟ କର୍ମଶକ୍ତିକୁ ପ୍ରାୟ ୨୭,୨୫୦ ପରିଚାଳନା ଦଳର ସଦସ୍ୟଙ୍କ ପର୍ଯ୍ୟନ୍ତ ବିସ୍ତାର କରିବାର ଯୋଜନା ସହିତ ବିଶ୍ୱର ସବୁଠାରୁ ବିଶ୍ୱସ୍ତ ଏବଂ ଦାୟିତ୍ୱପୂର୍ଣ୍ଣ ଅଳଙ୍କାର ବ୍ରାଣ୍ଡ ମଧ୍ୟରୁ ଗୋଟିଏ ଭାବରେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ମାଲାବାର ଗ୍ରୁପର ଅଧ୍ୟକ୍ଷ ଅହମ୍ମଦ କହିଛନ୍ତି, ନୋଏଡାରେ ଆମର ୪୦୦ତମ ଶୋ'ରୁମ୍ ଖୋଲିବା ପାଇଁ ଆମେ ବହୁତ ଖୁସି । ଏହି ମାଇଲଖୁଣ୍ଟ ଆମର ଅଭିବୃଦ୍ଧି ମହାକାଂକ୍ଷାର ପ୍ରମାଣ ଏବଂ ସାରା ଭାରତ ଏବଂ ବିଶ୍ୱ ସ୍ତରରେ ଆମର ସର୍ବାଧିକ ବିସ୍ତାରିତ ପାଦଚିହ୍ନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

### ଚୀନ୍ ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଲେ ଡୋଭାଲ

# ଆତଙ୍କବାଦ ଉପରେ ଦୋମୁହାଁ ନୀତିକୁ ପ୍ରତ୍ୟାଖ୍ୟାନ



ସାଂଘାଇ: ଆତଙ୍କବାଦ ବିରୋଧରେ ଲଢ଼େଇରେ 'ଦୋମୁହାଁ ନୀତିକୁ ପ୍ରତ୍ୟାଖ୍ୟାନ କରାଯିବା ଉଚିତ । ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସଦସ୍ୟ ରାଷ୍ଟ୍ରଗୁଡ଼ିକର ଶୀର୍ଷ ଜାତୀୟ ସୁରକ୍ଷା ଅଧିକାରୀଙ୍କ ଏକ ସମ୍ମିଳନୀରେ ଯୋଗଦେବା ପାଇଁ ଚୀନରେ ଥିବା ଅଜିତ ଡୋଭାଲ ସମର୍ଥନ କରିଛନ୍ତି । ଚୀନ୍ ପାକିସ୍ତାନର ସବୁଠାରୁ ବଡ଼ ମିତ୍ର ଏବଂ ଅଂଶୀଦାରମାନଙ୍କ ମଧ୍ୟରୁ ଗୋଟିଏ, ଏବଂ ଆତଙ୍କବାଦୀଙ୍କୁ ସମର୍ଥନ କରିବା ପାଇଁ ସେମାନଙ୍କ ବିରୁଦ୍ଧରେ କଟକଣା ଅବରୋଧ କରିବାରେ ସାହାଯ୍ୟ କରିଛି । ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦର ମୁକାବିଲା ପାଇଁ ମିଳିତ ସୂଚନା ଅଭିଯାନ ପାଇଁ ଆହ୍ୱାନ ଦେଇ ଡୋଭାଲ ସଦସ୍ୟ ରାଷ୍ଟ୍ରମାନଙ୍କୁ ଜାତିସଂଘ ଦ୍ୱାରା ନିଷିଦ୍ଧ ଆତଙ୍କବାଦୀ ଏବଂ ଲସ୍କର ଏବଂ ସେମାନଙ୍କର ପ୍ରକ୍ସି ଭଳି ସଂସ୍ଥା ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ସେମାନଙ୍କର ଆତଙ୍କୀ ଇକୋସିଷ୍ଟମକୁ ଭାଙ୍ଗି ଦେବାକୁ କହିଥିଲେ । ସେ ଏସ୍‌ସିଓ ସଦସ୍ୟମାନଙ୍କୁ ସୀମାପାର ଆତଙ୍କବାଦ କାର୍ଯ୍ୟର ଅପରାଧୀ, ଆୟୋଜକ, ଆର୍ଥିକ ସହାୟତା ପ୍ରଦାନକାରୀ ଏବଂ ପ୍ରାୟୋଜକଙ୍କୁ ଦାୟୀ କରିବାକୁ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସାହାଯ୍ୟ କରିବାକୁ ନିବେଦନ କରିଥିଲେ । ସୋମବାର ଦିନ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗୟିଙ୍କ ସହ ତାଙ୍କର ସାକ୍ଷାତ ସମୟରେ ମଧ୍ୟ, ଡୋଭାଲ ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ପାଇଁ ସମସ୍ତ ପ୍ରକାରର ଆତଙ୍କବାଦର ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତ ଆତଙ୍କବାଦର ମୁକାବିଲାର ଗୁରୁତ୍ୱ ଉପରେ ବିଶ୍ୱର ଅନ୍ୟ ଦେଶକୁ ଏକ ଦୃଢ଼ ବାର୍ତ୍ତା ପଠାଇବାକୁ ଚେଷ୍ଟା କରୁଛି । ୨୨ ଏପ୍ରିଲରେ କାଶ୍ମୀରରେ ହୋଇଥିବା ଘାତକ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ମେ ୭ ତାରିଖରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ନଅଟି ଆତଙ୍କବାଦୀ ଭିତ୍ତିଭୂମି ଉପରେ ସଠିକ୍ ଆକ୍ରମଣ କରିଥିଲା । ଏହା ମେ ୧୦ ତାରିଖରେ ଉଭୟ ଦେଶର ଡିଜିଏମଓଙ୍କ ଦ୍ୱାରା ଯୁଦ୍ଧବିରତି ଉପରେ ରାଜି ହେବା ପୂର୍ବରୁ ଦୁଇ ଦେଶ ମଧ୍ୟରେ ଚାରି ଦିନିଆ ସାମରିକ ସଂଘର୍ଷର କାରଣ ହୋଇଥିଲା ।

# ଅସ୍ତ୍ରଶସ୍ତ୍ର ବିକ୍ରି ବଜାର ଖୋଜୁଛନ୍ତି ଟ୍ରମ୍ପ

ୱାଶିଂଟନ: ଇରାନ - ଇସ୍ରାଏଲ ଓ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି କରି ନିଜକୁ ଶାନ୍ତିର ପ୍ରବକ୍ତା ଭାବରେ ଉପସ୍ଥାପନ କରୁଥିବା ରାଷ୍ଟ୍ରପତି ଟ୍ରମ୍ପ ଆମେରିକାର ଅସ୍ତ୍ରଶସ୍ତ୍ର ବ୍ୟବସାୟକୁ ଅଧିକ ବଢାଇବା ପାଇଁ ଯୋଜନା କରିବା ଆରମ୍ଭ କରିଛନ୍ତି ।ନେଦରଲ୍ୟାଣ୍ଡର ରାଜଧାନୀ ହେଗରେ ଜୁନ୍ ୨୪-୨୫ରେ ଅନୁଷ୍ଠିତ ହେବାକୁ ଥିବା ନାଟୋ ସମ୍ମିଳନୀର ସୂଚନା ଅନୁସାରେ ଟ୍ରମ୍ପ ଆମେରିକାର ଅସ୍ତ୍ରଶସ୍ତ୍ର ବିକ୍ରି ପାଇଁ ବଜାର ଖୋଜିବା ଆରମ୍ଭ କରିଥିବା କୁହାଯାଉଛି । ଯେଉଁଠାରେ ନାଟୋର ସଦସ୍ୟ ଦେଶଗୁଡ଼ିକର ପ୍ରତିରକ୍ଷା ବଜେଟ୍ ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନିଆଯାଇପାରେ ବୋଲି କଳ୍ପନାଜଳ୍ପନା କରାଯାଉଛି ।



ଆମେରିକା ଚାହୁଁଛି ଯେ, ନାଟୋ ଦେଶଗୁଡ଼ିକ ଏବେ ପ୍ରତିରକ୍ଷା ପାଇଁ ସେମାନଙ୍କର ଜିଡ଼ିପିର ୫ ପ୍ରତିଶତ ଅର୍ଥାତ୍ ବର୍ତ୍ତମାନର ସୀମାଠାରୁ ଅଢ଼େଇ ଗୁଣା ଅଧିକ ଖର୍ଚ୍ଚ କରନ୍ତୁ ଏହି ପ୍ରସ୍ତାବୟୁରୋପୀୟ ଦେଶମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିଛି । କିଛି ଦେଶ ଟ୍ରମ୍ପଙ୍କ ଏହି ନୂତନ ଦାବିକୁ ସମର୍ଥନ କରୁଥିବା ବେଳେ ସ୍ପେନ୍ ଭଳି କିଛି ଦେଶ ଖୋଲାଖୋଲି ଭାବେ ଏହାକୁ ବିରୋଧ କରୁଛନ୍ତି । ନାଟୋ ଅର୍ଥାତ୍ ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନର ସଦସ୍ୟ ଦେଶଗୁଡ଼ିକ ପ୍ରତିବର୍ଷ ସୁରକ୍ଷା ଏବଂ ପ୍ରତିରକ୍ଷା ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଏକାଠି ହୁଅନ୍ତି । ଏହି ବର୍ଷର ଶିଖର ସମ୍ମିଳନୀ ବିଶେଷ, କାରଣ ସୁରକ୍ଷା ସହିତ ଆଗାମୀ ବର୍ଷଗୁଡ଼ିକ ପାଇଁ ପ୍ରତିରକ୍ଷା ଖର୍ଚ୍ଚ ଉପରେ ମଧ୍ୟ ଏକ ବଡ଼ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଛି ।

ଏପର୍ଯ୍ୟନ୍ତ, ନାଟୋ ଦେଶଗୁଡ଼ିକର ଲକ୍ଷ୍ୟ ଥିଲା ସେମାନଙ୍କ ଜିଡ଼ିପିର ଅତି କମରେ ୨% ପ୍ରତିରକ୍ଷା ପାଇଁ ଖର୍ଚ୍ଚ କରିବାକୁ କିନ୍ତୁ ୨୦୨୪ରେ ମଧ୍ୟ, ପ୍ରାୟ ଏକ ତୃତୀୟାଂଶ ସଦସ୍ୟ ଏହି ଲକ୍ଷ୍ୟ ହାସଲ କରିପାରି ନାହାନ୍ତି । ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଏହି ଲକ୍ଷ୍ୟକୁ ୫% କୁ ବୃଦ୍ଧି କରିବା ପାଇଁ ନାଟୋ ସଦସ୍ୟଙ୍କ ଉପରେ ଚାପ ପକାଉଥିବା କୁହାଯାଉଛି ।

ଡୋନାଲ୍ଡ ଟ୍ରମ୍ପ ବହୁ ଦିନ ଧରି କହିଆସୁଛନ୍ତି ଯେ, ନାଟୋର ସୁରକ୍ଷା ପାଇଁ କେବଳ ଆମେରିକା ମୂଲ୍ୟ ଦେଉଛି । ଟ୍ରମ୍ପଙ୍କ ଯୋଜନା ଅନୁଯାୟୀ, ନାଟୋ ଦେଶମାନଙ୍କୁ ସେମାନଙ୍କର ଜିଡ଼ିପିର ୩.୫% ସିଧାସଳଖ ସାମରିକ ଖର୍ଚ୍ଚ ଏବଂ ୧.୫% ସାଇବର ସୁରକ୍ଷା, ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ସ ଭଳି ସମର୍ଥନ ପ୍ରଣାଳୀରେ ଖର୍ଚ୍ଚ କରିବାକୁ ପଡିବ ।

ଅନେକ ଦେଶ ଏହି ଦୁଇ-ମୁଖୀ ପ୍ରସ୍ତାବକୁ ସମର୍ଥନ କରିଛନ୍ତି, କିନ୍ତୁ ସମୟସୀମା ଏବଂ ସମ୍ବଳ ବିଷୟରେ ସେମାନଙ୍କର ଚିନ୍ତା ମଧ୍ୟ ପ୍ରକାଶ କରିଛନ୍ତି । ଅନେକ ବିଶେଷଜ୍ଞ କହିଛନ୍ତି ଯେ, ଏହି ପ୍ରତିରକ୍ଷା ବଜେଟ ବୃଦ୍ଧି ମାଧ୍ୟମରେ ଆମେରିକା ନିଜର ଅସ୍ତ୍ରଶସ୍ତ୍ର ଶିଳ୍ପକୁ ମଜବୁତ କରିବାକୁ ଚାହୁଁଛି । ଅଧିକ ପ୍ରତିରକ୍ଷା ବଜେଟ ଅର୍ଥ ଅଧିକ କ୍ରୟ ଏବଂ ଅଧିକ ଅର୍ଡରଛ ଏଥିରେ ସବୁଠାରୁ ବଡ଼ କାରବାର ଆମେରିକୀୟ କମ୍ପାନିଗୁଡ଼ିକ କରୁଛନ୍ତି ।

ଏହି ପ୍ରସ୍ତାବ ଉପରେୟୁରୋପ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଛି । ଜର୍ମାନୀ, ନେଦରଲ୍ୟାଣ୍ଡ ଏବଂ ଲିଥୁନିଆ ଭଳି ବାଲଟିକ୍ ଦେଶ୩.୫% ଖର୍ଚ୍ଚ କରିବାକୁ ସମର୍ଥନ କରୁଛନ୍ତି କାରଣ ରୁଷିଆର ବିପଦ ସେମାନଙ୍କ ଦ୍ୱାରଦେଶକୁ ଆସିଛି । କିନ୍ତୁ ସ୍ପେନ୍, ଇଟାଲୀ ଏବଂ ଅନ୍ୟାନ୍ୟ ଅନେକ ଦେଶ ଏହାକୁ ଅଦରକାରୀ ବୋଲି କହୁଛନ୍ତି ।

ନାଟୋର ଆଭ୍ୟନ୍ତରୀଣ ବିତର୍କ କେବଳ ଖର୍ଚ୍ଚ ପରିମାଣ ଉପରେ ନୁହେଁ ବରଂ ସମୟସୀମା ଉପରେ ମଧ୍ୟ ଅଛି । କିଛି ଦେଶ ଚାହାଁନ୍ତି ଯେ, ଏହି ନୂତନ ଲକ୍ଷ୍ୟ ୨୦୩୫ ସୁଦ୍ଧା କାର୍ଯ୍ୟକାରୀ ହେଉ, ଯେତେବେଳେ ଆମେରିକା ୨୦୩୦ ସୁଦ୍ଧା ଏହି ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛ ।



ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସଂସ୍ଥାର ଅଧକ୍ଷ ଶଶିଭୂଷଣ ନାୟକ ଉପସ୍ଥିତ ।

### ଶ୍ରୀ ନାରାୟଣ ଗୁରୁ ଏବଂ ମହାତ୍ମା ଗାନ୍ଧୀଙ୍କ ମଧ୍ୟରେ ଐତିହାସିକ ଆଲୋଚନାର ଶତବାର୍ଷିକୀ ସମାରୋହ

# ସଦ୍ଭାବ, ବିକଶିତ ଭାରତର ପ୍ରେରଣା ମିଳିଥିଲା : ମୋଦି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଭାରତର ଦୁଇ ମହାନ ଆଧ୍ୟାତ୍ମିକ ଏବଂ ନୈତିକ ନେତା ଶ୍ରୀ ନାରାୟଣ ଗୁରୁ ଏବଂ ମହାତ୍ମା ଗାନ୍ଧୀଙ୍କ ମଧ୍ୟରେ ହୋଇଥିବା ଐତିହାସିକ ଆଲୋଚନାର ଶତବାର୍ଷିକୀ ପାଳନଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ସମ୍ମାନପୂର୍ବକ ଶୁଭେଚ୍ଛା ଜଣାଇଥିଲେ, କହିଥିଲେ ଯେ ଆଜି ଏହି ସ୍ଥାନ ଦେଶର ଇତିହାସରେ ଏକ ଅଭୂତପୂର୍ବ ମୁହୂର୍ତ୍ତର ସାକ୍ଷୀ ହେଉଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ , ଏହା ଏକ ଐତିହାସିକ ଘଟଣା ଯାହା ଆମର ସ୍ୱାଧୀନତା ଆନ୍ଦୋଳନକୁ ନୂତନ ଦିଗଦର୍ଶନ ଦେଇଥିଲା, ସ୍ୱାଧୀନତାର ଉଦ୍ଦେଶ୍ୟ ଏବଂ ସ୍ୱାଧୀନ ଭାରତର ସ୍ୱପ୍ନକୁ ପ୍ରକୃତ ଅର୍ଥ ଦେଇଥିଲା । ୧୦୦ ବର୍ଷ ପୂର୍ବେ ଶ୍ରୀ ନାରାୟଣ ଗୁରୁ ଏବଂ ମହାତ୍ମା ଗାନ୍ଧୀଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ଆଜି ମଧ୍ୟ ପ୍ରେରଣାଦାୟକ ଏବଂ ପ୍ରାସଙ୍ଗିକ ଅଟେ, ଏବଂ ସାମାଜିକ ସଦ୍ଭାବ ଏବଂ ଏକ ବିକଶିତ ଭାରତର ସାମୂହିକ ଲକ୍ଷ୍ୟ ପାଇଁ ଶକ୍ତିର ଏକ ଶକ୍ତିଶାଳୀ ଉତ୍ସ ଭାବରେ କାର୍ଯ୍ୟ କରେ, ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଐତିହାସିକ ଅବସରରେ, ସେ ଶ୍ରୀ ନାରାୟଣ ଗୁରୁଙ୍କ ପାଦତଳେ ପ୍ରଣାମ କରିଥିଲେ ଏବଂ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ନାରାୟଣ ଗୁରୁଙ୍କ ଆଦର୍ଶ ସମଗ୍ର ମାନବଜାତି ପାଇଁ ଏକ ମହାନ ସମ୍ପତ୍ତିବୋଲି ଶ୍ରୀ ମୋଦୀ ଉଦବୋଧନ ଦେଇ କହିବା ସହିତ ଏହା ଉଲ୍ଲେଖ କରିଥିଲେ ଯେ, ଦେଶ ଏବଂ ସମାଜର ସେବା ପାଇଁ ପ୍ରତିବଦ୍ଧ ଲୋକଙ୍କ ଲାଗି ଶ୍ରୀ ନାରାୟଣ ଗୁରୁ ଜଣେ ମାର୍ଗଦର୍ଶକ ଆଲୋକବର୍ତ୍ତିକା ଭାବରେ କାର୍ଯ୍ୟ କରନ୍ତି । ସେ ସମାଜର ଦଳିତ, ଶୋଷିତ ଏବଂ ବଞ୍ଚିତ ବର୍ଗଙ୍କ ସହିତ ତାଙ୍କର ଦୀର୍ଘକାଳୀନ ସମ୍ପର୍କଉପରେ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଆଜି ମଧ୍ୟ, ଯେତେବେଳେ ସେ ଏହି ସମ୍ପ୍ରଦାୟଗୁଡ଼ିକର ଉନ୍ନତି ପାଇଁ ପ୍ରମୁଖ ନିଷ୍ପତ୍ତି ନିଅନ୍ତି, ସେ ଗୁରୁଦେବଙ୍କୁ ସ୍ମରଣ କରନ୍ତି । ଶତାବ୍ଦୀ ଧରି ଉପନିବେଶବାଦୀ ଶାସନର ବିକୃତି ଦ୍ୱାରା ଗଠିତ ୧୦୦ ବର୍ଷ ପୂର୍ବର ସାମାଜିକ ପରିସ୍ଥିତି ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ , ସେହି ସମୟରେ ଲୋକମାନେ ପ୍ରଚଳିତ ସାମାଜିକ କୁପ୍ରଥା ବିରୁଦ୍ଧରେ କଥା ହେବାକୁ ଭୟ କରୁଥିଲେ । ତଥାପି, ସେ ଏହା ଉପରେ ଆଲୋକପାତ କରିଥିଲେ ଯେ , ଶ୍ରୀ ନାରାୟଣ ଗୁରୁ ବିରୋଧୀଙ୍କ ଦ୍ୱାରା କରାଯାଉଥିବା ନିରନ୍ତର ବିରୋଧାଭାଷ ଏବଂ ଆହ୍ୱାନ ପ୍ରତି ଭୟଭୀତ ନ ଥିଲେ । ପ୍ରଧାନମନ୍ତ୍ରୀ ସୂଚାଇଥିଲେ ଯେ, ଶ୍ରୀ ନାରାୟଣ ଗୁରୁଙ୍କ ଦୃଢ଼ ବିଶ୍ୱାସ ସତ୍ୟ, ସେବା ଏବଂ ସଦ୍ଭାବନାରେ ଦୃଢ଼ ବିଶ୍ୱାସ ସହିତ ସମନ୍ୱୟ ଏବଂ ସମାନତାରେ ନିହିତ ଥିଲା । ଏହି ପ୍ରେରଣା ଆମକୁ 'ସବକା ସାଥ, ସବକା ବିକାଶ'ର ପଥ ଦେଖାଏ ବୋଲି ଦୃଢ଼ୋକ୍ତି କରି ଶ୍ରୀ ମୋଦୀ କହିଥିଲେ ଯେ, ଏହି ବିଶ୍ୱାସ ଆମକୁ ଏପରି ଏକ ଭାରତ ନିର୍ମାଣ କରିବାକୁ ସଶକ୍ତ କରେ, ଯେଉଁଠାରେ ଶେଷ ମାଇଲରେ ଠିଆ ହୋଇଥିବା ବ୍ୟକ୍ତି ଆମର ସର୍ବୋଚ୍ଚ ପ୍ରାଥମିକତା ହେବ ।



ଶିବଗିରିମଠସହିତଜଡିତ ଲୋକମାନେଏବଂସନ୍ଥମାନେଶ୍ରୀନାରାୟଣଗୁରୁଏବଂମଠପ୍ରତିତାଙ୍କରଗଭୀରଏବଂଅଟଳବିଶ୍ୱାସବିଷୟରେଭଲଭାବରେଜାଣନ୍ତିବୋଲିଉଲ୍ଲେଖକରିପ୍ରଧାନମନ୍ତ୍ରୀପ୍ରକାଶକରିଥିଲେଯେ,ସେସର୍ବଦାମଠରପୂଜ୍ୟସନ୍ଥମାନଙ୍କସ୍ନେହଦ୍ୱାରାଆଶୀର୍ବାଦପ୍ରାପ୍ତଛସେ୨୦୧୩ମସିହାରେକେଦାରନାଥରେଘଟିଥିବାପ୍ରାକୃତିକବିପର୍ଯ୍ୟୟକୁମନେପକାଇଥିଲେ, ଯେଉଁସମୟରେଶିବଗିରିମଠରଅନେକବ୍ୟକ୍ତିଫସିଯାଇଥିଲେ, ସେତେବେଳେସେଗୁଜରାଟରମୁଖ୍ୟମନ୍ତ୍ରୀଥିଲେ, ମଠତାଙ୍କୁଫସିରହିଥିବାଲୋକଙ୍କୁସୁରକ୍ଷିତଭାବରେବାହାରକରିବାରଦାୟିତ୍ୱଦେଇଥିଲା

# ଇରାନର ଗୁପ୍ତ ବଙ୍କରରେ ୟୁରାନିୟମ



ତେହେରାନ: ଗତ ସପ୍ତାହରେ ଆମେରିକାର ଇରାନର ପରମାଣୁ କେନ୍ଦ୍ର ଗୁଡ଼ିକ ଉପରେ ବଙ୍କର ବଷ୍ଟର ବୋମା ପକାଇ ସେଗୁଡ଼ିକୁ ନଷ୍ଟ କରିଦେଇଥିଲା । କିନ୍ତୁ ତାପୂର୍ବରୁ ହିଁ ଇରାନ ଏକ ବଡ଼ ଖେଳକରିଦେଇଥିଲା ।ଏସବୁ ପରମାଣୁ କେନ୍ଦ୍ରରେ ଥିବା ପ୍ରାୟ ୪୦୦ ଗ୍ରାମୟୁରାନିୟମର ପତ୍ତା ମିଳୁନାହିଁ । ତାହାକୁ ଆକ୍ରମଣ ପୂର୍ବରୁ ଇରାନ ଏକ ସୁରକ୍ଷିତ ସ୍ଥାନକୁ ନେଇଯାଇଥିବା ମନେ କରାଯାଉଛି ।

ଏବେ କେହି ଜାଣିନାହାଁନ୍ତି ଯେ ଏହି ୪୦୦ କିଲୋଗ୍ରାମୟୁରାନିୟମ୍ ଭଣ୍ଡାର କେଉଁଠି ଅଛି । ଏହି ଖବର ଆମେରିକା ସମେତ ସମଗ୍ର ବିଶ୍ୱରେ ଉତ୍ତେଜନା ବୃଦ୍ଧି କରିଛ । ଏତେ ପରିମାଣରୟୁରାନିୟମ୍ ଭଣ୍ଡାରରୁ ୧୦ଟି ପରମାଣୁ ଅସ୍ତ୍ର ତିଆରି ହୋଇପାରିବ । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବିସି ନ୍ୟୁଜକୁ କହିଛନ୍ତି ଯେ ଗତ ସପ୍ତାହରେ ଆମେରିକା ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନରେ ତିନୋଟି ଇରାନ ପରମାଣୁ ସ୍ଥାନ ଉପରେ ଛଅଟି 'ବଙ୍କର୍ ବଷ୍ଟର୍' ବୋମା ପକାଇବା ପରେ ଏହି ୬୦ ପ୍ରତିଶତ ସମୃଦ୍ଧୟୁରାନିୟମ୍ ହଜିଯାଇଛି । ଏହିୟୁରାନିୟମକୁ ୯୦% ପର୍ଯ୍ୟନ୍ତ ସମୃଦ୍ଧ କରି ପରମାଣୁ ଅସ୍ତ୍ର ତିଆରି କରାଯାଇପାରିବ ।

ରିପୋର୍ଟ ଅନୁଯାୟୀ, ଆମେରିକା ଆକ୍ରମଣ ପୂର୍ବରୁ ଇରାନୟୁରାନିୟମର ସେହି ଭଣ୍ଡାର ଏବଂ କିଛି ଉପକରଣକୁ ଏକ ଗୁପ୍ତ ସ୍ଥାନକୁ ସ୍ଥାନାନ୍ତର କରିଥାଇପାରେ ।ଇସ୍ରାଏଲୀ ଅଧିକାରୀମାନେ ନ୍ୟୁୟର୍କ ଟାଇମ୍ସକୁ କହିଛନ୍ତି ଯେ ଆକ୍ରମଣ ପୂର୍ବରୁ ଫୋର୍ଡୋ ପରମାଣୁ ସ୍ଥାନ ବାହାରେ ୧୬ଟି ଟ୍ରକର ଏକ ଧାଡ଼ି ଦେଖାଯାଇଥିଲା । ଫୋର୍ଡୋ ପରମାଣୁ କେନ୍ଦ୍ର ଏକ ପାହାଡ଼ ତଳେ ନିର୍ମିତ ଏବଂ ଏହାକୁ କ୍ଷେପଣାସ୍ତ୍ର ଆକ୍ରମଣରୁ ସୁରକ୍ଷିତ ବୋଲି ବିବେଚନା କରାଯାଏ ।

# ଚଳନ୍ତା ବିମାନରେ ୭ ଯାତ୍ରୀ ଅଚେତ

ମୁମ୍ବାଇ : ପୁଣି ଏୟାର ଇଣ୍ଡିଆକୁ ନେଇ ଆସିଲା ବଡ଼ ଖବର । ମଝି ଆକାଶରେ ଅସୁସ୍ଥ ହେଲେ ଯାତ୍ରୀ । ବିମାନର କ୍ରିୟୁ ମେମ୍ବରଙ୍କ ସମେତ ଯାତ୍ରୀ ଅସୁସ୍ଥ ହୋଇପଡିଲେ । ଲଣ୍ଡନରୁ ମୁମ୍ବାଇ ଆସୁଥିବା ବିମାନରେ ଅଭାବନୀୟ ଘଟଣା ଛ ୨ କ୍ରିୟୁ ମେମ୍ବର ଏବଂ ୫ ଜଣ ଯାତ୍ରୀଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହେବା ପରେ ସେମାନେ ଅସୁସ୍ଥ ହୋଇପଡିଥିଲେ । ତେବେ ଲଣ୍ଡନରୁ ମୁମ୍ବାଇ ଅଭିମୁଖେ ଉଡାଣ ଭରିଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୧୩୦ ମୁମ୍ବାଇ ଆସୁଥିବା ବେଳେ ହଠାତ୍ କିଛି ଯାତ୍ରୀଙ୍କ ସମେତ କ୍ରିୟୁ ସଦସ୍ୟଙ୍କର ମୁଣ୍ଡ ବୁଲାଇଥିଲା ଏବଂ ପରେ ପରେ ବାନ୍ତି ମଧ୍ୟ ହୋଇଥିଲା ଛ ମେଡିକାଲ ଟିମ୍ ସେମାନଙ୍କ ପ୍ରାଥମିକ ଚିକିତ୍ସା କରିଥିବା ବେଳେ ବିମାନଟି ଯାତ୍ରା ଜାରି ରଖିଥିଲା । ଆଉ ମୁମ୍ବାଇ ବିମାନ ବନ୍ଦରରେ ଅବତରଣ ପରେ ୨ ଜଣ ଯାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ମେଡିକାଲ ରୁମରେ ଭର୍ତ୍ତି କରାଯାଇଥିଲେ ହେଁ ସୁସ୍ଥ ଅନୁଭବ କରିବା ପରେ ସେମାନଙ୍କୁ ଡିସଚାର୍ଜ କରାଯାଇଛି ।

ତେବେ ହଠାତ୍ ଚଳନ୍ତା ବିମାନରେ ଏମିକି କାହିଁକି ହେଲା ତାର କାରଣ ଜଣାପଡିନଥିବା ବେଳେ କୁହାଯାଉଛି ଯେ- ବିଷାକ୍ତ ଖାଦ୍ୟ ପାଇଁ ଏମିତି ହୋଇ ଥାଇପାରେ ଛ ଅବା ବିମାନରେ ଅମ୍ଳଜାନର ଅଭାବ ଯୋଗୁଁ ବାନ୍ତି ଏବଂ ମୁଣ୍ଡ ବୁଲାଉଥିବା ଭଳି ପରିସ୍ଥିତି ଉପୁଜିଥାଇପାରେ ।।

## ଇରାନରୁ ଫେରିଲେଣି ୨୨୯୫ ଭାରତୀୟ



ନୂଆଦିଲ୍ଲୀ: ଯୁଦ୍ଧ ଭୂମିରୁ ଜୀବନ ନେଇ ଫେରିଲେ ଭାରତୀତ ଛ ନିଜ ଦେଶରେ ପହଞ୍ଚିବା ପରେ ଶାନ୍ତିରେ ନିଃଶ୍ୱାସ ମାରିଲେ ଆଉ ତ୍ରିରଙ୍ଗା ଲହରାଇ ଗର୍ବର ସହ କହିଲେ ଆମେ ଭାରତୀୟ । ହଁ ଆଜ୍ଞା, ଇରାନ-ଇସ୍ରାଏଲ ଯୁଦ୍ଧ ଭିତରେ ଫସିଥିବା ଭାରତୀୟ ଯେତେବେଳେ ନିଜ ମାଟିକୁ ଫେରି ଆସିଛନ୍ତି ସେତେବେଳେ କିଛି ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ।।ଏମିତି ଲାଗୁଛି ସତେ କି ସେମାନେ ନୂଆ ଜୀବନ ଫେରି ପାଇଲେ ।।ନୁହେଁ ବା କେମିତି- ଯୁଦ୍ଧ ଭୂମିରେ ରହି ଜୀବନକୁ ସୁରକ୍ଷିତ କରିବା ମୁସ୍କିଲ ଆଉ ଏପରି ସ୍ଥଳରେ ଦେବଦୂତ ସାଜୁଛି ଅପରେସନ୍ ସିନ୍ଧୁ ଛ ଇରାନ-ଇସ୍ରାଏଲ ଯୁଦ୍ଧ ଭିତରେ ଫସିଥିବା ଭାରତୀୟଙ୍କ ପାଇଁ ନୂଆ ଆଶା ପାଲଟିଛି ଏହି ଅପରେସନ ସିନ୍ଧୁ । ଯୁଦ୍ଧ ଭୂମିରୁ ଫେରୁଛି ଜୀବନ ।

ଅପରେସନ ସିନ୍ଧୁ ଜରିଆରେ ଇରାନରୁ ସ୍ୱଦେଶ ଫେରୁଛନ୍ତି ଭାରତୀୟ ଛ ସୋମବାର ୨୯୨ଜଣ ଭାରତୀୟଙ୍କୁ ଇରାନରୁ ସୁରକ୍ଷିତ ଭାବେ ଦିଲ୍ଲୀରେ ପହଞ୍ଚିଛନ୍ତି । ସ୍ୱତନ୍ତ୍ର ବିମାରେ ସେମାନେ ସ୍ୱଦେଶ ଫେରିବା ପରେ ଶାନ୍ତିରେ ନିଶ୍ୱାସ ନେଇଛନ୍ତି । ବିମାନ ବନ୍ଦରରେ ପହଞ୍ଚିବା ପରେ କିଏ ଭାରତ ମାତା କି ଜୟ କହୁଛି ତ ଆଉ କିଏ ମାଟିକୁ ମୁଣ୍ଡିଆ ମାରୁଥିବା ଦେଖିବାକୁ ମିଳିଛି । ୨୯୨ ଜଣଙ୍କ ମଧ୍ୟରୁ ୧୯୦ଜଣ କାଶ୍ମୀରର ହୋଇଥିବା ଜଣାପଡ଼ିଛି । ଦିଲ୍ଲୀ, ହରିୟାଣା ଓ କର୍ଣ୍ଣାଟକର ମଧ୍ୟ ଅନେକ ଲୋକ ଅଛନ୍ତି । ଏହା ପୂର୍ବରୁ ୧୯ ତାରିଖରେ ୧୧୦ଜଣଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଅଣାଯାଇଥିଲା । ତେବେ ଇରାନରୁ ମୋଟ ୨୨୯୫ ଜଣ ଭାରତୀୟ ସ୍ୱଦେଶ ଫେରିଲେଣି । ସେହିପରି ୧୬୧ ଜଣଙ୍କୁ ନେଇ ଇସ୍ରାଏଲରୁ ମଧ୍ୟ ଏକ ସ୍ୱତନ୍ତ୍ର ବିମାନ ଦିଲ୍ଲୀରେ ପହଞ୍ଚିଛି । ଇସ୍ରାଏଲରେ ଫସିଥିବା ଭାରତୀୟ ନାଗରିକ ନିଜ ମାଟିକୁ ଫେରିବା ପରେ ଭଗବାନଙ୍କୁ ଧନ୍ୟବାଦ ଦେଇଛନ୍ତି ଛ ଇସ୍ରାଏଲରୁ ଫେରିଥିବା ଭାରତୀୟ ନାଗରିକ ଅରବିନ୍ଦ ଶୁକ୍ଳା କୁହନ୍ତି, ମୁଁ ମୁଁ ଗତ ବର୍ଷ ସେପେଟମ୍ବରରେ ସେଠାକୁ ଯାଇଥିଲି । ସେଠାରେ ଏବେ ପରିସ୍ଥିତି ଭାଲ ନାହିଁ ।।ଆମେ ଆମ ମୁଣ୍ଡ ଉପରେ କ୍ଷେପଣାସ୍ତ୍ର ଯାଉଥିବାର ଦେଖିଛୁ । ସେଠାରେ ପ୍ରତି ମୁହୂର୍ତ୍ତ ଭୟଙ୍କର । ଆମେ ହଷ୍ଟେଲରେ ରହୁ, ସାରା ରାତି ସାଇରନ ଶୁଣୁ । ଭୟ ଲାଗେ, ମିସାଇଲ୍ ମାଡ ହେବା ପୂର୍ବରୁ ଆମେ ବଙ୍କରକୁ ଦୌଡ଼ି ପଳାଉ ।

# ଦାମ୍ପତ୍ୟ ଜୀବନରେ କଳଙ୍କ : ୧୧୫ ଦିନରେ ୩୦ ସ୍ତ୍ରୀଙ୍କୁ ହତ୍ୟା

ରାୟପୁର: ଇନ୍ଦୋରର ରାଜା ରଘୁବଂଶୀ ହତ୍ୟା ମାମଲାରେ ସୋନମ ରଘୁବଂଶୀଙ୍କ ଗିରଫଦାରୀ ପରେ, ଦେଶରେ ସ୍ତ୍ରୀମାନଙ୍କ ଉପରେ ମିମ୍ ଭାଇରାଲ ହେବା ଆରମ୍ଭ ହୋଇଥିଲା । ସ୍ୱାମୀଙ୍କ ଅବସ୍ଥା ଉପରେ ପ୍ରଶ୍ନ ଉଠିବା ଆରମ୍ଭ କରିଥିଲା । କିନ୍ତୁ ଛତିଶଗଡ଼ରୁ ଏକ ଆଶ୍ଚର୍ଯ୍ୟଜନକ ଖବର ଆସିଛି । ରାଜ୍ୟରେ ଗତ ୧୧୫ ଦିନରେ ୩୦ଜଣ ମହିଳାଙ୍କୁ ସେମାନଙ୍କ ସ୍ୱାମୀ ହତ୍ୟା କରିଛନ୍ତି । ଏହାର ଅର୍ଥ ହେଉଛି ପ୍ରତି ଚାରି ଦିନରେ ଗୋଟିଏ ହତ୍ୟା ଘଟିଛି ।

ଇନ୍ଦୋରରେ, ସୋନମ ରଘୁବଂଶୀ ନାମକ ଜଣେ ନବବିବାହିତାଙ୍କୁ ତାଙ୍କ ସ୍ୱାମୀ ରାଜାଙ୍କୁ ହତ୍ୟା କରିବା ଅଭିଯୋଗରେ ଗିରଫ କରାଯାଇଛି । ଏହି ଘଟଣା ପରେ, ସୋସିଆଲ ମିଡିଆରେ ସ୍ତ୍ରୀମାନଙ୍କୁ ନେଇ ନକାରାତ୍ମକ ମନ୍ତବ୍ୟ ପ୍ରଦାନ କରାଯାଇଥିଲା । ସେମାନଙ୍କୁ ଠକ ଏବଂ ଅପରାଧୀ ବୋଲି କୁହାଯାଇଥିଲା । କିନ୍ତୁ ଏହି ସମସ୍ତ ଚର୍ଚ୍ଚା ମଧ୍ୟରେ, ଛତିଶଗଡ଼ ପୁଲିସର ରେକର୍ଡ ଭିନ୍ନ କାହାଣୀ କହୁଛି । ଏହି ରେକର୍ଡ ଦର୍ଶାଉଛି ଯେ, ସେଠାରେ ପରିସ୍ଥିତି କେତେ ଭୟଙ୍କର ।

ଧମତାରିର ଏକ ଦମ୍ପତି ମାତ୍ର ତିନି ମାସ ପୂର୍ବରୁ ବିବାହ କରିଥିଲେ । ଜୁନ୍ ୭ ତାରିଖରେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କ ସହ ଏକ ଫଟୋ ପୋଷ୍ଟ କରି ତାଙ୍କ ପ୍ରେମ ପ୍ରକାଶ କରିଥିଲେ । ତିନି ଦିନ ପରେ, ସେ ଏକ ଦାଆ ସାହାଯ୍ୟରେ ସ୍ତ୍ରୀଙ୍କ ଗଳା କାଟି ହତ୍ୟା କରିଥିଲେଛ ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, 'ଅଭିଯୁକ୍ତ ସ୍ୱାମୀ ଧନେଶ୍ୱର ପଟେଲ ତାଙ୍କ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରୁଥିବାରୁ ତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ।

ଆଉ ଏକ ମାମଲା ବାଲୋଦରେ ଘଟିଛି । ମାର୍ଚ୍ଚ ୨୨ ତାରିଖରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା । ଜଣେ ସ୍କୁଲ ଶିକ୍ଷୟିତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା କିନ୍ତୁ ତଦନ୍ତରୁ ଜଣାପଡିଛି ଯେ, ସ୍ୱାମୀ ଶିଷପାଲ ଏବଂ ତାଙ୍କ ବନ୍ଧୁ ଏହି ହତ୍ୟା କରି ଏହାକୁ ଏକ ଦୁର୍ଘଟଣା ଭଳି ଦେଖାଇଛନ୍ତି । ଜଣେ ପୁଲିସ ଅଧିକାରୀ ଯୋଗେଶ ପଟେଲ କହିଛନ୍ତି, ଅଭିଯୁକ୍ତଙ୍କ ପରିଚିତ କାୟାମୁଦ୍ଦିନ ପଚରାଉଚରା ସମୟରେ କହିଥିଲେ ଯେ, ହତ୍ୟା ପୂର୍ବରୁ ଯୋଜନାବଦ୍ଧ ଥିଲା ।

ଛତିଶଗଡ଼ରେ ସ୍ତ୍ରୀ ହତ୍ୟାର ୩୦ଟି ମାମଲା ମଧ୍ୟରୁ୧୦ରୁ ଅଧିକ ମାମଲା ସନ୍ଦେହ କିମ୍ବା ଈର୍ଷା ଯୋଗୁ ଘଟିଛି । ୬ ଟି ମାମଲା ମଦ୍ୟପାନ କରିବା ପରେ ଘଟିଥିଲା । ଦୁଇଟି ମାମଲା ଯୌନ ସମ୍ପର୍କ ରଖିବାକୁ ମନା କରିବା ଯୋଗୁ ଘଟିଛି । ଅନ୍ୟ ମାମଲା ଘରୋଇ ହିଂସା, ଯୌତୁକ ବିବାଦ ଅବା ବୈବାହିକ ଉତ୍ତେଜନା ଯୋଗୁ ଘଟିଛି ।

ସ ମ ା ଜ ଶ ା ସ୍ତ୍ର ୀ ମ ା ନେ ସୋସିଆଲ ମିଡିଆରେ ପ୍ରସାରିତ ଭୁଲ୍ ସୂଚନାକୁ ସମାଲୋଚନା କରିଛନ୍ତି । ସେମାନେ କହିଛନ୍ତି, ହନିମୁନ୍ କାଣ୍ଡ ଦ୍ୱାରା ଦେଖାଦେଇଥିବା କ୍ରୋଧ ପୁରୁଷପ୍ରଧାନ ସମାଜ ଯୋଗୁ ସୃଷ୍ଟି ହୋଇଛି । ପୁରୁଷମାନେ ହଜାର ହଜାର ହତ୍ୟା କରୁଛନ୍ତି, କିନ୍ତୁ ଯଦି ଜଣେ ମହିଳା ଏହା କରୁଛନ୍ତି, ତେବେ ସମଗ୍ର ମହିଳା ସମାଜକୁ ଦୋଷ ଦିଆଯାଉଛି ।

ଛତିଶଗଡ଼ର ପରିସଂଖ୍ୟାନ ଦର୍ଶାଉଛି ଯେ, ଆମକୁ ଏହାକୁ ନେଇ ପରିହାସ କରିବା ଉଚି ନୁହେଁ, ବରଂ କଥା ହେବା, ସାହାଯ୍ୟ କରିବା ଏବଂ ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ ।

# ଲିଡ୍ସ ଟେଷ୍ଟ : ମ୍ୟାଚ୍ ଛଡାଇ ନେଲା ଇଂଲଣ୍ଡ



ନୂଆଦିଲ୍ଲୀ,୨୪।୬(ଏଜେନ୍ସି):ଲିଡ୍ସ ଟେଷ୍ଟରେ ଧମାକାଦାର ବିଜୟ ହାସଲକରିଛି ଇଂଲଣ୍ଡ । ୨ୟ ଇନିଂସରେ ଜମାଣିଆ ଓପନିଂ ପାର୍ଟନରସିପ୍ ସହ ମଧ୍ୟମ କ୍ରମରେ ଅଭିଜ୍ଞ ଜୋ ରୁଟଙ୍କ ଉପଯୋଗୀ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ୫ ଓ୍ୱିକେଟ୍ ବ୍ୟବଧାନରେ ଭାରତକୁ ଧରାଶାୟୀ କରିଛି ।ଉଭୟଇନିଂସ୍ ୪ଜଣ ଭାରତୀୟ ବ୍ୟାଟର(ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଶୁଭମନ ଗିଲ ଓ ରିଷଭ ପନ୍ତ)ଙ୍କ ଶତକୀୟ ଇନିଂସ ବ୍ୟର୍ଥ ଯାଇଛି । ବୋଲରଙ୍କ ବିଫଳତା ଯୋଗୁଁ ଭାରତକୁ ବହୁମୂଲ୍ୟ ଦେବାକୁ ପଡିଛି । ମ୍ୟାଚର ପଞ୍ଚମ ଦିନ ୩୭୧ରନର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଅତିକ୍ରମ କରି ଏକାଧିକ କୀର୍ତ୍ତିମାନର ଅଧିକାରୀ ହୋଇଛି । ପୂର୍ବରୁ ୨୦୨୨ରେ ଇଂଲଣ୍ଡ ଦଳ ଭାରତ ବିପକ୍ଷ ୩୭୮ ରନ୍‌ର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରି ନେଇଥିଲା । ଏହା ଇଂଲଣ୍ଡର ଦ୍ୱିତୀୟ ସର୍ବାଧିକ ରନକୁ ପିଛା କରି ବିଜୟ ।

ଏହି ମ୍ୟାଚରେ ଭାରତ ପ୍ରଥମ ପାଳିରେ ୪୭୧ରନ୍ ଓ ଦ୍ୱିତୀୟ ପାଳିରେ ୩୬୪ରନ କରିଥିଲା । ତେଣୁ ଇଂଲଣ୍ଡ ସମ୍ମୁଖରେ ୩୭୧ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଇଂଲଣ୍ଡ ପ୍ରଥମ ପଳିରେ ୪୬୫ରନ୍ କରି ପାଳି ପଛୁଆ ରହିଥିଲା । କିନ୍ତୁ ଦ୍ୱିତୀୟ ପାଳିରେ ୮୨ ଓଭରରେ ୩୭୩/୫ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଥିଲା । ୬୨ ଓ ୧୪୯ରନ୍ ହାସଲ କରିଥିବା ବେନ୍ ଡକେଟଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା । ତେନ୍ଦୁଲକର-ଆଣ୍ଡରସନ୍ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଜିତି ଇଂଲଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଶୃଙ୍ଖଳାରେ ଇଂଲଣ୍ଡ ୧୨ ପଏଣ୍ଟ ହାସଲ କରିଥିବା ବେଳେ ଭାରତ ପରାଜୟରୁ ଅଭିଯାନ ଆରମ୍ଭ କରିଛି ।

ଚତୁର୍ଥ ଦିନର ଅସମାପ୍ତ ଇନିଂସ୍ ୨୧ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା । ମ୍ୟାଚ୍ ଜିତିବା ପାଇଁ ଇଂଲଣ୍ଡକୁ ଦିନ ତମାମର ୯୦ଓଭରାରେ ୩୫୦ରନ୍‌ର ଆବଶ୍ୟକତା ଥିଲା । ତେଣୁ ଦଳ ଏକ ଭଲ ମୁଳଦୂଆ ଖୋଜୁଥିଲା । ଜ୍ୟାକ୍ କ୍ରାଓଲୀ ଓ ବେନ୍ ଡକେଟଙ୍କ ମଧ୍ୟରେ ୧୮୮ରନର ପାର୍ଟନରସିପ ହେବାକୁ ଇଂଲଣ୍ଡ ପାଇଁ ବିଜୟ ସହଜ ହୋଇପାରି ଥିଲା । କ୍ରାଓ୍ୱଲୀ ୧୨୬ ବଲରୁ ୬୫ରନ ଓ ବେନ ଡକେଟ୍ ୧୭୦ ବଲରୁ ୧୪୯ରନ୍ କରିଥିଲେ । ଏହାପରେ ଜୋ ରୁଟ୍ ୮୪ ବଲରୁ ୫୩ରନ୍ ତଥା ବେନ୍ ଷ୍ଟୋକ୍ସ ୩୩ରନ୍, ଜେମି ସ୍ମିଥ୍ ଅପରାଜିତ ୪୪ରନ୍ କରି ମ୍ୟାଚ୍ ଫିନିସ୍ କରିଥିଲେ । ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ସାର୍ଦ୍ଦୁଲ ଠାକୁର ୨ଟି ଲେଖାଏଁ ଏବଂ ରବୀନ୍ଦ୍ର ଜାଡେଜା ଗୋଟିଏ ଓ୍ୱିକେଟ ସଫଳତା ହାସଲ କରିଥିଲେ । ଦ୍ରୁତ ବୋଲର ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଆଦୌ ଓ୍ୱିକେଟ ସଫଳତା ହାସଲ କରିପାରି ନଥିଲେ । ଫଳରେ ବଡ ଟାର୍ଗେଟ୍ ସେଟ୍ ସତ୍ତ୍ୱେ ଭାରତକୁ ନିରାଶା ହାତ ଲାଗିଛି ।

## ପ୍ରଣତୀ, ସାତ୍ତ୍ୱିକଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୨୪।୬ (ସବ୍ୟୁ) : ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା କ୍ରୀଡ଼ାବିତ ପ୍ରଣତୀ ନାୟକ ଏବଂ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍‌ରେ ସଫଳତା ଅର୍ଜନ କରିଥିବା ସାତ୍ତ୍ୱିକ ସ୍ୱାଇଁଙ୍କୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରଣତୀ ନାୟକଙ୍କୁ ୭୫ ହଜାର ଟଙ୍କା ଏବଂ ସାତ୍ତ୍ୱିକ ସ୍ୱାଇଁଙ୍କୁ ୩୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଭୟ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ ।

ଭବିଷ୍ୟତରେ ଏହିପରି ବିଜୟର ଜୟଯାତ୍ରା ଜାରି ରଖିବା ପାଇଁ ଉଭୟ କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ପ୍ରଦାନ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅଶୋକ କୁମାର ପଣ୍ଡା, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଡକେଟ୍-କ୍ରାଉଲିଙ୍କ ରେକର୍ଡ ପାର୍ଟନରସିପ୍

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଲିଡ୍ସରେ ଭାରତ ବିପକ୍ଷରେ ଖେଳାଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଇଂଲଣ୍ଡର ଦୁଇ ଓପନର ଅନେକ ରେକର୍ଡ ନିଜ ନାଁରେ କରିଛନ୍ତି । ବେନ୍ ଡକେଟ୍ ଏବଂ ଜ୍ୟାକ୍ କ୍ରାଉଲି ଓପନିଂ କରି ଭାରତୀୟ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ । ପ୍ରଥମ ମ୍ୟାଚର ଦ୍ୱିତୀୟ ଇନିଂସରେ ପ୍ରଥମ ଓ୍ୱିକେଟ୍ ପାଇଁ ୧୮୮ ରନର ବହୁମୂଲ୍ୟ ଭାଗିଦାରୀ କରିଥିଲେ । ଏହା ଟିମ୍ ଇଣ୍ଡିଆ ବିପକ୍ଷରେ ଟେଷ୍ଟ କ୍ରିକେଟରେ ଚତୁର୍ଥ ପାଳିରେ ସବୁଠୁ ବଡ଼ ଓପନିଂ ପାର୍ଟନରସିପ । ପୂର୍ବରୁ ଏହି ରେକର୍ଡ ଓ୍ୱେଷ୍ଟଇଣ୍ଡିଜର ଏଲନ୍‌ରେ ଓ ଜ୍ୟାଫ୍ରେ ଷ୍ଟଲମେୟରଙ୍କ ନାଁରେ ଥିଲା । ଦୁହେଁ ୧୯୫୩ରେ ଭାରତ ବିପକ୍ଷରେ ଚତୁର୍ଥ ଇନିଂସରେ ପ୍ରଥମ ଓ୍ୱିକେଟ୍ ପାଇଁ ୧୪୨ ରନ୍ ଅପରାଜିତ ପାର୍ଟନରସିପ କରିଥିଲେ ।

ଏହା ବାଦ୍ ଏହି ଦୁଇ ଖେଳାଳି ୨୦୨୨ ପରଠାରୁ ଟେଷ୍ଟରେ ସର୍ବାଧିକ ଶତକୀୟ ଓପନିଂ ଭାଗିଦାରୀ କରିଛନ୍ତି । ଦୁହେଁ ଚାରି ଥର ଏହା କରି ଦେଖାଇଛନ୍ତି । ଏହି ସୂଚୀରେ ଦ୍ୱିତୀୟ ସ୍ଥାନରେ ଚାରି ଯୋଡ଼ି ଅଛନ୍ତି । ପାକିସ୍ତାନର ଅବଦୁଲା ସଫିକ୍ ଓ ଇମାମ ଉଲ୍ ହକ୍, ନ୍ୟୁଜିଲାଣ୍ଡର ଦେବନ କନେଓ୍ୱ ଓ ଟମ୍ ଲାଥମ, ଭାରତର ଯଶସ୍ୱୀ ଜୟସ୍ୱାଲ ଓ ରୋହିତ ଶର୍ମା, ଅଷ୍ଟ୍ରେଲିଆର ଉସ୍ମାନ ଖ୍ୱାଜା ଓ ଡେଭିଡ୍ ଓ୍ୱାର୍ଣ୍ଣର । ଏହି ସବୁ ଯୋଡ଼ି ୨୦୨୨ ପରଠୁ ତିନି ତିନି ଥର ଲେଖାଏଁ ଟେଷ୍ଟ ଓପନିଂରେ ଶତକୀୟ ପାର୍ଟନରଶିପ୍ କରିଥିଲେ । ଏହା ବ୍ୟତୀତ ୨୦୦୦ରୁ ଏହା ସର୍ବଶ୍ରେଷ୍ଠ ଓପନିଂ ପାର୍ଟନରସିପ୍ । ଏହି ଦୁଇ ଖେଳାଳି ଦମଦାର ବ୍ୟାଟିଂ କରି ଇଂଲଣ୍ଡର ପଲ୍ଲା ଭାରି କରିଛନ୍ତି ।

ବ୍ୟାଟିଂରେ ବେନ୍ ଡକେଟ୍ ନିଜ ନାଁରେ ଆଉ ଏକ ଉପଲବ୍ଧି କରିଥିଲେ । ଇଂଲଣ୍ଡର ଏହି ଖେଳାଳି ୨୦୨୨ ଡିସେମ୍ବର ପରଠାରୁ ୧୮ ଥର ୫୦ରୁ ଅଧିକ ରନ୍ କରିଛନ୍ତି । ସେ ଅନ୍ତର୍ଜାତୀୟ ଟେଷ୍ଟ କ୍ରିକେଟରେ ଓପନର ଭାବରେ ସର୍ବାଧିକ ୫୦ ରନ୍ କରିଛନ୍ତି । କେବଳ ଏହା ବ୍ୟତୀତ ବେନ୍ ଡକେଟ୍ ଏବଂ ଜ୍ୟାକ୍ କ୍ରାଉଲି ଭାରତ ବିପକ୍ଷରେ ୬ ଥର ୫୦ ରନରୁ ଅଧିକ ଓପନିଂ ପାର୍ଟନରଶିପ୍ କରିଛନ୍ତି । ଚତୁର୍ଥ ଇନିଂସରେ ଜ୍ୟାକ୍ କ୍ରାଉଲି ୬୫ ରନ୍ କରିଥିଲେ । ତେବେ ଏହି ଇନିଂସରେ ତାଙ୍କୁ ୭ଟି ସୁଯୋଗ ମିଳିଥିଲା । ଅନ୍ୟପଟେ ବେନ୍ ଡକେଟ୍ ନିଜର ଶତକ ପୂରଣ କରି ୧୪୯ ରନରେ ଆଉଟ୍ ହୋଇଥିଲେ ।

# ଇତିହାସ ରଚିଲେ ପନ୍ତ



ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି) : ଭାରତର ୱିକେଟରକ୍ଷକ ରିଷଭ ପନ୍ତ ଜମାଣିଆ ଫର୍ମରେ ଅଛନ୍ତି । ଗତ ସୋମବାର ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ୪ର୍ଥ ଦିନ ଶତକ ହାସଲ କରିଥିଲେ । ସେ ପ୍ରଥମ ଭାରତୀୟ ୱିକେଟକିପର ଭାବେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି । ପ୍ରଥମ ଇନିଂସରେ ସେ ୧୩୪ ରନର ଦର୍ଶନୀୟ ଇନିଂସ ଖେଳିଥିଲେ ।

ଏତଦ୍‌ବ୍ୟତୀତ ପନ୍ତ ଇଂଲଣ୍ଡରେ ଲଗାତାର ୫ମ ଥର ଶତକୀୟ ପାଳି ଖେଳି ଏଲିଟ ଭ୍ରମଣକାରୀ ବ୍ୟାଟରଙ୍କ ତାଲିକାରେ ସ୍ଥାନ ପାଇଛନ୍ତି । ଏହି ସମ୍ମାନଜନକ ତାଲିକାରେ ଡନ୍ ବ୍ରାଡ୍‌ମ୍ୟାନ୍, ହାନ୍ସି କ୍ରୋନିଏ, ଶିବନାରାୟଣ ଚନ୍ଦ୍ରପାଲ, କୁମାର ସାଙ୍ଗାକାରା ଓ ଡାର୍ଲି ମିଚେଲ୍‌ଙ୍କ ଭଳି ଖେଳାଳି ରହିଛନ୍ତି । ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଲଗାତାର ୭ଟି ଇନିଂସ୍‌ରେ ୫୦ରୁ ଊର୍ଦ୍ଧ୍ୱ ସ୍କୋର ସହ ଏହି ତାଲିକାର ଶୀର୍ଷରେ ରହିଛନ୍ତି । କ୍ରିକେଟ ଇତିହାସରେ ପନ୍ତଙ୍କ ପୂର୍ବରୁ କେବଳ ଜିମ୍ବାୱେର ଆଣ୍ଡି ଫ୍ଲାୱାର ଏକମାତ୍ର ୱିକେଟକିପର ବ୍ୟାଟର ଭାବେ ଟେଷ୍ଟ ମ୍ୟାଚର ଉଭୟ ଇନିଂସରେ ଶତକ ହାସଲ କରିଥିଲେ । ପନ୍ତଙ୍କ ପୂର୍ବରୁ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ବିଜୟ ହଜାରେ, ସୁନୀଲ ଗାଭାସ୍କର, ରାହୁଲ ଦ୍ରାବିଡ, ବିରାଟ କୋହଲି, ଆଜିଙ୍କ୍ୟ ରାହାଣେ, ରୋହିତ ଶର୍ମା ଟେଷ୍ଟ ମ୍ୟାଚର ଉଭୟ ଇନିସରେ ଶତକ ହାସଲ କରିଥିଲେ ।

## ପନ୍ତଙ୍କୁ ଦଣ୍ଡିତ କଲା ଆଇସିସି

ଲିଡ୍ସ, ୨୪।୬ (ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଦୁଇଟି ଇନିଂସରେ ଶତକ ହାସଲ କରିଥିବା ରିଷଭ ପନ୍ତଙ୍କୁ ଆଇସିସି ଦଣ୍ଡିତ କରିଛି । ଅମ୍ପାୟାରଙ୍କ ନିଷ୍ପତ୍ତିକୁ ବିରୋଧ କରି ପନ୍ତ ଅସନ୍ତୋଷ ବ୍ୟକ୍ତ କରିଥିବାରୁ ଆଇସିସି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି । ପଡ଼ିଆ ମଝିରେ ସେ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ବିରୋଧ କରି ବଲ୍ ଫିଙ୍ଗି ଦେଇଥିଲେ । ଏଣୁ ଆଇସିସି ତାଙ୍କୁ ଦଣ୍ଡିତ କରିବା ସହ ତାଗିଦ୍ କରିଛି । ୨୭ ବର୍ଷୀୟ ପନ୍ତ ଆଇସିସିର ଆଚରଣବିଧି ଲେବଲ୍-୧କୁ ଉଲ୍ଲଂଘନ କରିଛନ୍ତି । ଭାରତର ଫିଲ୍ଡିଂ ବେଳେ ଅମ୍ପାୟାରଙ୍କ ସହ ବଲ୍ ବଦଳାଇବା ପାଇଁ ଜିଦ୍ ଧରିଥିଲେ ପନ୍ତ । ଏଥିପାଇଁ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମିଳିଛି । ୨୪ ମାସ ମଧ୍ୟରେ ଏହା ପନ୍ତଙ୍କ ଅପରାଧ ବୋଲି ଆଇସିସି କହିଛି ।

ପନ୍ତଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମିଳିଥିଲେ ମଧ୍ୟ ତାଙ୍କ ମ୍ୟାଚ୍ ଫି କଟାଯାଇ ନାହିଁ । କେବଳ ପନ୍ତଙ୍କୁ ତାଗିଦ୍ କରାଯାଇଛି । ପୂରା ଘଟଣା ଇଂଲଣ୍ଡ ଇନିଂସ୍‌ର ୬୧ତମ ଓଭରରେ ଘଟିଥିଲା । ହ୍ୟାରି ବ୍ରୁକ ଓ ବେନ୍ ଷ୍ଟୋକ୍ସ ବ୍ୟାଟିଂ କରୁଥିବା ସମୟରେ ବଲ୍‌ର ଅବସ୍ଥାକୁ ନେଇ ପନ୍ତ ଅମ୍ପାୟାରଙ୍କ ସହ କିଛି କଥା ହୋଇଥିଲେ । ପନ୍ତ ବଲ ବଦଳାଇବାକୁ ଚାହୁଁଥିଲେ । କିନ୍ତୁ ଏହାକୁ ଅମ୍ପାୟାର ଗ୍ରହଣ କରି ନଥିଲେ । ଏଥିରେ ରାଗିଯାଇ ପନ୍ତ ଅମ୍ପାୟାରଙ୍କ ସାମ୍ନାରେ ବଲ୍‌କୁ ତଳେ ଜୋର୍‌ରେ ଫିଙ୍ଗି ଦେଇଥିଲେ । ଖେଳ ଶେଷ ପରେ ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନ ଏହାକୁ ଗୁରୁତର ସହ ନେଇ ପନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦେଇଥିଲେ । ନିଜ ଭୁଲକୁ ପନ୍ତ ସ୍ୱୀକାର କରିଥିବାରୁ ଏହାର ବିଧିବଦ୍ଧ ଶୁଣାଣିର ଆବଶ୍ୟକତା ପଡ଼ିନାହିଁ । ପନ୍ତଙ୍କ ବିରୋଧରେ ଆଚରଣ ବିଦ୍ଧି ଉଲ୍ଲଂଘନ ପାଇଁ ଦୁଇ ଅନ୍‌ଫିଲ୍ଡ ଅମ୍ପାୟାର କ୍ରିସ୍ ଗାଫାନି ଓ ପଲ୍ ରୈଫେଲଙ୍କ ସମେତ ତୃତୀୟ ଅମ୍ପାୟାର ଇବନେ ସାହିଦ ଓ ଚତୁର୍ଥ ଅମ୍ପାୟାର ମାଇକ ବର୍ଣ୍ଣସ ଅଭିଯୋଗ ଆଣିଥିଲେ । ସାଧାରଣ ଲେବଲ୍-୧ ଅପରାଧ ପାଇଁ ଖେଳାଳିଙ୍କୁ ତାଗିଦ୍ କରାଯିବା ସହ ତାଙ୍କ ମ୍ୟାଚ୍ ଫି ୫୦% କଟାଯାଇଥାଏ । ସେହିଭଳି ଦୁଇ ଡିମେରିଟ ପଏଣ୍ଟ ମିଳେ । କିନ୍ତୁ ପନ୍ତଙ୍କ କ୍ଷେତ୍ରରେ ଏପରି କିଛି ହୋଇନାହିଁ ।

## ଫେବ୍ରୁଆରୀକୁ ଘୁଞ୍ଚିଲା ରିଙ୍କୁ-ପ୍ରିୟାଙ୍କ ବିବାହ



ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି) : ଭାରତୀୟ ଯୁବ ତାରକା ବ୍ୟାଟର ରିଙ୍କୁ ସିଂ ଓ ସମାଜବାଦୀ ପାର୍ଟିର ଯୁବ ସାଂସଦ ପ୍ରିୟା ସରୋଜଙ୍କ ବିବାହ ସମ୍ପର୍କରେ ବଡ଼ ଅପ୍‌ଡେଟ୍ ଆସିଛି । ନଭେମ୍ବର ୧୮ ରେ ବାରଣାସୀରେ ଉଭୟଙ୍କ ବିବାହ ହେବାର ଥିଲା । କିନ୍ତୁ ଏବେ ଏହି ବିବାହ ନଭେମ୍ବର ପରିବର୍ତ୍ତେ ଫେବ୍ରୁଆରୀକୁ ଘୁଞ୍ଚିଥିବା କୁହାଯାଉଛି । ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଛକା ମାରିଥିବା ରିଙ୍କୁ ସିଂଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି । ଏବେ ସେ ସମଗ୍ର ଭାରତର ପ୍ରିୟ । ରିଙ୍କୁ ସିଂ ଓ ପ୍ରିୟା ସରୋଜଙ୍କ ବିବାହ ନିର୍ବନ୍ଧ ଗତ ୮ ତାରିଖରେ ହୋଇଥିଲା । ବିବାହ ନଭେମ୍ବର ୧୮ରେ ବାରଣାସୀର ତାଜ୍ ହୋଟେଲରେ ହେବାର ଥିଲା । କିନ୍ତୁ ବର୍ତ୍ତମାନ ବିବାହ ସ୍ଥଗିତ ରଖାଯାଇଛି । ଫେବ୍ରୁଆରୀ ଶେଷ ଆଡ଼କୁ ହୋଟେଲ୍ ବୁକିଂ କରାଯାଇଛି । ଏପରି ପରିସ୍ଥିତିରେ ଉଭୟ ପରିବାର ବିବାହ ପାଇଁ ପ୍ରସ୍ତୁତି ବନ୍ଦ କରିଦେଇଛନ୍ତି ।

ଏହି ବିବାହ ସ୍ଥଗିତ ରଖିବାର କାରଣ ରିଙ୍କୁ ଜାତୀୟ ଦଳ ସହ ବ୍ୟସ୍ତ ରହିବେ ବୋଲି କୁହାଯାଉଛି । ରିଙ୍କୁଙ୍କ କ୍ରିକେଟ ସିଡ୍ୟୁଲକୁ ଦୃଷ୍ଟିରେ ରଖି ବିବାହକୁ କିଛି ମାସ ପାଇଁ ଘୁଞ୍ଚାଇ ଦିଆଯାଇଛି । ତଥାପି ଫେବ୍ରୁଆରୀ ପାଇଁ ଅନୁମତି ଦିଆଯାଇଛି । ବିବାହର ନୂତନ ତାରିଖ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ରିଙ୍କୁ ଏବଂ ପ୍ରିୟା ସରୋଜଙ୍କ ଲଭ୍ ଷ୍ଟୋରୀ ୪ ବର୍ଷ ପୂର୍ବେ ଦିଲ୍ଲୀରେ ଆରମ୍ଭ ହୋଇଥିଲା । ରିଙ୍କୁଙ୍କୁ ପ୍ରିୟାଙ୍କ ସହ କେକେଆର୍‌ର ଜଣେ ସାଥୀ ଖେଳାଳି ପରିଚୟ କରାଇଥିଲେ । ପ୍ରିୟା ନିର୍ବନ୍ଧ ପରେ ଫଟୋ ସେୟାର କରି ଲେଖିଛନ୍ତି, ୩ ବର୍ଷ ଅପେକ୍ଷା ପରେ ଆସିଥିବା ଏହି ମୁହୂର୍ତ୍ତ ମୂଲ୍ୟବାନ ।

## ବୈଭବଙ୍କୁ ପଛରେ ପକାଇଲେ ଅଭିଶେକ



ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି) : ୧୪ ବର୍ଷ ବୟସର ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ୍‌ରେ ଚମକ ଦେଖାଇ ୩୫ ବଲରେ ଶତକ ହାସଲ କରି ଧୋନୀଙ୍କୁ ପଛରେ ପକାଇଥିଲେ । ବୈଭବଙ୍କୁ ପଛରେ ପକାଇଛନ୍ତି ଆଉ ଜଣେ ଖେଳାଳି । ଦ୍ରୁତ ଶତକ ହାସଲ କରିବାରେ ଅଭିଶେକ ପାଠକ ବୈଭବଙ୍କୁ ପଛରେ ପକାଇଛନ୍ତି । ସେ ୩୩ ବଲ୍‌ରେ ଶତକ ମାରିଛନ୍ତି । ଟି-୨୦ କ୍ରିକେଟରେ ସେ ହଇଚଇ ସୃଷ୍ଟି କରିଛନ୍ତି । ସେ ଏହି ଇନିଂସରେ ୧୫ଟି ଛକା ମାରିଥିଲେ । ଅର୍ଥାତ୍ ୧୦୦ରୁ କେବଳ ୯୦ରନ୍ ଛକାରୁ ଆସିଥିଲା ।

ମଧ୍ୟପ୍ରଦେଶ କ୍ରିକେଟ ଲିଗ୍‌ରେ ପୂରା ଧମାଲ କରିଛନ୍ତି ଅଭିଶେକ ପାଠକ । ବୁନ୍ଦେଲଖଣ୍ଡ ବୁଲ୍ସ ଏବଂ ଜବଲପୁର ରୟାଲ ଲାୟନ୍ସ ମ୍ୟାଚ୍‌ରେ ଅଭିଶେକ ଏହି ରେକର୍ଡ଼ କରିଛନ୍ତି । ଏହି ମ୍ୟାଚ୍‌ରେ ମାତ୍ର ୪୮ ବଲ୍‌ରେ ୧୩୩ ରନର ଇନିଂସ୍ ଖେଳିଥିଲେ । ଯେଉଁଥିରେ ୧୫ଟି ଛକା ସହିତ ୭ଟି ଚୌକା ମାରିଥିଲେ । ବୈଭବ ୩୫ ବଲ୍‌ରେ ଶତକ ହାସଲ କରିଥିଲେ । ଏଥିରେ ୧୧ଟି ଚୌକା ଥିଲା ।

ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ଅଭିଶେକ ୩ଟି ଛକା, ୪ର୍ଥ ଓଭରରେ ୪ଟି ଛକା ମାରିଥିଲେ । ମ୍ୟାଚ୍ ସରିବା ପରେ ଅଭିଶେକ କହିଥିଲେ ୧୩ ବର୍ଷ ବୟସରୁ କ୍ରିକେଟ ଖେଳିବା ଆରମ୍ଭ କରିଥିଲି । ଗତବର୍ଷ ମୁଁ ମଧ୍ୟପ୍ରଦେଶ କ୍ରିକେଟ ଲିଗରେ ଭଲ ପ୍ରଦର୍ଶନ କରିଥିଲି । କିନ୍ତୁ ମୁଁ ଭାବୁନାହିଁ ଯେ ଶୀଘ୍ର ଆଇପିଏଲ୍ ଖେଳିପାରିବି । କେବଳ ଭଲ ପ୍ରଦର୍ଶନ ଓ ଅଧିକ ରନ୍ କରିବା ବିଷୟରେ ଚିନ୍ତା କରୁଛି ।

# ବ୍ରାଜିଲ ଅଭିନେତ୍ରୀଙ୍କୁ ଡେଟ୍ କରୁଥିଲେ କୋହଲି

ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି) : ବଲିଉଡ୍ ଓ କ୍ରିକେଟ ମଧ୍ୟରେ ସର୍ବଦା ସମ୍ପର୍କ ଯୋଡ଼ି ହୋଇ ରହିଥାଏ । ପ୍ରେମ ସମ୍ପର୍କ ମଧ୍ୟ କିଛି ନୂଆ କଥା ନୁହେଁ । ବିରାଟ କୋହଲି ଓ ଅନୁସ୍କା ଶର୍ମାଙ୍କ ଯୋଡ଼ିକୁ ପ୍ରଶଂସକ ବେଶ୍ ପସନ୍ଦ କରିଥାନ୍ତି । ପରସ୍ପରକୁ ଭଲ ପାଇବା ପରେ ଉଭୟ ୨୦୧୭ରେ ବିବାହ କରିଥିଲେ । ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି ।

କୋହଲିଙ୍କ ପ୍ରେମରେ ପଡ଼ିବା ପୂର୍ବରୁ ଅନୁସ୍କାଙ୍କ ନାମ ସହିଦ୍ କାପୁର, ଅର୍ଜୁନ କାପୁର, ରଣବୀର ସିଂ ଓ ରଣବୀର କାପୁରଙ୍କ ସହ ଯୋଡ଼ାଯାଉଥିଲା । ବିରାଟ ମଧ୍ୟ ଜଣେ ବିଦେଶିନୀଙ୍କ ପ୍ରେମରେ ପଡ଼ିଯାଇଥିଲେ । ପିଙ୍କ୍ ଭିଲାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବ୍ରାଜିଲର ଅଭିନେତ୍ରୀ ଇଜା ବେଲ୍ ଲେଇଟେଙ୍କୁ କୋହଲି ଡେଟ୍ କରୁଥିଲେ । ଲିଜା ବେଲ୍ ଦୁଇ-ତିନିଟି ବଲିଉଡ୍ ଫିଲ୍ମରେ ଅଭିନୟ କରିଛନ୍ତି । ବିଜ୍ଞାପନ ସୁଟିଂ ସମୟରେ ଉଭୟ ପରସ୍ପରକୁ ପସନ୍ଦ କରିଥିଲେ । କିନ୍ତୁ ଏହା ବେଶୀଦିନ ତିଷ୍ଠି ନଥିଲା । ଦୁଇବର୍ଷ ପରେ ଏହି ପ୍ରେମରେ ବିରାମ ଲାଗିଥିଲା । ୨୦୧୪ରେ ଇଜା ବେଲ୍ ମଧ୍ୟ କୋହଲିଙ୍କ ସହ ସମ୍ପର୍କକୁ ସ୍ୱୀକାର କରିଥିଲେ । ଏହାପରେ କୋହଲି ଓ ଅନୁସ୍କାଙ୍କ ସମ୍ପର୍କ ଗଢ଼ି ଉଠିଥିଲା ।

# ପରଲୋକରେ ପୂର୍ବତନ ସ୍ପିନର ଦିଲୀପ ଦୋଶୀ



ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି) : ଭାରତୀୟ ଦଳର ପୂର୍ବତନ ବାମହାତୀ ସ୍ପିନର ଦିଲୀପ ଦୋଶୀଙ୍କ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା । ସେ ଦୀର୍ଘବର୍ଷ ହେଲା ଲଣ୍ଡନରେ ରହୁଥିଲେ । ଗତ ସୋମବାର ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ହୃଦ୍‌ଘାତରେ ତାଙ୍କ ପରଲୋକ ହୋଇଥିବା ସୂଚନା ମିଳିଛି । ସେ ୩୨ ବର୍ଷ ବୟସରେ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିଥିଲେ । ମାତ୍ର ୪ ବର୍ଷର କ୍ୟାରିୟରରେ ଦିଲୀପ ୧୦୦ରୁ ଅଧିକ ୱିକେଟ ନେଇଥିଲେ । ସେ ହଠାତ କ୍ରିକେଟରୁ ଅବସର ନେଇଥିଲେ । ଦିଲୀପ ନିଜ କ୍ରିକେଟ କ୍ୟାରିୟର ଉପରେ ଏକ ଆତ୍ମଜୀବନୀ ସ୍ପିନ୍ ପଞ୍ଚ ଲେଖିଥିଲେ ।

୧୯୭୯ରେ ଦିଲୀପ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଖେଳି ଟେଷ୍ଟ ପଦାର୍ପଣ କରିଥିଲେ । ସେ ମୋଟ ୩୩ଟି ମ୍ୟାଚ୍ ଖେଳି ୧୧୪ ୱିକେଟ ନେଇଥିଲେ । ସେହିଭଳି ୧୫ଟି ଦିନିକିଆ ମ୍ୟାଚ୍ ଖେଳି ୨୨ଟି ୱିକେଟ ଅକ୍ତିଆର କରିଥିଲେ । ୧୯୮୩ରେ ପାକିସ୍ତାନ ବିପକ୍ଷରେ ସେ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ବେଙ୍ଗଲ ଓ ସୌରାଷ୍ଟ୍ର ପକ୍ଷରୁ ଘରୋଇ କ୍ରିକେଟ ଖେଳିଥିଲେ । ଏହାବ୍ୟତୀତ ଦିଲୀପ ଦୋଶୀ ପ୍ରଥମ ଶ୍ରେଣୀ କ୍ରିକେଟ ମଧ୍ୟ ଖେଳିଛନ୍ତି । ସୌରାଷ୍ଟ୍ର, ବେଙ୍ଗଲ, ୟର୍କସାୟାର ଓ ଲଟିଂହାମ୍ ସାୟାର ପାଇଁ କ୍ରିକେଟ ଖେଳିଥିଲେ । ଦୀର୍ଘବର୍ଷ ଧରି ସେ କାଉଣ୍ଟି କ୍ରିକେଟ ଖେଳିବା ସହ ୨୩୮ ଟି ମ୍ୟାଚ୍ ଖେଳି ୮୯୮ ୱିକେଟ ନେଇଥିଲେ ।

ଦିଲୀପଙ୍କ ପରିବାରରେ ତାଙ୍କ ପତ୍ନୀ କାଳିନ୍ଦୀ, ପୁଅ ନୟନ ଓ ଝିଅ ବିଶାଖା ଅଛନ୍ତି । ନୟନ ମଧ୍ୟ ସୌରାଷ୍ଟ୍ର ଏବଂ ସରେ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି । ଦିଲୀପ ଦୋଶୀ ତାଙ୍କ ପରିବାର ସହିତ ଏକ ଦଶନ୍ଧିରୁ ଅଧିକ ସମୟ ହେବ ଲଣ୍ଡନରେ ରହୁଥିଲେ । ଦିଲୀପ ଦୋଶୀଙ୍କ ବିୟୋଗରେ ବିସିସିଆଇ ସଭାପତି ରୋଜର ବିନି ଏବଂ ସମ୍ପାଦକ ଦେବଜିତ ସାଇକିଆ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଲାସିଫାଏଡ୍ ବିଜ୍ଞାପନ ଦେବାକୁ ଚାହୁଁଥିଲେ ଉକ୍ତ କ୍ୟୁଆର କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ଗୁଗୁଲ ପେ, ଭୀମ ପେ ଜରିଆରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୧୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୧୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି